## ଅଲ୍ଲାଃ ତାଲାଙ୍କ ବାଣୀ

يَاَيُّهَا النَّاسُ قَدْ جَآءَكُمُ الرَّسُوْلُ بِالْحَقِّ مِنْ رَّبِّكُمْ فَاٰمِنُوْا خَيْرًا لَّكُمْ ؕ وَاِنْ تَكْفُرُوْا فَاِنَّ لِلّٰهِ مَا فِي السَّمٰوٰتِ وَالْاَرْضِ (النساء:171)

ଅନୁବାଦ- ହେ ଲୋକମାନେ ! ଏହି ରସୁଲ୍ ତୁମମାନଙ୍କ ନିକଟକୁ ତୁମମାନଙ୍କ ପାଳନକର୍ତାଙ୍କ ତରଫରୁ ସତ୍ୟ ଘେନି ଆସିଛନ୍ତି; ସୁତରାଂ ତୁମେମାନେ ବିଶ୍ୱାସ କର; (ଏହା) ତୁମମାନଙ୍କ ପକ୍ଷରେ ଉତମ ହେବ; ଏବଂ ଯଦି ତୁମେମାନେ ଅବଜ୍ଞା କରିବ ତେବେ (ମନେରଖ ଯେ) ଯାହା କିଛି ଆକାଶ ଓ ପୃଥିବୀରେ ଅଛି ସେ ସବୁ ବାସ୍ତବରେ ଅଲ୍ଲାଃଙ୍କର । *(ନିସା: ୧୭୧)*


بِسْمِ اللّٰہِ الرَّحْمٰنِ الرَّحِیْمِ نَحْمَدُہٗ وَنُصَلِّیْ عَلٰی رَسُوْلِہِ الْکَرِیْمِ وَعَلٰی عَبْدِہِ الْمَسِیْحِ الْمَوْعُوْد

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 6

ସାପ୍ତାହିକ ବଦର କାଦିଆନ
Weekly BADAR Qadian Odia

ସଂଖ୍ୟା 11-12

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

18-25 ମାର୍ଚ୍ଚ 2021 | 18-25 ଅମାନ 1400 ହି.ଶ | 04-11 ଶାବାନ୍ 1442 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍ରିହି ୱ ଅମ୍ରିହି ॥

**ମଣିଷର ବଡ଼ ଆନନ୍ଦ ଯାହା କ୍ଷୟ ହୁଏନାହିଁ ଏବଂ ବିପଦ ସମୟରେ ମଣିଷକୁ ଯିଏ ସମ୍ଭାଳିଥାଏ, ତାହା ହେଉଛି ଈଶ୍ୱର ବିଶ୍ୱାସ ଏବଂ ଏହା କେବଳ ଇସ୍‌ଲାମ୍‌ର ଶିକ୍ଷା ଯେ ବାସ୍ତବିକ ଜଣେ ଈଶ୍ୱରଙ୍କ ଉପର ଭରସା କରୁ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା

ଈଶ୍ୱରଙ୍କ ଉପରେ ଭରସା କରିବା ହେଉଛି ଇସ୍‌ଲାମ୍‌ର ବୈଶିଷ୍ଟ୍ୟ । ପ୍ରକୃତ ମୁସଲମାନ ହେଉଛି ସେ ଯିଏ ସଦ୍‌କା ଅର୍ଥାତ ଦାନପୂଣ୍ୟ ଦେବା ଓ ପ୍ରାର୍ଥନା କରିବାରେ ବିଶ୍ୱାସ କରିଥାଏ । ଖ୍ରୀଷ୍ଟିଆନ୍‌ମାନେ ଏହା ଉପରେ ବିଶ୍ୱାସ ରଖନ୍ତି ନାହିଁ କାରଣ ! ସେମାନେ ଏକ ଶାରୀରିକ ଈଶ୍ୱର ତିଆରି କରିଛନ୍ତି । ମଣିଷର ବଡ଼ ଆନନ୍ଦ ଯାହା କ୍ଷୟ ହୁଏନାହିଁ ଏବଂ ବିପଦ ସମୟରେ ମଣିଷକୁ ଯିଏ ସମ୍ଭାଳିଥାଏ, ତାହା ହେଉଛି ଈଶ୍ୱର ବିଶ୍ୱାସ ଏବଂ ଏହା କେବଳ ଇସ୍‌ଲାମ୍‌ର ଶିକ୍ଷା ଯେ ବାସ୍ତବିକ ଜଣେ ଈଶ୍ୱରଙ୍କ ଉପର ଭରସା କରୁ ।

### ମାଆଙ୍କ ସେବା କରିବା

ପୂଣ୍ୟବନ୍ତ ମନୁଷ୍ୟର ପ୍ରଥମ ଅବସ୍ଥା ହେଉଛି ଏହା କି ସେ ମାଆଙ୍କୁ ସମ୍ମାନ ଦେଉ । ଅୱେସ୍ କର୍‌ନି ର:ଅଙ୍କ ନିମନ୍ତେ ବେଳେବେଳେ ରସୁଲୁଲ୍ଲାଃ ସ:ଆ:ସ ୟମନ୍ ଆଡ଼କୁ ମୁହଁ କରି କହୁଥିଲେ ଯେ ମତେ ୟମନ୍ ଦୀଗରୁ ଈଶ୍ୱରଙ୍କ ସୁଗନ୍ଧ ଆସୁଅଛି । ମହାଭାଗ ସ:ଆ:ସ ଏହା ମଧ୍ୟ କହୁଥିଲେ ଯେ ସେ (ଅର୍ଥାତ ଅୱେସ୍ କର୍‌ନି ର:ଅ) ନିଜ ମାତାଙ୍କ ସେବାରେ ଅତ୍ୟଧିକ ଜଡ଼ିତ ଥିବାରୁ ମୋତେ ଦେଖା କରିବାପାଇଁ ମଧ୍ୟ ଆସିପାରିଲେ ନାହିଁ । ଏ କଥା କେଡ଼େ ଆଶ୍ଚର୍ଯ୍ୟ ଲାଗୁଛି ଯେ ଈଶ୍ୱରଙ୍କ ଦୂତ ଅଲ୍ଲାଃଙ୍କର ଶାନ୍ତି ଓ ଆର୍ଶିବାଦ ତାଙ୍କ ଉପରେ ହେଉ, ସେ ସମୟରେ ଉପସ୍ଥିତ ଥିବା ସତ୍ୱେ ମଧ୍ୟ, ସେ (ଅୱେସ୍ କର୍‌ନି) ତାଙ୍କ ସହିତ ସାକ୍ଷାତ କରିପାରୁନାହାନ୍ତି କାରଣ ସେ ତାଙ୍କ ମାତାଙ୍କ ସେବା ଓ ଆଜ୍ଞାପାଳନ କରିବାରେ ନିୟୋଜିତ ଥିଲେ । କିନ୍ତୁ ମୁଁ ଏହା ଜାଣିଛି ଯେ ଅଲ୍ଲାଃଙ୍କ ଦୂତ ସ:ଆ:ସ ବିଶେଷରୂପେ ଦୁଇଜଣଙ୍କ ପାଇଁ ଅସ୍‌ସଲାମୁ ଆଲୈକୁମ୍ (ଅର୍ଥାତ ଶାନ୍ତିର ଶୁଭେଚ୍ଛା) ପଂହଚାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅୱେସ୍ ର:ଅଙ୍କୁ ଏବଂ ପ୍ରତିଶୃତ ମସିହ୍ ଆ:ସଙ୍କୁ । ଏହା ଏକ ଉଲ୍ଲେଖନୀୟ ପାର୍ଥକ୍ୟ ଯାହା ବିଶେଷରୂପେ ଅନ୍ୟମାନଙ୍କୁ ଦିଆଯାଇନାହିଁ । ଅତଏବ ଏହା ଉଲ୍ଲେଖ ଅଛି ଯେ ଯେତେବେଳେ ହଜ୍‌ରତ୍ ଉମର ର:ଅ ତାଙ୍କୁ ଦେଖା କରିବାପାଇଁ ଗଲେ ସେତେବେଳେ ଅୱେସ୍ ର:ଅ କହିଲେ ଯେ ମୁଁ ମୋ ମାଆଙ୍କ ସେବାରେ ଲାଗି ରହିଥାଏ ଓ ମୋ ମାଆଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଫରିସ୍ତା (ଅର୍ଥାତ ଦେବଦୂତ)ମାନେ ମୋ ଓଟଗୁଡ଼ିକୁ ଚରାନ୍ତି । ଗୋଟିଏ ପଟେ ଏପରି ଲୋକେ ଯେଉଁମାନେ ନିଜ ମାଆଙ୍କ ସେବା ଏତେମାତ୍ରାରେ କରିଛନ୍ତି ଯେ ସେମାନେ ଏପରି ଗ୍ରହଣୀୟ ଓ ଆଶୀର୍ବାଦ ପ୍ରାପ୍ତ ହୋଇଛନ୍ତି । ଅପରପକ୍ଷେ ଏପରି ଲୋକେ ଅଛନ୍ତି ଯେଉଁମାନେ ଗୋଟିଏ ଗୋଟିଏ ପଇସା ପାଇଁ ମାଲି ମୋକଦ୍ଦମା କରୁଛନ୍ତି ଏବଂ ମାଆଙ୍କ ନାମକୁ ଏପରି ଖରାପ ଶବ୍ଦ ବ୍ୟବହାର କରି ନେଇଥାନ୍ତି ଯେ ଅସଭ୍ୟ ଓ ଅବହେଳିତ ଜାତିର ଲୋକମାନେ ମଧ୍ୟ ଏପରି ଶବ୍ଦ ବ୍ୟବହାର କରିନଥାନ୍ତି । ଆମର ଶିକ୍ଷା କଣ ? ତାହା ହେଉଛି ଲୋକମାନଙ୍କୁ ଅଲ୍ଲାଃ ଏବଂ ତାହାଙ୍କ ଦୂତ ସ:ଆ:ସଙ୍କ ପବିତ୍ର ମାର୍ଗଦର୍ଶନ ବିଷୟରେ ଅବଗତ କରିବା । ଯଦି ଜଣେ ମୋ ସହିତ ସମ୍ପର୍କ ସ୍ଥାପନ କରି ଏହା ମାନିବାକୁ ଚାହୁଁନାହିଁ ତେବେ ସେ ଆମ ଜମାତ୍‌ରେ କାହିଁକି ସାମିଲ ହେଉଛି ? ଏପରି ଲୋକମାନଙ୍କ ଆଚରଣ ଦ୍ୱାରା ଅନ୍ୟମାନଙ୍କୁ ଧକ୍କା ଲାଗିଥାଏ ଫଳତଃ ସେମାନେ ଆପତି କରିଥାନ୍ତି ଯେ ଏମାନେ ଏପରି ଲୋକେ ଯେଉଁମାନେ ମାଆ ବାପାଙ୍କର ମଧ୍ୟ ସମ୍ମାନ କରୁନାହାନ୍ତି ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୬୯-୨୭୦ ମୁଦ୍ରଣ ପ୍ରକାଶନ୨୦୧୮ କାଦିୟାନ)*

**ଏହି ଆୟତରୁ ପ୍ରମାଣ ହେଉଅଛି ଯେ ନିଜ ଯମାତ୍‌ର ଲୋକମାନଙ୍କ ଉପରେ କିଛି ପରିମାଣରେ କଠୋରତା ଅବଲମ୍ବନ କରାଯାଇପାରେ । ଉଦାହରଣ ସ୍ୱରୁପ ଯଦି ଜଣେ ନିଜକୁ ଅହେମଦୀ ବୋଲାଇ ଡ଼କାୟତି କରୁଥିବ ବା ନମାଜ ପଢୁନଥିବ ତା'ହେଲେ ଏହା ଦ୍ୱାରା ସାରା ଜମାତ୍ ବଦ୍‌ନାମ୍ ହୋଇଥାଏ । ତେଣୁ ଆମର ଏ ହକ୍ ଅଛି ଯେ ଆମେ ସେହି ବ୍ୟକ୍ତିକୁ ସୁଧାରିବା ପାଇଁ ବାଧ କରିବୁ ।**

ସୁରଃ ୟୁନୁସ୍ ଆୟତ ନଂ- ୪୨ର ତଫ୍‌ସିର୍ (ବ୍ୟାଖ୍ୟା) କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି:

ଯଦି ତୁମେ ମତେ ଅସ୍ୱୀକାର କରୁଛ ବା ମିଥ୍ୟାଚାରୀ ବୋଲି ଅଭିହିତ କରୁଅଛ ତା'ହେଲେ ଅବଶ୍ୟ ଏପରି କରିପାର କାରଣ ତୁମ ଓ ମୋ ମଧ୍ୟରେ ମତଭେଦ/ପାର୍ଥକ୍ୟ ରହିଛି । ତୁମେ ଏକ ପ୍ରକାରର କାମ କରୁଅଛ ଓ ମୁଁ ଆଉ ଗୋଟିଏ କାମ କରୁଅଛି । ତେଣୁ ମତଭେଦ ଥିବା ଯୋଗୁଁ ପ୍ରତ୍ୟେକ ପକ୍ଷର ଏ ଅଧିକାର ରହିଛି ଯେ, ସେ ଅନ୍ୟର କଥାକୁ ଭୁଲ ପ୍ରମାଣିତ କରିବାପାଇଁ ଚେଷ୍ଟା କରିବ । କିନ୍ତୁ କଥା ଏହି ସୀମା ମଧ୍ୟରେ ରହିବା ଉଚିତ । ଜଣେ ଅନ୍ୟ ଜଣଙ୍କ ଇଚ୍ଛା ବିରୁଦ୍ଧରେ ଯାଇ ନିଜ କଥାକୁ ମନାଇବାକୁ ବାଧ ନ କରୁ । ଅତଏବ ଯଦି ମୁଁ ତୁମକୁ ବାଧ କରୁନାହିଁ ତେବେ ତୁମେ ମତେ କାହିଁକି ବାଧ କରୁଅଛ ।

ପ୍ରଥମ ଆୟତରେ ଯେଉଁ **ଆଲମୁ ବିଲ୍‌ମୁଫ୍‌ସିଦିନା** କୁହାଯାଇଥିଲା, ଏହି ଆୟତରେ ତା ଆଡ଼କୁ ଇସାରା କରି ବତାଯାଇଅଛି ଯେ ଯଦି ତୁମର ଯମାତ୍ ଅଲଗା ଓ ଆମ ଜମାତ୍ ଅଲଗା, ତୁମମାନଙ୍କ କାମ ଅଲଗା ଓ ଆମମାନଙ୍କ କାମ ଅଲଗା ଓ ଏହା ସମସ୍ତେ ମଧ୍ୟ ଜାଣିଛନ୍ତି ତେବେ ପୁଣି ବିଭ୍ରାଟ ଓ କଠୋରତା ଅବଲମ୍ବନ କରିବାର ଆବଶ୍ୟକତା କଣ ! କଠୋରତା ଅବଲମ୍ବନ ସେତେବେଳେ କରାଯାଇଥାଏ ଯେତେବେଳେ ଜଣକ ଯୋଗୁଁ ଅନ୍ୟଜଣକୁ କ୍ଷତି ପହଂଚୁଥିବ । କିନ୍ତୁ ଏଠାରେ ମୋ ତରଫରୁ ବା ମୋ ଜମାତ୍‌ର କାମ ଯୋଗୁଁ ତୁମର କୌଣସି କ୍ଷତି ହେଉନାହିଁ ଓ ତୁମମାନଙ୍କ କାମ ଯୋଗୁଁ ମୋର କିଛି କ୍ଷତି ହେଉନାହିଁ । ତେଣୁ କଠୋରତା ଅବଲମ୍ବନ କରିବା ଅନୁଚିତ ।

## ନବୀ ସ:ଆ:ସଙ୍କ ବାଣୀ

### ମଣିଷ ଅଧିକାଂଶ କଥାରେ ଝଗଡ଼ା କରିଥାଏ

(୧୧୨୭) ହଜ୍‌ରତ୍ ଅଲୀ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ଦିନେ ରାତିରେ ତାଙ୍କ ନିକଟକୁ ଏବଂ ନିଜ ଝିଅ ହଜରତ୍ ଫାତିମା ର:ଅଙ୍କ ନିକଟକୁ ଆସିଲେ, ଏବଂ ପଚାରିଲେ: କଣ ତୁମେ ଦୁଇଜଣ (ତହଜ୍ଜୁଦ୍) ନମାଜ ପଢୁନାହଁ କି ? ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ଆମ ଜୀବନ ଅଲ୍ଲାଃଙ୍କ ହାତରେ ଅଛି । ସେ ଯେବେ ଉଠାଇବାକୁ ଚାହୁଁଛି ଉଠାଇ ଦେଉଛି । ଯେତେବେଳେ ମୁଁ ଏକଥା କହିସାରିଲି, ମହାଭାଗ ସ:ଆ:ସ କିଛି ଉତର ନ ଦେଇ ଲେଉଟି ଗଲେ । ମହାଭାଗ ଯେତେବେଳେ ପଛକୁ ବୁଲି ନିଜ ଜଙ୍ଘରେ ହାତ ମାରି ମାରି ଯାଉଥିଲେ, ସେତେବେଳେ ମୁଁ ତାଙ୍କୁ ଏହା କହିବାର ଶୁଣିଲି: ମଣିଷ ଅଧିକାଂଶ କଥାରେ ଝଗଡ଼ା କରିଥାଏ ।

### ରମ୍‌ଜାନ ମାସରେ ବାଯମାତ୍ (ସାମୁହିକ) ନଫିଲ୍ ନମାଜ ପାଠ କରିବା

(୧୧୨୯) ହଜ୍‌ରତ୍ ଆଇଶା ଉମ୍ମୁଲ୍ ମୁମିନିନ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ଗୋଟିଏ ରାତିରେ ମସ୍‌ଜିଦ୍‌ରେ ନମାଜ ପଢ଼ିଲେ । ପୁଣି ଦ୍ୱିତୀୟ ରାତି ମଧ୍ୟ ନମାଜ ପଢ଼ିଲେ । ବହୁତ ଲୋକ (ନମାଜ ପଢ଼ିବା ପାଇଁ) ଏକାଠି ହୋଇଗଲେ । ରସୁଲୁଲ୍ଲାଃ ସ:ଆ:ସ ସେମାନଙ୍କ ପାଇଁ ବାହାରକୁ ବାହାରିଲେ ନାହିଁ । ଯେବେ ସକାଳ ହେଲା, ମହାଭାଗ ସ:ଆ:ସ କହିଲେ: ତୁମେମାନେ ଯାହା କରୁଥିଲ ତାହା ମୁଁ ଦେଖିସାରିଛି, ମୁଁ ତୁମମାନଙ୍କ ନିକଟକୁ ଏଥିପାଇଁ ଆସିଲି ନାହିଁ କି ମୁଁ ଭୟ କଲି ଯେ କାଳେ ତୁମ ଉପରେ ତହଜ୍ଜୁଦ୍ ନମାଜ ଫର୍ଜ (ବାଧ୍ୟତାମୂଳକ) ହୋଇନଯାଉ । ଏ ଘଟଣା ରମ୍‌ଜାନ ମାସରେ ହୋଇଥିଲା । ***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ତହଜ୍ଜୁଦ୍, ମୁଦ୍ରଣ କାଦିଆନ୍, ୨୦୦୬)***

ଏଠାରେ ଗୋଟିଏ କଥା ବାହାରୁଛି ଯେ ନିଜ ସମ୍ପ୍ରଦାୟର ଲୋକମାନଙ୍କ ଉପରେ ଗୋଟିଏ ସୀମା ପର୍ଯ୍ୟନ୍ତ କିଛି ପରିମାଣରେ ବାଧ କରାଯାଇପାରେ (ଅର୍ଥାତ କଠୋରତା ଅବଲମ୍ବନ କରାଯାଇପାରେ) କାରଣ ତା' ପାଇଁ ସମ୍ପ୍ରଦାୟ ବଦନାମ୍ ହେଉଅଛି । ସୁତରାଂ ଏହା ଅନ୍ତର୍ଗତ ଯେବେ ଆମେ ନିଜ ଯମାତର କିଛି ଲୋକଙ୍କୁ ସେମାନଙ୍କର ଭୁଲ୍ ଯୋଗୁଁ ଜୋରିମାନା ଇତ୍ୟାଦି ଦଣ୍ଡ ଧାର୍ଯ୍ୟ କରିଥାଉଁ ସେତେବେଳେ କିଛି ଅଜ୍ଞ ଲୋକେ ଏହାକୁ ପୀର ପରସ୍ତି ବୋଲି ଅଭିହିତ କରିଥାନ୍ତି ଓ କୋଳାହଳ କରିଥାନ୍ତି । ଯେବେ କି ଏହି ଆୟତରୁ ପ୍ରମାଣ ହେଉଅଛି ଯେ ନିଜ ଯମାତ୍ର ଲୋକମାନଙ୍କ ଉପରେ କିଛି ପରିମାଣରେ କଠୋରତା ଅବଲମ୍ବନ କରାଯାଇପାରେ । ଉଦାହରଣ ସ୍ୱରୁପ ଯଦି ଜଣେ ନିଜକୁ ଅହେମଦୀ ବୋଲାଇ ଡ଼କାୟତି କରୁଥିବ ବା ନମାଜ ପଢୁନଥିବ ତା'ହେଲେ ଏହା ଦ୍ୱାରା ସାରା ଜମାତ୍ ବଦ୍‌ନାମ୍ ହୋଇଥାଏ । ତେଣୁ ଆମର ଏ ହକ୍ ଅଛି ଯେ ଆମେ ସେହି ବ୍ୟକ୍ତିକୁ ସୁଧାରିବା ପାଇଁ ବାଧ କରିବୁ । ହଁ ଯଦି ସେ ଅହେମଦୀୟତ୍‌କୁ ଅସ୍ୱୀକାର କରି ଅଲଗା ହୋଇଯାଏ ବା ନିଜର କୌଣସି ନୂଆ ଫିର୍କା (ଦଳ) ଗଠନ କରି ଅଲଗା ହୋଇଯାଏ ତା'ହେଲେ ତା ଉପେର ଆମର କୌଣସି ଅଧିକାର ନାହିଁ । ସୁତରାଂ **ଅନ୍‌ତୁମ୍ ବରିଉନା ମିମ୍ମା ଆମଲୁ** ରେ ବତାଯାଇଅଛି ଯେ ମୋର ଓ ତୁମର ଅଲଗା ଅଲଗା ଗୋଷ୍ଠୀ । ମୋ କାମ ପାଇଁ ତୁମେ ଦାୟୀ ହେବ ନାହିଁ । ତେଣୁ ବାଧବାଧକତା ବା ବିଭ୍ରାଟର କୌଣସି କାରଣ ନାହିଁ ।

ଏହି ଆୟତର ଦ୍ୱିତୀୟ ଅର୍ଥ ହେଉଛି ଏହା କି ମୋର ଓ ତୁମର କର୍ମ ସମ୍ପୂର୍ଣ୍ଣରୂପେ ଅଲଗା । ସେଥିରେ କିଛି ବି ସମାନତା ନାହିଁ । ଫଳାଫଳ ନିଜେ ବତାଇଦେବ ଯେ କାହାର କର୍ମ ଠିକ୍ ଏବଂ ଅଲ୍ଲାଃଙ୍କ ନିକଟରେ ଗ୍ରହଣୀୟ । କର୍ମରେ ସମାନତା ରହିଲେ ଠିକ୍ ଭାବରେ କୁହାଯାଇପାରିବ ନାହିଁ ଯେ ଅବନତି ବା ଉନ୍ନତି କେଉଁ କାରଣରୁ ହେଲା । କିନ୍ତୁ ଯଦି କିଛି ସମାନତା ହିଁ ନାହିଁ ତା'ହେଲେ ତୁରନ୍ତ ଜଣାପଡ଼ିଯିବ ଯେ ଏହା ହେଉଛି ଏହି ଜାତିର ବିଶେଷ କର୍ମଫଳ । ***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ-୮୨ ମୁଦ୍ରଣ କାଦିୟାନ୍ ୨୦୧୦)***

⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୬ ର ଅବଶିଷ୍ଟାଂଶ ......*

ରବୱାର ଅଫିସର୍ ଜଲ୍‌ସା ସାଲାନା ବ୍ୟତିତ ନାଜିର୍ ଜିୟାଫତ୍ ଭାବରେ ମଧ୍ୟ ନିଯୁକ୍ତ କରାଯାଇଥିଲା । ୧୯୭୭ ମସିହାରୁ ୧୯୮୭ ମସିହା ପର୍ଯ୍ୟନ୍ତ ସେ ନାଜିର୍ ଜିୟାଫତ୍ ଦାୟିତ୍ୱ ଭାର ତୁଲାଇ ଥିଲେ ।

ସ୍ୱର୍ଗତ ଚୌଧୁରୀ ସାହେବଙ୍କ ପରିବାରବର୍ଗଙ୍କ ମଧ୍ୟରେ ତାଙ୍କ ପତ୍ନୀ ରଜିୟା ଖାନମ୍‌ଙ୍କ ବ୍ୟତିତ ଗୋଟିଏ ପୁତ୍ର ଓ ଦୁଇଟି ପୁତ୍ରୀ ରହିଛନ୍ତି । ତାଙ୍କ ପତ୍ନୀ କୁହନ୍ତି ଯେ, ବିବାହ ପରେ ମୁଁ ଦେଖିଲି ଯେ ତାଙ୍କୁ ଯାହାବି ବେତନ ମିଳୁଥିଲା ସେ ସର୍ବ ପ୍ରଥମେ ତହିଁରୁ ଚାନ୍ଦା କାଢ଼ି ନେଉଥିଲେ ଏବଂ ମତେ ମଧ୍ୟ ଅନୁପ୍ରେରିତ କରୁଥିଲେ ଯେ, ସର୍ବପ୍ରଥମେ ଚାନ୍ଦା ଦିଅ ଏବଂ ପରେ ଅନ୍ୟାନ୍ୟ ଖର୍ଚ୍ଚ କର ଏବଂ ସେ ମୋତେ ୱସିୟତ୍ ପାଇଁ ମଧ୍ୟ ଉତ୍ସାହିତ କରୁଥିଲେ । ବିବାହ ସମୟରେ ସ୍ୱର୍ଗତ ଚୌଧୁରୀ ସାହେବଙ୍କ ବେତନ ମାତ୍ର ଅଶି ଟଙ୍କା ଥିଲା ଏହାପରେ ସେଥିରୁ ଚାନ୍ଦା ବାହାର କରିଦେଲେ ମତେ ବେଶ୍ ଚିନ୍ତା ଘାରୁଥିଲା ଯେ, ଏତେ ସ୍ୱଳ୍ପ ଅର୍ଥରେ ଘର କିପରି ଚଳିବ କିନ୍ତୁ ଚାନ୍ଦା ଦେବା ଯୋଗୁଁ ପ୍ରଭୁଙ୍କ କୃପା ଅବତୀର୍ଣ୍ଣ ହେଉଥିଲା ଏବଂ ବେଶ୍ ଆରାମ୍‌ରେ ଦିନ କଟିଯାଉଥିଲା । ଏହି ସ୍ୱଳ୍ପ ବେତନର କେହି ଆଜି କଳନା ମଧ୍ୟ କରିପାରିବେ ନାହିଁ ଯଦିଚ ତାହା ଶସ୍ତା ଯୁଗ ଥିଲା । ସେ ତହ୍‌ଜ୍ଜୁଦ୍ ପ୍ରୀୟ ବ୍ୟକ୍ତି ଥିଲେ । ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ସମ୍ପୁର୍ଣ୍ଣ ଓ ଯଥା ସମୟରେ ପାଂଚବେଳା ନମାଜ ପାଠ କରୁଥିଲେ ।

ସେ ଆହୁରି କୁହନ୍ତି, ମୋ ସହିତ ସେ ବେଶ୍ ସୁନ୍ଦର ଆଚରଣ ପ୍ରଦର୍ଶନ କରିଛନ୍ତି । ଯାହା ଘରକୁ ଜିନିଷ ଧରି ଆସନ୍ତି ପ୍ରଥମେ ମତେ ଦିଅନ୍ତି ସେଥିଅନ୍ତେ ପିଲାମାନଙ୍କ ମଧ୍ୟରେ ବାଂଟି ଦିଅନ୍ତି । ଅଧିକାଂଶ ସମୟରେ କାର୍ଯ୍ୟାଳୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟରେ ବ୍ୟସ୍ତ ରହିଥିବା ଯୋଗୁଁ ମତେ କଷ୍ଟ ନଦେବାପାଇଁ ନିଜ ନିକଟରେ ବାହାର ଦ୍ୱାରର ଏକ ଚାବିକାଠି ରଖୁଥିଲେ । ବିଳମ୍ବରେ ଆସିଲେ କଦାପି ଘଂଟି ବଜାଉନଥିଲେ ନା ମତେ ଉଠାଉଥିଲେ ମୁଁ ତାଙ୍କ ଆବଶ୍ୟକତା ଅନୁଯାୟୀ ଖାଦ୍ୟ ହାଣ୍ଡିରେ ରଖିଦେଉଥିଲି ଏବଂ ଶୋଇ ପଡୁଥିଲି । ସେ ବାହାରୁ ଆସି ନିଜେ ଖାଦ୍ୟ ଗରମ କରି ଖାଇନେଉଥିଲେ, କଦାପି କୌଣସି ମନଊଣା କରି କହୁନଥିଲେ ଯେ ଅମୁକ ଜିନିଷ ପ୍ରସ୍ତୁତ କର ଖାଇବାପାଇଁ । ଯାହା ଖାଇବାକୁ ମିଳୁଯାଉଥିଲା ଖୁସିମନାର ସହିତ ତାହା ସେବନ କରିନେଉଥିଲେ । ତାଙ୍କ ପାଇଁ ଯେଉଁ ବସ୍ତ୍ର କିଣି ଆଣୁଥିଲି ତାହା ସେ ପରିଧାନ କରିନେଉଥିଲେ କଦାପି କୌଣସି ସେ ଆପତି ଅଭିଯୋଗ କରିନାହାନ୍ତି । ଘରେ ଶାନ୍ତି ଓ ସୌହାର୍ଦ୍ଧ୍ୟର ବାତାବରଣକୁ ବଜାୟ ରଖିବାପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ନୀତି ଯେ ଯଦି ଏହିଭଳି ଆଚରଣ କରନ୍ତି ତେବେ ଅଧାଘର କଣ ବରଂ ଅଶିପ୍ରତିଶତ ଘରମାନଙ୍କରେ ଯେଉଁ ସମସ୍ୟାମାନ ଉପୁଜୁଛି ତାହା କଦାପି ଉପୁଜିବ ନାହିଁ ।

ଶହୀଦ୍, ୱହ୍‌ଦାଦାର୍, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଯମାତ୍‌ର କର୍ମଚାରୀ, କର୍ମଚାରୀମାନଙ୍କ ନିକଟ ସମ୍ପର୍କୀୟ ଏବଂ ଅନ୍ୟାନ୍ୟ ପରିଚିତ ବ୍ୟକ୍ତିମାନଙ୍କ ଯନାଜାଃରେ ଅବସ୍ୟ ସାମିଲ ହେଉଥିଲେ ଏବଂ କବର ଦିଆଯିବା ପର୍ଯ୍ୟନ୍ତ ସାଥିରେ ରହୁଥିଲେ । କାହା ସମ୍ପର୍କରେ ମନ ଭିତରେ କ୍ଷୋଭ କିମ୍ବା କ୍ରୋଧ ପ୍ରକାଶ କରୁନଥିଲେ ସେ । ଦୋଷତ୍ରୁଟିକୁ ଢ଼ାଙ୍କି ରଖିବା ତାଙ୍କର ସ୍ୱଭାବ ଓ ବିଶେଷଗୁଣ ଥିଲା । ଜଣେ ସ୍ନେହୀ ସ୍ୱାମୀ । ପିଲାମାନଙ୍କ ପାଇଁ ସ୍ନେହୀ ପିତା ଥିଲେ । କୌଣସି ସମ୍ପର୍କୀୟଙ୍କ ଉପରେ ନାରାଜ ହେଉନଥିଲେ । ସେ ଶାନ୍ତି ସ୍ଥାପନ ପାଇଁ ସର୍ବଦା ଆଗୁଆ ପ୍ରୟାସ କରୁଥିଲେ ଏବଂ କହୁଥିଲେ ଯେ, **ଅଲ୍ ଇଜ୍ଜତୁ ଲିଲ୍ଲାହି ଜମିଆ** ଅର୍ଥାତ ସମସ୍ତ ଯଶ ଅଲ୍ଲାଃ ତାଲାଙ୍କ ନିମନ୍ତେ ଉଦ୍ଦିଷ୍ଟ । ନିଜର ଭାଇ ଭଉଣୀ ଏବଂ ଅନ୍ୟାନ୍ୟ ସଂପର୍କୀୟଙ୍କର ସେ ବହୁତ ଯତ୍ନ ନେଉଥିଲେ । ରବ୍‌ୱାରେ ରହୁଥିବା ତାଙ୍କର ଜଣେ ଭଉଣୀଙ୍କ ନିକଟକୁ ସେ ପ୍ରତ୍ୟେକ ଗୁରୁବାର ଦିନ ଯାଉଥିଲେ । ଚୌଧୁରୀ ସାହେବ ନିଜ ମାଆବାପାଙ୍କର ବେଶ୍ ଦେଖାଶୁଣା ମଧ୍ୟ କରୁଥିଲେ । ତାଙ୍କ ଭଉଣୀ କୁହନ୍ତି ମୋର ଅସ୍ତ୍ରୋପଚାର ହେଲା ମୁଁ ଦଶଦିନ ପର୍ଯ୍ୟନ୍ତ ନୂର୍ ହସ୍ପିଟାଲ୍‌ରେ ରହିଲି ଶୟନ ନିମନ୍ତେ ସେଠାରେ କୌଣସି ଉପଯୁକ୍ତ ସ୍ଥାନ ନଥିଲା ତେଣୁ ସେ ମୋ କୋଠରୀରେ ହିଁ ତଳେ ଅର୍ଥାତ ଭୂମି ଉପରେ ଶୋଇ ପଡୁଥିଲେ । ସେ କେବେ କୌଣସି ଅଭିଯୋଗ ଆଣୁନଥିଲେ କି ମୁଁ ତଳେ ଶୋଇ ପାରିବିନାହିଁ । ସେ ଅତ୍ୟନ୍ତ ପତ୍ନୀପ୍ରେମୀ ସ୍ୱାମୀ ଥିଲେ । ମୁଁ ଯେତେବେଳେ ରୋଗଗ୍ରସ୍ତ ହୋଇ ତାହେର୍ ହାର୍ଟ ଠାରେ ପ୍ରବେଶ କରିଥିଲି ସେତେବେଳେ ସେଠାରେ ମଧ୍ୟ ସେ ମୋ ସହିତ ରହୁଥିଲେ ଏବଂ ପ୍ରତ୍ୟେକ ଦୃଷ୍ଟିରୁ ସେ ମୋର ସେବା ଓ ଦେଖାଶୁଣା କରୁଥିଲେ । ପୁନଶ୍ଚ ତାଙ୍କ ସୁପୁତ୍ରୀ କୁହନ୍ତି କି ସେ ଆମ ମାଆଙ୍କ ସହିତ କେବେ ବି ଉଚ୍ଚ ସ୍ୱରରେ କଥା କହିନଥିଲେ । ପିତାଶ୍ରୀ କେବଳ ଆମର ଜଣେ ପିତା ନଥିଲେ, ବରଂ ଆମର ଜଣେ ଅନ୍ତରଙ୍ଗ ବନ୍ଧୁ ଏବଂ ସାଙ୍ଗ ଥିଲେ । ଆମେମାନେ ତାଙ୍କ ସହିତ ପ୍ରତ୍ୟେକ କଥା ଶେୟାର କରୁଥିଲୁ । ପୁନଶ୍ଚ ସେ କୁହନ୍ତି ଯେ, ସାଧାରଣ ଭାବରେ କହିବାକୁ ଗଲେ ସେ ମୋ ଛୋଟ କୋଠରୀରେ ହିଁ ନମାଜ ତହ୍‌ଯୁଦ୍ ପଢୁଥିଲେ । ସେହି ଅବଧି ମଧ୍ୟରେ ମତେ ତାଙ୍କର ଏକ ଦୁଆ ବର୍ତମାନ ପର୍ଯ୍ୟନ୍ତ ସ୍ମରଣ ରହିଛି, ଯାହାକୁ ସେ ବାରମ୍ବାର ପାଠ କରୁଥିଲେ । ତାହା ଏହିକି ଯେ, **ଅଏ କାଦିର୍ ତୱାନା ଆଫାତ୍ ସେ ବଚାନା ।** ଅର୍ଥାତ ହେ ସର୍ବ ଶକ୍ତିମାନ ଈଶ୍ୱର ତୁମ୍ଭେ ମୋତେ ସର୍ବଦା ବିପତିରୁ ରକ୍ଷା କର ।

ବାଲ୍ୟାବସ୍ଥାରେ ସେ ଆମମାନଙ୍କୁ ଶୋଇବା ପୂର୍ବରୁ ଗଳ୍ପ ଶୁଣାଉଥିଲେ ସେ ଯେତେବେଳେ ସ୍ୱିଡ଼େନ୍ ଆସୁଥିଲେ ସେତେବେଳେ ମୋର ଛୋଟ ପିଲାମାନଙ୍କୁ ମଧ୍ୟ ଗଳ୍ପ କହୁଥିଲେ ଏବଂ ପିତାଶ୍ରୀ ଆମମାନଙ୍କ ଲାଗି ପ୍ରାର୍ଥନାର ଉତ୍ସ ଥିଲେ ।

ପୁନଶ୍ଚ ତାଙ୍କର ଅନ୍ୟ ଏକ ସୁପୁତ୍ରୀ କୁହନ୍ତି ତାଙ୍କର ଏହି ଆଜୀବନ ଜୀବନ ଚର୍ଯ୍ୟା ରହିଥିଲା ଯେ, ସକାଳ ଜଳଖିଆ ପରେ ସେ କାର୍ଯ୍ୟାଳୟକୁ ଚାଲିଯାଉଥିଲେ ଏବଂ ଦ୍ୱିପ୍ରହର ସମୟରେ ଘରକୁ ବିଳମ୍ବରେ ଆସୁଥିଲେ । ଅସର୍ ନମାଜ ପରେ ସେ ପୂର୍ନବାର କାର୍ଯ୍ୟାଳୟକୁ ଚାଲିଯାଉଥିଲେ ଏବଂ ଦୀର୍ଘ ସମୟ ଧରି ସେଠାରେ କାର୍ଯ୍ୟ କରୁଥିଲେ । ବାଲ୍ୟାଜୀବନରେ ଆମମାନଙ୍କୁ ଯେତେବେଳେ ଗଣିତରେ କୌଣସି ସାହାଯ୍ୟର ଆବଶ୍ୟକତା ପଡୁଥିଲା ସେତେବେଳେ ତାଙ୍କ ନିକଟରେ ନମାଜ ଫଜର୍ ପରେ କେବଳ ଏକଘଂଟାର ସମୟ ରହୁଥିଲା ସେହି ସମୟରେ ସେ ନିଜର ସନ୍ତାନସନ୍ତତିମାନଙ୍କୁ ଶିକ୍ଷା ଦାନ କରୁଥିଲେ ।

ଏକଦା ଜଲ୍‌ସା ସାଲାନାର ନିରୀକ୍ଷଣ ପର୍ବ ସମୟରେ ଯେତେବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ କର୍ମୀମାନଙ୍କ ସହିତ ଭୋଜନ କରୁଥିଲେ । ସେତେବେଳେ ଯେ ବସିଥିଲେ, ସେତେବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ତାଙ୍କ ସମ୍ପର୍କରେ କହିଲେ, ଆପଣ ମୋ ସହିତ ମୋ ପାତ୍ରରେ ହିଁ ଭୋଜନ କରନ୍ତୁ । ସେତେବେଳେ ମାଟିପାତ୍ରରେ ହିଁ ତରକାରୀ ଦିଆଯାଉଥିଲଶ ତେଣୁ ଯେତେବେଳେ ପାତ୍ରକୁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅଙ୍କ ସମ୍ମୁଖରେ ରଖାଗଲା, ହଜୁର ଚୌଧୁରୀ ସାହେବଙ୍କୁ କହିଲେ ଆପଣ ମୋ ସହିତ ଏହି ପାତ୍ରରେ ହିଁ ଭୋଜନ କରନ୍ତୁ ।

***କ୍ରମଶଃ......***

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ହଜ୍‌ରତ୍ ଉସ୍‌ମାନ ର:ଅ ମକ୍କାର ଅବିଶ୍ୱାସକାରୀମାନଙ୍କୁ ଉତର ଦେଲେ ଯେ ଏହା କିପରି ସମ୍ଭବ ହୋଇପାରେ କି ରସୁଲୁଲ୍ଲାଃ ସ:ଆ:ସଙ୍କୁ ତ’ ମକ୍କା ବାହାରେ ରୋକି ଦିଆଯିବ ଓ ମୁଁ ତୱାଫ୍ ଅର୍ଥାତ ମକ୍କା ପରିକ୍ରମା କରିବି !**

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ ପଦମର୍ଯ୍ୟାଦାସମ୍ପନ୍ନ ଖଲିଫା ରଶିଦ୍ ଜୁନ୍ ନୁରୈନ୍ ହଜ୍‌ରତ୍ ଉସ୍‌ମାନ ବିନ୍ ଅଫାନ୍ ର:ଅଙ୍କ ବିଶେଷ ଗୁଣ ଗାରିମାର ବର୍ଣ୍ଣନା**

**ଗଜ୍‌ୱାଏ ଗତ୍‌ଫାନ୍, ଗଜ୍‌ୱାଏ ଅହଦ୍, ବୟଦ ରିଜ୍‌ୱାନ୍ ଏବଂ ସୁଲାହ୍ ହୁଦବିୟାର ପରିସ୍ଥିତି ଓ ଘଟଣାବଳୀର ବର୍ଣ୍ଣନା**

**ଯଦି ଏହି ସୁଚନା ଠିକ୍ ହୋଇଥାଏ ତେବେ ଈଶ୍ୱରଙ୍କ ରାଣ ! ଆମେ ଏହି ସ୍ଥାନରୁ ସେ ପର୍ଯ୍ୟନ୍ତ ଟଳିବୁ ନାହିଁ ଯେ ପର୍ଯ୍ୟନ୍ତ ଆମେ ଉସ୍‌ମାନ ର:ଅଙ୍କ ପ୍ରତିଶୋଧ ନ ନେଇଛୁଁ । ପୁଣି ମହାଭାଗ ସ:ଆ:ସ ସାହାବାମାନଙ୍କୁ କହିଲେ ଆସ ମୋ ହାତ ଉପରେ ହାତ ରଖି ଏ ଶପଥ କର ଯେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ପଛଘୁଂଚା ଦେବନାହିଁ ବରଂ ନିଜ ଜୀବନକୁ ବାଜି ଲଗାଇ ଦେବ ପଛକେ ନିଜ ସ୍ଥାନକୁ ଛାଡ଼ିବ ନାହିଁ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୨୯ ଜାନୁୟାରୀ ୨୦୨୧ ଅନୁଯାୟୀ ୨୯ ସୁଲାହ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-

اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-

اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଯୁଦ୍ଧରେ ଅଂଶଗ୍ରହଣ କରିବା ସମ୍ପର୍କରେ ଚର୍ଚ୍ଚା କରିଦେଉଛି । ହଜ୍‌ରତ୍ ଉସ୍‌ମାନ ର:ଅ ବଦର୍ ଯୁଦ୍ଧରେ ସାମିଲ ହୋଇପାରିନଥିଲେ କାରଣ ତାଙ୍କର ପତ୍ନୀ ହଜ୍‌ରତ୍ ରୁକେୟା ବିନ୍‌ତେ ରସୁଲୁଲ୍ଲାଃ ସ:ଆ:ସଙ୍କର ସ୍ୱାସ୍ଥ୍ୟବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିଲା । ଅତଏବ ହଜୁର ସ:ଆ:ସ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଅଦେଶ ଦେଇ କହିଲେ, ହଜ୍‌ରତ୍ ରୁକେୟା ର:ଅଙ୍କ ଦେଖାଶୁଣା କରିବା ନିମନ୍ତେ ଆପଣ ମଦିନାରେ ହିଁ ରହିଯାଆନ୍ତୁ । ଅତଏବ ବଦର୍ ଯୁଦ୍ଧରୁ ପ୍ରତ୍ୟାବର୍ତନ କରିବାପରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ହଜୁର ସ:ଆ:ସ ବଦର୍ ଯୁଦ୍ଧରେ ଅଂଶଗ୍ରହଣ କରିଥିବା ସାହାବାମାନଙ୍କ ମଧ୍ୟରେ ସାମିଲ କରିଥିଲେ ଏବଂ ତାଙ୍କୁ ବଦର ଯୁଦ୍ଧର ମାଲେ ଗନିମତ୍‌ରୁ ସାହାବାମାନଙ୍କ ପରି ମାଲେ ଗନିମତ ଓ ପୂଣ୍ୟରେ ଏକ ଅଂଶ ପ୍ରଦାନ କରିଥିଲେ । ***(ଶରହ୍ ଅଲ୍ଲାମା ଜର୍‌କାନୀ..... ଖଣ୍ଡ-୨, ପୃ-୩୩୪..... ବେରୁତ ୧୯୯୬)***

ଗତ୍‌ଫାନ୍ ଯୁଦ୍ଧ ୩ ହିଜ୍‌ରୀରେ ହୋଇଥିଲା । ଏଥିପାଇଁ ନଜଦ୍ ଅଂଚଳ ଅଭିମୁଖେ ଯିବା ସମୟରେ ରସୁଲୁଲ୍ଲାଃ ସ:ଆ:ସ ଯେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ମଦିନାର ଅମୀର ନିଯୁକ୍ତ କଲେ । ସେତେବେଳେ ସେହି ଦୃଷ୍ଟିରୁ ହଜ୍‌ରତ୍ ଉସ୍‌ମାନ ର:ଅ ଗତ୍‌ଫାନ୍ ଯୁଦ୍ଧରେ ମଧ ସାମିଲ ହୋଇପାରିନଥିଲେ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୪୧....... ବେରୁତ ୧୯୯୦) (ସିରତ୍ ଖାତ୍‌ମୁନ୍ ନବିୟିନ୍........ ପୃ-୪୬୩)***

ଉକ୍ତ ଯୁଦ୍ଧର ବିସ୍ତୃତ ବିବରଣୀ ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ର:ଅ ଏପରି ବର୍ଣ୍ଣନା କରିଛନ୍ତି ଯେ, ବନୁ ଗତ୍‌ଫାନ୍‌ର କେତେକ ସମ୍ପ୍ରଦାୟ ଅର୍ଥାତ ବନୁ ସାଲ୍‌ବା ଓ ବନୁ ମୁହାରିବ୍‌ର ଲୋକମାନେ ନିଜର ପରିଚିତ ଯୋଦ୍ଧାର ଯାହାର ନାମ ହେଉଛି ହୁସୁର୍ ବିନ୍ ହାରିସ୍, ତା ଆହ୍ୱାନ କ୍ରମେ ମଦିନା ଉପରେ ହଠାତ୍ ଆକ୍ରମଣ କରିବାର ଉଦ୍ଦେଶ୍ୟ ରଖି  ଜି-ଅମ୍ର ନାମକ ଏକ ସ୍ଥାନରେ ଏକତ୍ରିତ ହେବାକୁ ଲାଗିଲେ । ସୁତରାଂ ହଜୁର ସ:ଆ:ସ ଚାରିଶହ ପଚାଶ ଜଣ ସାହାବାମାନଙ୍କୁ ନିଜ ସାଥିରେ ଧରି ମଦିନାରୁ ବାହାରି ପଡ଼ିଲେ ଓ ଦ୍ରୁତବେଗରେ ସେଠାରୁ ପ୍ରସ୍ଥାନ କରି ଜି-ଅମ୍ର ନାମକ ସ୍ଥାନରେ ପହଂଚିଗଲେ । ଯେତେବେଳେ ଶତ୍ରୁମାନଙ୍କୁ ହଜୁର ସ:ଆ:ସଙ୍କ ଆଗମନର ସୁଚନା ପ୍ରାପ୍ତ ହେଲା ସେତେବେଳେ ସେମାନେ ଯଥାଶିଘ୍ର ଆଖପାଖର ପର୍ବତରେ ଚଢ଼ି ନିଜକୁ ସୁରକ୍ଷିତ କରିନେଲେ । ମୁସଲମାନମାନେ ଯେତେବେଳେ ଜି-ଅମ୍ରଠାରେ ପହଂଚିଲେ ସେତେବେଳେ ଯୁଦ୍ଧ ଭୂମି ଖାଲି ପଡ଼ିରହିଥିଲା । ଯଦିଚ ବନୁ ସାଲ୍‌ବାଙ୍କର ଜଣେ ମଫସ୍‌ଲି ବ୍ୟକ୍ତି ଯାହାର ନାମ ଜବାର୍ ଥିଲା, ସେ ସାହାବାଙ୍କ ହାତରେ ଧରା ପଡ଼ିଗଲା ଯାହାକୁ କଏଦ କରି ସାହାବାମାନେ ହଜୁର ସ:ଆ:ସଙ୍କ ଗୋଚରେ ହାଜର କରିଲେ । ହଜୁର ସ:ଆ:ସ ତାଙ୍କୁ ପଚାରା ଉଚରା କରିବାରୁ ଜଣାଗଲା ଯେ ବନୁ ସାଲ୍‌ବା ଓ ବନୁ ମହାରିବ୍‌ର ସମସ୍ତ ଲୋକମାନେ ପାହାଡ଼ରେ ଶରଣ ନେଇଛନ୍ତି ଓ ମୁସଲମାନମାନଙ୍କ ମୁକାବିଲାରେ ଆସିବାକୁ ପ୍ରସ୍ତୁତ ନାହାନ୍ତି । ହଜୁର ସ:ଆ:ସଙ୍କୁ ମୁସଲମାନମାନଙ୍କୁ ପ୍ରତ୍ୟାବର୍ତନ କରିବାର ଆଦେଶ ଦେବାକୁ ପଡ଼ିଲା କିନ୍ତୁ ଏହି ଅଭିଜାନରେ ଏତିକି ଫାଇଦା ହେଲା ଯେ, ସେତେବେଳେ ବନୁ ଗତ୍‌ଫାନ୍ ତରଫରୁ ଯେଉଁ ଆକ୍ରମଣ କରିବାର ଭୟ ସୃଷ୍ଟି ହୋଇଯାଇଥିଲା । ତାହା କିଛି କାଳ ପାଇଁ ସ୍ଥଗିତ ହୋଇଗଲା ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍ ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ଏମ୍.ଏ, ପୃ-୪୬୩)***

ଓ୍ୱହଦ୍ ଯୁଦ୍ଧ ସୱାଲ୍ ମାସ ୩ ହିଜ୍‌ରିରେ ଘଟିଥିଲା । ହଜ୍‌ରତ୍ ଉସ୍‌ମାନ ର:ଅ ତହିଁରେ ସାମିଲ ହୋଇଥିଲେ । ଯୁଦ୍ଧ ସମୟରେ ସାହାବାମାନଙ୍କର ଏଭଳି ଏକ ଦଳ ରହିଥିଲା ଯିଏ ହଜୁର ସ:ଆ:ସଙ୍କ ସାହାଦତ୍‌ର ଖବର ଶୁଣି ଯୁଦ୍ଧ ଭୂମିରୁ କ୍ଷତବିକ୍ଷତ ହୋଇଯାଇଥିଲେ ଏବଂ ଏପରି ଏକ ସମୟ ଆସିଲା ଓ୍ୱହଦ୍ ଯୁଦ୍ଧ ସମୟରେ ଯେତେବେଳେ ହଜୁର ସ:ଆ:ସଙ୍କ ସାଥିରେ ମାତ୍ର ୧୨ ଜଣ ସାହାବିଙ୍କର ଏକ ଛୋଟ ଦଳ ରହିଯାଇଥିଲା । ହଜ୍‌ରତ୍ ଉସ୍‌ମାନ ର:ଅ ପ୍ରଥମ ଦଳରେ ରହିଯାଇଥିଲେ ।

***(ଶରହ୍ ଅଲ୍ଲାମା ଜର୍‌କାନୀ..... ଖଣ୍ଡ-୨, ପୃ-୪୧୮-୪୧୯..... ବେରୁତ ୧୯୯୬)***

ମୁସଲମାନମାନେ ଯେତେବେଳେ କୁରୈଶ୍‌ର ଦଳକୁ ପରାସ୍ତ କରିଦେଲେ ଏବଂ ମାଲେ ଗନିମତ୍ ସାଉଁଟିବାକୁ ଲାଗିଲେ ସେତେବେଳେ ହଜୁର ସ:ଆ:ସ ଯେଉଁ ପଚାଶଜଣ ସାହାବିଙ୍କୁ ନିଜ ସ୍ଥାନ ଛାଡ଼ିବାକୁ ବାରଣ କରିଥିଲେ ଅର୍ଥାତ ନିଜ ସ୍ଥାନ ନ ଛାଡ଼ିବା ପାଇଁ କହିଥିଲେ । ସେମାନେ ମୁସଲମାନମାନଙ୍କ ବିଜୟ ଦେଖି ନିଜ ସ୍ଥାନରୁ ଚାଲି ଆସିଥିଲେ । ଯେତେବେଳେ ଖାଲିଦ୍ ବିନ୍ ଓ୍ୱଲିଦ୍ ଯିଏ ସେ ପର୍ଯ୍ୟନ୍ତ ମୁସଲମାନ ହୋଇନଥିଲେ । ଏହି ଦୃଶ୍ୟ ଦେଖିଲେ ଏବଂ ସେ ଆଉ କାଳବିଳମ୍ବ ନ କରି ସେହି ମାର୍ଗରୁ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେଇଥିଲେ । ଏହି ଆକ୍ରମଣ ଏଭଳି ହଠାତ୍ ଅନିର୍ଦ୍ଦିଷ୍ଟ ଓ ଶକ୍ତ ଥିଲା ଯେ ମୁସଲମାନମାନେ ସ୍ଥିତିହିନ ହୋଇ ବିଚ୍ଛୁରିତ ହୋଇଯାଇଥିଲେ । ସେମାନଙ୍କ ମଧ୍ୟରେ ହଜ୍‌ରତ୍ ଉସ୍‌ମାନ ର:ଅ ମଧ ଥିବାର ବର୍ଣ୍ଣନା ମିଳୁଛି ।

ପବିତ୍ର କୋରାନ୍‌ରେ ଏହି ପ୍ରସଙ୍ଗରେ ଉଲ୍ଲେଖ ରହିଛି ସେତେବେଳର ବିଶେଷ ପରିସ୍ଥିତି ଓ ସେହି ମୁସଲମାନମାନଙ୍କ ବିଶ୍ୱାସ ଓ ନିଷ୍ଠାକୁ ସମ୍ମୁଖରେ ରଖି ପ୍ରଭୁ ତାଙ୍କୁ କ୍ଷମା ଦେଇଥିଲେ । ଯେପରିକି ଅଲ୍ଲାଃ କୁହନ୍ତି **ଇନ୍ନଲ୍ଲଜିନା ତୱଲ୍ଲ ଓ ମିନ୍‌କୁମ୍ ୟୋମଲ୍ ତକଲ୍ ଜମ୍‌ଆନି ଇନ୍ନମା ଇସ୍‌ତଜଲ୍ଲହୁମୁସ୍ ଶଇତାନୁ ବିବାଜି ମା କସବୁ ୱ ଲକଦ୍ ଅଫ୍‌ଲ୍ଲାହୁ ଅନ୍‌ହୁମ୍ ଇନ୍ନଲ୍ଲାହା ଗଫୁରୁନ୍ ହଲିମ୍ (ଆଲେ ଇମ୍‌ରାନ୍:୧୫୬)** ଯେଉଁ ଦିନ ଉଭୟ ସୈନ୍ୟଦଳ ପରସ୍ପରର ସମ୍ମୁଖୀନ ହୋଇଥିଲେ ସେହି ଦିନ ତୁମମାନଙ୍କ ମଧ୍ୟରୁ ଯେଉଁମାନେ ପୃଷ୍ଠଭଙ୍ଗ ଦେଇଥିଲେ ସେମାନଙ୍କର କେବଳ କେତେକ କାର୍ଯ୍ୟ ଯୋଗୁଁ ସଇତାନ ସେମାନଙ୍କର ପଦସ୍ଖଳନ କରାଇବାକୁ ଇଚ୍ଛା କରିଥିଲା ଏବଂ ବର୍ତମାନ ଅଲ୍ଲାଃ ସେମାନଙ୍କୁ ନିଶ୍ଚୟ କ୍ଷମା ପ୍ରଦାନ କରିସାରିଛନ୍ତି । ଅଲ୍ଲାଃ ଅବଶ୍ୟ ପରମ କ୍ଷମାଶୀଳ ଓ ସହନଶୀଳ ।

ଏହି ଯୁଦ୍ଧ ପ୍ରରିପ୍ରେକ୍ଷୀରେ ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ଏମ୍.ଏ ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ଉଲ୍ଲେଖ କରିଛନ୍ତି: କୁରୈଶ୍‌ର ସେନା ପାଖାପାଖି ଚର୍ତୁଦିଗରୁ ଘେରି ରହିଥିଲା ଏବଂ କ୍ରମାଗ୍ରତ ଭାବରେ ଆକ୍ରମଣ ଦ୍ୱାରା ନିଜର ପ୍ରଭୁତ୍ୱ ବିସ୍ତାର କରିସାରିଥିଲା । ଏହା ସତ୍ତ୍ୱେ ବି ମୁସଲମାନମାନେ କିଛି କ୍ଷଣ ପାଇଁ ନିଜକୁ ସମ୍ଭାଳି ନେଇଥାନ୍ତେ କିନ୍ତୁ ଦୁର୍ଭାଗ୍ୟ ବଶତଃ କୁରୈଶ୍‌ର ଜଣେ ଯୋଦ୍ଧା ସିପାହୀ ଅବ୍‌ଦୁଲ୍ଲାଃ ବିନ୍ କିମିୟା ମୁସଲମାନମାନଙ୍କ ଧ୍ୱଜାଧାରୀ ମୁସ୍‌ଅବ୍ ବିନ୍ ଉମୈର୍‌ଙ୍କ ଉପରେ ଆକ୍ରମଣ କରି ତାଙ୍କ ଦକ୍ଷିଣ ହସ୍ତ ଛେଦ କରିଦେଇଥିଲା । ତଥାପି ସେ ସଙ୍ଗେ ସଙ୍ଗେ ନିଜ ବାମ ହସ୍ତରେ ଅର୍ଥାତ ମୁସ୍‌ଅବ୍ ବିନ ଉମୈର ନିଜ ବାମ ହସ୍ତରେ ଇସ୍‌ଲାମୀୟ ଧ୍ୱଜାକୁ ସମ୍ଭାଳି ନେଇଥିଲେ । କିନ୍ତୁ ସେ ତାଙ୍କର ବାମ ହସ୍ତକୁ ମଧ କାଟି ଦେଇଥିଲା । ଏଥିରେ ମୁସ୍‌ଅବ୍ ନିଜର କଟିଯାଇଥିବା ଦୁଇ ବାହୁକୁ ଯୋଡ଼ି ପଡ଼ିଯାଉଥିବା

ଧ୍ୱଜାକୁ ଧରି ନେଇଥିଲେ ଏବଂ ନିଜ ଛାତିରେ ଜାବୁଡ଼ି ଧରିଥିଲେ । ଯଦ୍ୱାରା ଇବ୍‌ନେ କିମିୟା ତୃତୀୟଥର ପ୍ରହାର କରି ତାଙ୍କୁ ଶହୀଦ କରିଦେଇଥିଲା । ଯଦିଚ ଇସ୍‌ଲାମୀୟ ଧ୍ୱଜା ଅନ୍ୟ କେହି ସଙ୍ଗେ ସଙ୍ଗେ ଧରି ନେଇଥିଲେ କିନ୍ତୁ ମୁସ୍‌ଅବ୍ ହଜୁର ସ:ଆ:ସଙ୍କ ସହ ସାଦୃଶ୍ୟତା ରଖୁଥିଲେ ତେଣୁ ଇବ୍‌ନେ କିମିୟା ମନେ ମନେ ଭାବିନେଲା ଯେ, ସେ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ନୀହତ କରିଦେଇଛି । ଅଥବା ସମ୍ଭବତଃ ଏପଟରୁ ଏହି ଖବର କେବଳ ଧୃଷ୍ଟତା ପୂର୍ବକ ଅବା ଛଳନାତ୍ମକ ଉଦ୍ଦେଶ୍ୟରେ ପ୍ରଘଟ କରାଯାଇଥିଲା । ସେ ଯାହା ହେଉ ମୁସ୍‌ଅବ୍‌ଙ୍କୁ ଶହୀଦ କରି ସେ ଏହି ଖବର ପ୍ରଚାର କରିଥିଲା ଯେ, ମୁଁ ମୁହମ୍ମଦ ସ:ଆ:ସଙ୍କୁ ବଧ କରିଦେଇଛି । ହଜୁର ସ:ଆ:ସଙ୍କ ଶାହାଦତ୍‌ର ଖବର ଶୁଣି ମୁସଲମାନମାନେ ସ୍ତବ୍ଧ ଓ ସ୍ତମ୍ଭିଭୁତ ହୋଇଯାଇଥିଲେ ଏବଂ ସେମାନଙ୍କର ଏକତା ଓ ମନବଳ ସମ୍ପୁର୍ଣ୍ଣରୂପେ ଭୁଷୁଡ଼ି ଯାଇଥିଲା । ମୁସଲମାନମାନେ ସେତେବେଳେ ତିନିଭାଗରେ ବିଭକ୍ତ ହୋଇଯାଇଥିଲେ । ଗୋଟିଏ ଦଳ ହଜୁର ସ:ଆ:ସଙ୍କ ଶାହାଦତ୍‌ର ଖବର ଶୁଣି ବିକ୍ଷିପ୍ତ ହୋଇଯାଇଥିଲା କିନ୍ତୁ ଉକ୍ତ ଦଳର ସଂଖ୍ୟା ଖୁବ୍ କମ୍ ଥିଲା । ଏହି ଦଳରେ ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫାନ୍ ର:ଅ ମଧ୍ୟ ସାମିଲ ଥିଲେ କିନ୍ତୁ ଯେପରି ପବିତ୍ର କୁର୍‌ଆନ୍‌ରେ ଉଲ୍ଲେଖ ରହିଛି ଯେ ସେତେବେଳେ ବିଶେଷ ପରିସ୍ଥିତିରେ ସେହି ଲୋକମାନଙ୍କର ଆତ୍ମିକ ବିଶ୍ୱାସ ଓ ନିଷ୍ଠାକୁ ଦୃଷ୍ଟିରେ ରଖି ଅଲ୍ଲାଃ ତାଲା ସେମାନଙ୍କୁ କ୍ଷମା କରିଦେଇଥିଲେ । ଆଉ ଏକ ଦଳ ଯେଉଁମାନେ ଅବଶ୍ୟ ପଳାୟନ ତ କରିଥିଲେ କିନ୍ତୁ ବିକ୍ଷିପ୍ତ ହୋଇନଥିଲେ । ହଜୁର ସ:ଆ:ସଙ୍କ ଶାହାଦତ୍‌ର ଖବର ଶୁଣି ଧୈର୍ଯ୍ୟ ଓ ସାହାସ ହରାଇ ବସିଥିଲେ କିମ୍ବା ବର୍ତ୍ତମାନ ଲଢ଼ିବାର ସାହାସ ଜୁଟାଇ ପାରୁନଥିଲେ । ସେମାନଙ୍କର ଆଉ ସାମର୍ଥ୍ୟ ନଥିଲା ଏଥିପାଇଁ ଯୁଦ୍ଧ ଭୁମିରୁ ଏକ ପାର୍ଶ୍ୱକୁ ହଟିଯାଇ ସେମାନେ ଅସହାୟଙ୍କ ପରି ବସି ରହିଥିଲେ । ପରିଶେଷରେ ତୃତୀୟ ଦଳ ଯିଏ କି ନିରନ୍ତର ଭାବରେ ଯୁଦ୍ଧ ଲଢୁଥିଲେ ତନ୍ମଧ୍ୟରୁ ଏଭଳି କେତେକ ଲୋକମାନେ ରହିଥିଲେ ଯେଉଁମାନେ ହଜୁର ସ:ଆ:ସଙ୍କ ଆଖପାଖରେ ଏକତ୍ରିତ ହୋଇଥିଲେ ଏବଂ ଦୃଷ୍ଟାନ୍ତ ମୂଳକ ଦକ୍ଷତା ପରିଦର୍ଶନ କରୁଥିଲେ । ଆହୁରି ଅନେକ ସାହାବାମାନେ ଯେଉଁମାନେ ଯୁଦ୍ଧ ଭୂମିରେ ବିକ୍ଷିପ୍ତ ହୋଇ ଲଢୁଥିଲେ ଯେତେବେଳେ ଏହି ଦଳ ଓ ଦ୍ୱିତୀୟ ଦଳ ଯେ ଯୁଦ୍ଧ ଭୂମିରୁ ଅଲଗା ହୋଇ ବସିରହିଥିଲେ, ସେମାନଙ୍କୁ ଯେତେବେଳେ ହଜୁର ସ:ଆ:ସଙ୍କ ଜୀବିତ ଥିବାର ଖବର ମିଳିଲା ସେତେବେଳେ ସେମାନେ ପାଗଳଙ୍କ ପରି ସଂଘର୍ଷ କରି ହଜୁର ସ:ଆ:ସଙ୍କ ନିକଟରେ ଏକତ୍ରିତ ହୋଇଗଲେ । ସେତେବେଳେ କୁରୈଶ୍‌ର ସେନାବାହିନୀର ଅବସ୍ଥା ଏଭଳି ପ୍ରତିତ ହେଉଥିଲା ଯେମିତି ସମୁଦ୍ରର ଲହଡ଼ି ଚାରିପଟୁ ମାଡ଼ିଆସୁଛି ଏବଂ ରଣଭୂମିରେ ପ୍ରତ୍ୟେକ ଦିଗରୁ ତୀର ଓ ପଥରର ବର୍ଷା ହେଉଥିଲା । ଉତ୍ସର୍ଗୀ ସାହାବିମାନେ ଏହି ଭୟଙ୍କର ପରିସ୍ଥିତିକୁ ଦେଖି ହଜୁର ସ:ଆ:ସଙ୍କ ଚାରିପଟେ ଢ଼ାଲ ପରି ଦଣ୍ଡାୟମାନ ହୋଇଥିଲେ । ଆପଣ ସ:ଆ:ସଙ୍କ ପବିତ୍ର ଶରୀରକୁ ଲୁଚାଇ ଦେଇଥିଲେ ତଥାପି ଯେତେବେଳେ ଆକ୍ରମଣ ହେଉଥିଲା ସେତେବେଳେ କିଛି ସାହାବି ଏଣେତେଣେ ବିଚ୍ଛୁରିତ ହୋଇଯାଉଥିଲେ । ଏପରିକି କେତେକ ସମୟରେ ହଜୁର ସ:ଆ:ସ ଏକାକି ରହିଯାଉଥିଲେ ।

*(ସିରତ୍ ଖାତ୍‌ମୁନ୍ ନବିୟିନ୍........ ପୃ-୪୯୩-୪୯୪)*

ସେ ଯାହା ହେଉ ନା କାହିଁକି ଏହା ବର୍ଣ୍ଣନା କରାଯାଏ ଯେ, ହଜ୍‌ରତ୍ ଉସ୍‌ମାନ ର:ଅ ନିରାଶ ହୋଇ ଅଥବା ସେତେବେଳେ ଅନ୍ୟ କୌଣସି କାରଣରୁ ହଜୁର ସ:ଆ:ସଙ୍କର ଶହୀଦ ହୋଇଯିବାର ଖବର ଶୁଣି ସେଠାରୁ ଚାଲିଯାଇଥିଲେ ଏବଂ ଏହିପରି ନିରାଶ ହୋଇ ବସି ରହିଥିବା ସାହାବାମାନଙ୍କ ମଧ୍ୟରେ ହଜ୍‌ରତ୍ ଉମର୍ ର:ଅଙ୍କ ଚର୍ଚ୍ଚା ମଧ୍ୟ ମିଳୁଛି । ଏ ବିଷୟ ଉଚିତ ସମୟରେ ବର୍ଣ୍ଣନା ହେବ ।

ମୁଁ ବର୍ତ୍ତମାନ ଏହା ବର୍ଣ୍ଣନା କରିବି ଯେ, ସୁଲାହ୍ ହୁଦବିୟା ଅବସରରେ ଯେଉଁ କୂଟନୀତି ହୋଇଥିଲା ଏବଂ ବୟତେ ରିଜୱାନ୍ ହୋଇଥିଲା ଏଥିରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଭୂମିକା କଣ ଥିଲା ? ଏବଂ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସମ୍ପର୍କରେ କେଉଁ ଘଟଣାବଳୀ ବର୍ଣ୍ଣିତ ହୋଇଛି ? ହଜୁର ସ:ଆ:ସ ସ୍ୱପ୍ନ ଦେଖିଲେ ଯେ, ଆପଣ ସ:ଆ:ସ ଏବଂ ଆପଣଙ୍କ ସାହାବାମାନେ ଶାନ୍ତି ପୂର୍ବକ ନିଜର କେଶ ମୁଣ୍ଡନ କରି ଏବଂ କେଶ ଛୋଟ କରି ବୟତୁଲ୍ଲାଃର ପରିକ୍ରମା କରୁଛନ୍ତି । ଏହି ସ୍ୱପ୍ନ ଅନୁଯାୟୀ ହଜୁର ସ:ଆ:ସ ଜୁଲ୍‌କାଦା ୬ ହିଜ୍‌ରୀରେ ନିଜର ୧୪୦୦ ସାହାବାମାନଙ୍କ ସହିତ ଉମ୍‌ରା କରିବା ଉଦ୍ଦେଶ୍ୟରେ ମଦିନାରୁ ମକ୍କା ଅଭିମୁଖେ ବାହାରି ପଡ଼ିଲେ । ହୁଦବିୟା ନାମକ ସ୍ଥାନରେ ହଜୁର ସ:ଆ:ସ ଶିବିର ଲଗାଇଥିଲେ । କୁରୈଶ୍ କିନ୍ତୁ ହଜୁର ସ:ଆ:ସଙ୍କୁ ଉମ୍‌ରା କରିବାକୁ ଦେଇନଥିଲେ । ଉଭୟ ପକ୍ଷଙ୍କ ମଧ୍ୟରେ ରାଜଦୂତ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ହଜୁର ସ:ଆ:ସ ଯେତେବେଳେ ମକ୍କାବାସୀଙ୍କ ଭାବାବେଗର ଅବସ୍ଥା ସମ୍ପର୍କରେ ଶୁଣିଲେ, ସେତେବେଳେ ହଜୁର କହିଲେ, ଏପରି ଜଣେ ପ୍ରଭାବଶାଳୀ ବ୍ୟକ୍ତିକୁ ପ୍ରେରଣ କରାଯାଉ ଯିଏ ମକ୍କାରେ ହିଁ ଅଧିବାସୀ ହୋଇଥିବ ଏବଂ କୁରୈଶ୍‌ର କୌଣସି ସମ୍ମାନିତ ସମ୍ପ୍ରଦାୟ ଭୁକ୍ତ ହୋଇଥିବ । ସୁତରାଂ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଉକ୍ତ ଉଦ୍ଦେଶ୍ୟ ପୂରଣ ନିମନ୍ତେ ପ୍ରେରଣ କରାଯାଇଥିଲା ।

*(ଶରହ୍ ଅଲ୍ଲାମା ଜର୍‌କାନୀ.... ଖଣ୍ଡ-୩, ପୃ-୧୬୯-୧୭୦,୧୨୨... ବେରୁତ ୧୯୯୬)*

ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ଏମ୍.ଏ ଏହାର ବ୍ୟାଖ୍ୟା କରିଛନ୍ତି । ସେଥିରୁ କିଛି ଅଂଶ ଏଠାରେ ମୁଁ ଆଲୋଚନା କରିଦେଉଛି । ଆପଣ ଲେଖିଛନ୍ତି ହଜୁର ସ:ଆ:ସ ଏକ ସ୍ୱପ୍ନ ଦେଖିଲେ ଯେ ଆପଣ ନିଜ ସାହାବାଙ୍କ ସାଥିରେ ବୟତୁଲ୍ଲାଃର ପରିକ୍ରମଣ କରୁଛନ୍ତି । ସେତେବେଳେ ଜୁଲ୍‌କାଦାଃର ମାସ ନିକଟତର ଥିଲା ଯାହାକି ସେହି ଅଶିକ୍ଷିତ ଯୁଗରେ ଚାରୋଟି ପବିତ୍ର ମାସ ମଧ୍ୟରୁ ଗୋଟିଏ ମଣାଯାଉଥିଲା । ଯେଉଁଥିରେ ପ୍ରତ୍ୟେକ ପ୍ରକାର କଳହ ଓ ହତ୍ୟାକାଣ୍ଡ ଇତ୍ୟାଦି କରିବା ମନା ଥିଲା । ଗୋଟିଏ ପାର୍ଶ୍ୱରେ ଆପଣ ଏହି ସ୍ୱପ୍ନ ଦେଖିଲେ ତ ଦ୍ୱିତୀୟ ପାର୍ଶ୍ୱରେ ଆରବର ନିକଟ ଓ ଦୂରଦୂରାନ୍ତରେ ଯୁଦ୍ଧ ସ୍ଥଗିତ ହୋଇ ଶାନ୍ତିର ପରିବେଶ ବ୍ୟାପ୍ତ ରହିଥିଲା । ଯଦିଚ ସେତେବେଳେ ହଜ୍ କରିବାର ଦିନ ସେତେବେଳେ ନଥିଲା ଏବଂ ସେତେବେଳେ ଇସ୍‌ଲାମ୍‌ରେ ନିୟମିତ ହଜ୍ କରିବାର ଧାର୍ଯ୍ୟ ହୋଇନଥିଲା କିନ୍ତୁ ଖାନାକାବାର ପରିକ୍ରମା କରିବା ପ୍ରତ୍ୟେକ ସମୟରେ ପ୍ରଜୁଜ୍ୟ ଥିଲା । ସୁତରାଂ ଆପଣ ସ:ଆ:ସ ନିଜ ସାହାବାମାନଙ୍କୁ ଉମ୍‌ରା କରିବାର ପ୍ରସ୍ତୁତି କରିବାକୁ ଆହ୍ୱାନ ଦେଲେ । ଏହି ଅବସରରେ ଆପଣ ସ:ଆ:ସ ସାହାବାଙ୍କ ମଧ୍ୟରେ ଏହି ଘୋଷଣା ମଧ୍ୟ କରିଦେଲେ କି ଯେହେତୁ ଏହି ଅଭିଯାନରେ ଯୁଦ୍ଧ କରିବାର କୌଣସି ଉଦ୍ଦେଶ୍ୟ ନାହିଁ । ବରଂ କେବଳ ଶାନ୍ତିର ସହ ଧାର୍ମିକ ଉପାସନା ସମ୍ପାଦନା କରିବା ଅଟେ, ତେଣୁ ତୁମେମାନେ ନିଜ ନିଜର ଅସ୍ତ୍ରଶସ୍ତ୍ର ସାଥିରେ ନେବନାହିଁ । ବରଂ ଆରବର ପ୍ରଥା ଅନୁଯାୟୀ ଯାତ୍ରା ସମୟରେ ନିଜ ନିଜର ତରବାରୀକୁ ତରବାରୀ ମିଆନ୍‌ରେ ରଖିବାରେ ଅର୍ଥାତ ତରବାରୀକୁ ଖୋଳପା ଭିତରେ ରଖିବାର କୌଣସି ଅସୁବିଧା ନାହିଁ । ଏଥି ସହିତ ଆପଣ ମଦିନାର ଆଖପାଖ ଓ ସୁଦୁରସ୍ତ ଗାଉଁଲି ମୁସଲମାନମାନଙ୍କୁ ମଧ୍ୟ ନିଜ ସାଥିରେ ସାମିଲ ହେବାପାଇଁ ଉମ୍‌ରା କରିବା ନିମନ୍ତେ ଆମନ୍ତ୍ରିତ କରିଥିଲେ । କିନ୍ତୁ ଦୁଃଖଦ ଯେ, ସେମାନଙ୍କ ମଧ୍ୟରୁ ଖୁବ୍ କମ୍ ସଂଖ୍ୟକ ମୁସଲମାନମାନଙ୍କ ବ୍ୟତିତ ଅନ୍ୟ ଦୁର୍ବଳ ମୁସଲମାନମାନେ ହଜୁର ସ:ଆ:ସଙ୍କ ସାଥିରେ ବାହାରିନଥିଲେ । କାରଣ ସେମାନେ ଚିନ୍ତା କଲେ ଯେ, ଯଦିଚ ମୁସଲମାନମାନଙ୍କର ନିୟତ କେବଳ ଉମ୍‌ରା କରିବା ଅଟେ କିନ୍ତୁ କୁରୈଶ୍ ସେମାନଙ୍କ ମାର୍ଗ ଅବରୁଦ୍ଧ କରିବେ । ଏହାଦ୍ୱାରା ମୁକାବିଲାର ପରିସ୍ଥିତି ଉପୁଜିବ ଏବଂ ଯେହେତୁ ସେହି ସ୍ଥାନ ମଦିନାଠାରୁ ବେଶ୍ ଦୁରରେ ଅବସ୍ଥିତ ତେଣୁ ସେଠାରୁ ଜୀବିତ ଫେରିବା ସମ୍ଭବପର ନୁହେଁ । ଅତଃ ସେମାନେ ଭୟରେ ସାମିଲ ହୋଇନଥିଲେ ହଜୁର ସ:ଆ:ସଙ୍କ ସାଥିରେ । ସେ ଯାହା ହେଉ ହଜୁର ସ:ଆ:ସ ପାଖାପାଖି ୧୪୦୦ ସାହାବିଙ୍କୁ ସାଥିରେ ନେଇ ଜୁଲ୍‌କାଦା ମାସ ୬ ହିଜ୍‌ରୀର ପ୍ରଥମ ସପ୍ତାହର ସୋମାବାର ଦିନ ପ୍ରଭାତରୁ ମକ୍କା ଅଭିମୁଖେ ବାହାରି ପଡ଼ିଲେ । ଏହି ଯାତ୍ରାରେ ଆପଣଙ୍କ ସାଥିରେ ଆପଣଙ୍କ ପତ୍ନୀ ହଜ୍‌ରତ୍ ଉମ୍ମେ ସଲ୍‌ମା ର:ଅ ଥିଲେ ଏବଂ ନିଜ ପଛରେ ନୁମୈଲା ବିନ୍ ଅବ୍‌ଦୁଲ୍ଲାଃଙ୍କୁ ମଦିନାର ଅମୀର୍ ଓ ଅବ୍‌ଦୁଲ୍ଲାଃ ବିନ୍ ଉମ୍ମେ ମକ୍‌ତୁମ୍‌ଙ୍କୁ ନମାଜର ଇମାମ୍ ଦାୟିତ୍ୱ ଦେଇ ଆପଣ ସ:ଆ:ସ ବାହାରି ପଡ଼ିଥିଲେ ।

ଯେତେବେଳେ ଆପଣ ଜୁଲ୍ ହୁଲୈଫାରେ ପହଂଚିଲେ ଯାହାକି ମଦିନାଠାରୁ ୬ ମାଇଲ ଦୁରତାରେ ଅବସ୍ଥିତ । ସେଠାରେ ଅଟକିବାକୁ ହଜୁର ସାହାବାମାନଙ୍କୁ ଆଦେଶ ଦେଇଥିଲେ । ସେଠାରେ ନମାଜ ଜୋହର୍ ପାଠ କରିବା ଅନ୍ତେ କୁର୍ବାନୀର ଓଟ ଯାହାକି ପାଖାପାଖି ୭୦ ଗୋଟି ଥିଲେ ସେ ସମସ୍ତଙ୍କ ଶରୀରରେ ଚିହ୍ନ ଲଗାଇଲେ ଏବଂ ସାହାବାଙ୍କୁ ନିର୍ଦ୍ଦେଶ ଦେଲେ ଯେ ସେମାନେ ହାଜି ମାନଙ୍କ ପରି ବସ୍ତ୍ର ପରିଧାନ କରିନିଅନ୍ତୁ । ହଜୁର ସ:ଆ:ସ ସ୍ୱୟମ ମଧ୍ୟ ଏହ୍‌ରାମ୍ ବାନ୍ଧି ନେଇଥିଲେ । ଅର୍ଥାତ ହାଜିମାନଙ୍କ ପରି ବସ୍ତ୍ର ପରିଧାନ କରିଥିଲେ ଏବଂ କୁରୈଶ୍‌ଙ୍କ ଅବସ୍ଥା ଜାଣିବାପାଇଁ ଜଣେ ସନ୍ଦେଶବାହକ ବୁସର୍ ବିନ୍ ସୁଫିୟାନ୍ ଯିଏ ଖଜା କବିଲାର ଥିଲା । ତାଙ୍କୁ ଆଗକୁ ପ୍ରେରଣ କରିଦେଲେ । ଆପଣ ସ:ଆ:ସ ସାହାବାଙ୍କ ସାଥିରେ ଧିରେ ଅଗ୍ରସର ହେଲେ ତଥା ଅଧିକ ସର୍ତ୍ତକତା ଅବଲମ୍ବନ କରି ୨୦ ଜଣ ବାହନ ଆରୋହଣକାରୀଙ୍କୁ ଅବାଦ୍ ବିନ୍ ବିଶର୍ ର:ଅଙ୍କ ନେତୃତ୍ୱରେ ଆଗରେ ଆଗରେ ଚାଲିବାକୁ ମୁତୟନ କଲେ । କିଛି ଦିନ ଯାତ୍ରା କରିବାପରେ ଯେତେବେଳେ ଆପଣ ଅସ୍‌ଫାନ୍ ନିକଟରେ ପହଂଚିଲେ ଯାହାକି ମକ୍କାଠାରୁ ୧୮ ମାଇଲ ଦୁରତାରେ ଅବସ୍ଥିତ ଥିଲା । ସେଠାରେ ସନ୍ଦେଶ ବାହକ ଆପଣଙ୍କୁ ଆସି ସୁଚିତ କଲା କି କୁରୈଶ୍ ବେଶ୍ ଉତ୍ସାହିତ ଅଛନ୍ତି ଏବଂ ଆପଣଙ୍କ ମାର୍ଗ ଅବରୁଦ୍ଧ କରିବାପାଇଁ ଦୃଢ଼ ସଂକଳ୍ପ କରିନେଇଛନ୍ତି । ତଥା କୁରୈଶ୍ ନିଜର କିଛି ବୀର ଯୋଦ୍ଧାଙ୍କୁ ଖାଲିଦ୍ ବିନ୍ ୱଲିଦ୍‌ଙ୍କ ନେତୃତ୍ୱରେ ପ୍ରେରଣ କରିଦେଇଛନ୍ତି । ସେହି ଦଳରେ ଅକ୍‌ରମା ବିନ୍ ଅବୁଜହଲ୍ ମଧ୍ୟ ରହିଛି । ଏହି ସୁଚନା ପାଇବା ପରେ ହଜୁର ସ:ଆ:ସ ସାହାବାଙ୍କୁ ଆଦେଶ ଦେଲେ ଯେ ମୁଖ୍ୟ ମାର୍ଗକୁ ପରିହାର କରି ଦକ୍ଷିଣ ପାର୍ଶ୍ୱସ୍ଥ ମାର୍ଗରେ ଆଗକୁ ବଢ଼ । ସୁତରାଂ ମୁସଲମାନମାନେ ଏକ ଦର୍ଗୁମ ପଥରେ ସମୁଦ୍ର ତଟ ଦେଇ ଆଗକୁ ବଢ଼ିଲେ । ଯେତେବେଳେ ଏହି ନୂତନ ମାର୍ଗ ଦେଇ ହଜୁର ସ:ଆ:ସ ହୁଦବିୟା ନିକଟରେ ପହଂଚିଲେ ଯାହାକି ମକ୍କାଠାରୁ ମାତ୍ର ନଅ ମାଇଲ ଦୂରରେ ଅବସ୍ଥିତ । ଯେଉଁଠାରୁ ମକ୍କାର ପାହାଡ଼ିଆ ଅଂଚଳ ଆରମ୍ଭ ହେଉଥିଲା ସେଠାରେ ଆପଣଙ୍କର ଓଟ ଯାହାକି କୁସ୍ୱୱା ନାମରେ ସୁପ୍ରଶିଦ୍ଧ, ସେ ଅନେକ ଯୁଦ୍ଧରେ ଆପଣଙ୍କ ସାଥିରେ ରହିଥିଲା, ହଠାତ୍ ବସିପଡ଼ିଲା ଏବଂ ସତଚେଷ୍ଟା ସତ୍ୱେ ଉଠିଲା ନାହିଁ । ସାହାବାମାନେ କହିଲେ ସମ୍ଭବତଃ ଯାତ୍ରାର କ୍ଳାନ୍ତ ଯୋଗୁଁ ସେ ବସି ପଡ଼ିଛି କିନ୍ତୁ ଏହା ତାହାର ଅଭ୍ୟାସର ଅନ୍ତର୍ଭୁକ୍ତ ନଥିଲା । ବରଂ ସତ୍ୟ ଏହା ଥିଲା ଯେ ସେହି ପରାକ୍ରମୀ ପ୍ରଭୁ ଯିଏ ଅସହାବେ ଫିଲ୍‌ର ଐରାବତ୍ ମାନଙ୍କୁ ଅଟକାଇ ଦେଇଥିଲେ ସେ ହିଁ ବର୍ତମାନ ଏହି ଓଟଟିକୁ ରୋକି ଦେଇଥିଲେ ଓ ଆଗକୁ ବଢ଼ିବାକୁ ଦେଇନଥିଲେ । ସୁତରାଂ ହଜୁର ସ:ଆ:ସ କହିଲେ, କୁରୈଶ୍ ମକ୍କା ବଇତୁଲ୍ଲାଃର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବାପାଇଁ ଯାହା କହିବେ ମୁଁ ତାଙ୍କ ସମସ୍ତ ପ୍ରସ୍ତାବରେ ରାଜି ହେବାକୁ ପ୍ରସ୍ତୁତ ଅଛି । ସେଥିଅନ୍ତେ ଆପଣ ସ:ଆ:ସ ହୁଦବିୟାର ପାଦ ଦେଶରେ ଥିବା ଏକ ଝରଣା ନିକଟରେ ଓଟରୁ ଓହ୍ଲାଇ ସାହାବାମାନଙ୍କୁ ସେଠାରେ ଅଟକିବାକୁ ଆଦେଶ ଦେଲେ ।

ସେଥିଅନ୍ତେ କୁରୈଶଙ୍କ ସହ ସନ୍ଧିର ଆଲୋଚନା କିଭଳି ଆରମ୍ଭ ହେଲା ତାହା ବର୍ଣ୍ଣନା କରିଦେଉଛି । ଯେତେବେଳେ ଆପଣ ସେଠାରେ ତମ୍ବୁ ଟାଣି ଅସ୍ଥାୟୀ ଶିବିର ଲଗାଇଲେ ସେତେବେଳେ ଖୁଜାଆ କବିଲାର ଜଣେ ନାମୀ ଧର୍ନାଢ଼୍ୟ ବ୍ୟକ୍ତି ବଦିଲ୍ ବିନ୍ ୱର୍କା, ଯିଏ ନିକଟରେ ହିଁ ରହୁଥିଲା । ସେ ନିଜର କିଛି ସାଥିମାନଙ୍କୁ ସାଙ୍ଗରେ ଧରି ହଜୁର ସ:ଆ:ସଙ୍କ ସହ ସାକ୍ଷାତ କରିବାପାଇଁ ଆସିଲା ଏବଂ ସେ କହିଲା ମକ୍କାର ସଭ୍ରାନ୍ତ ବର୍ଗ ଆପଣଙ୍କୁ କଦାପି ମକ୍କାରେ ପ୍ରବେଶ କରିବାକୁ ଦେବେନାହିଁ । ସେମାନେ ଆପଣଙ୍କ ସହ ଯୁଦ୍ଧ କରିବାପାଇଁ ପ୍ରସ୍ତୁତ ଅଛନ୍ତି ।

ପ୍ରତିଉତରରେ ହଜୁର ସ:ଆ:ସ କହିଲେ, ଆମେ ତ ସେହି ଉଦ୍ଦେଶ୍ୟରେ ଆସିନାହୁଁ ବରଂ କେବଳ ଉମ୍‌ରା କରିବା ନିୟତରେ ଆସିଛୁ ବଡ଼ ଦୁଃଖର କଥା ଯେ ଯଦିଚ କୁରୈଶ୍ ମକ୍କାକୁ ଯୁଦ୍ଧର ଅଗ୍ନୀ ତଳିତଳାନ୍ତ କରିସାରିଲାଣି ତଥାପି ସେମାନେ ଏହି କାର୍ଯ୍ୟରୁ ଓହରିବାପାଇଁ ପ୍ରସ୍ତୁତ ନାହାନ୍ତି । ମୁଁ ମକ୍କାବାସୀଙ୍କୁ ବିରୋଧ କରୁନାହିଁ ମୁଁ ମକ୍କାବାସୀଙ୍କ ସହିତ କୌଣସି ସମ୍ପର୍କ ରଖିବାକୁ ଚାହୁଁନାହିଁ କିନ୍ତୁ ଅନ୍ୟମାନଙ୍କୁ ଇସ୍‌ଲାମ୍‌ର ବାର୍ତ୍ତା ପହଂଚାଇବି । ଯଦି ଏହା ସତ୍ୱେ ମଧ୍ୟ ସେମାନେ ମୋ ପରାମର୍ଶକୁ ରଦ୍ଦ କରିଦିଅନ୍ତି ତେବେ ସେହି ସର୍ବଶକ୍ତିମାନ ପ୍ରଭୁଙ୍କ ରାଣ ଯାହାଙ୍କ ହାତମୁଠାରେ ମୋ ପ୍ରାଣବାୟୁ ରହିଛି, ମୁଁ ସେମାନଙ୍କ ମୁକାବିଲା କରିବାରୁ ବିରତ ରହିବିନାହିଁ । ଯେ ପର୍ଯ୍ୟନ୍ତ ମୋ ପ୍ରାଣବାୟୁ ଉଡ଼ିଯାଇନାହିଁ ଅବା ପ୍ରଭୁ ମତେ ବିଜୟ ମଣ୍ଡିତ କରିଦେଇନାହାନ୍ତି । ଯଦି ସେମାନଙ୍କ ମୁକାବିଲାରେ ମୁଁ ବିନାଶ ହେଲି ତେବେ ତ କାହାଣି ଶେଷ ହେଲା । କିନ୍ତୁ ଯଦି ପ୍ରଭୁ ମତେ ବିଜୟ ମଣ୍ଡିତ କଲେ ତେବେ ମକ୍କାବାସୀଙ୍କୁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାରେ କୌଣସି ଅନିଚ୍ଛା ପ୍ରକାଶ କରିବାର ବାଟ ରହିବ ନାହିଁ । ବୁଦଲେ୍ ବିନ୍ ଓର୍‌କା ଉପରେ ଆପଣଙ୍କର ଏହି ନିଷ୍ଠାପୂର୍ଣ୍ଣ ଓ ସଦ୍‌ଭାବନା ପୂର୍ଣ୍ଣ ବକ୍ତୃତା ବହୁତ ସକାରାତ୍ମକ ପ୍ରଭାବ ପକାଇଲା ଅତଏବ ସେ କହିଲା ମତେ କିଛି ସମୟ ଦିଅନ୍ତୁ ମୁଁ ଆପଣଙ୍କୁ ମହଲତ୍ ମାଗୁଛି ମୁଁ ମକ୍କା ଯାଇ ଆପଣଙ୍କର ଏହି ବାର୍ତ୍ତା ସେମାନଙ୍କ ନିକଟରେ ପହଂଚାଇ ଦେଉଛି ଏବଂ ଉଭୟ ପକ୍ଷ ମଧ୍ୟରେ ସନ୍ଧି କରିବାକୁ ପ୍ରୟାସ କରୁଛି । ହଜୁର ସ:ଆ:ସ ତାଙ୍କର ଏହି ପ୍ରସ୍ତାବକୁ ଅନୁମତି ପ୍ରଦାନ କଲେ ଏବଂ ବଦିଲ୍ ନିଜ ସାଥିମାନଙ୍କ ସାଥିରେ ମକ୍କା ଚାଲିଗଲେ ।

ଯେତେବେଳେ ବୁଦେଲ୍ ବିନ୍ ଓର୍‌କା ମକ୍କାରେ ପହଂଚିଲା ସେତେବେଳେ ସେ କୁରୈଶ୍‌କୁ ଏକତ୍ରିତ କରି ସେମାନଙ୍କୁ କହିଲା ମୁଁ ସେହି ବ୍ୟକ୍ତି ଅର୍ଥାତ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ନିକଟରୁ ଆସୁଅଛି ଏବଂ ସେ ମୋ ନିକଟରେ ଏକ ପ୍ରସ୍ତାବ ରଖିଛନ୍ତି ଯଦି ଆପଣମାନେ ମତେ ଅନୁମତି ଦିଅନ୍ତି ତାହେଲେ ମୁଁ ତାହା ଆଲୋଚନା କରିବି । ଏଥିରେ କୁରୈଶ୍‌ର ବ୍ୟଗ୍ର ଓ ଦାୟିତ୍ୱହୀନ ଲୋକମାନେ କହିଲେ, ଆମେ ସେହି ବ୍ୟକ୍ତିର କୌଣସି କଥା ଶୁଣିବାକୁ ପ୍ରସ୍ତୁତ ନାହୁଁ କିନ୍ତୁ ସେମାନଙ୍କ ମଧ୍ୟରୁ ବୁଝାମଣା ରଖୁଥିବା ଓ ବିବେକି ଶ୍ରେଣୀର ଲୋକମାନେ କହିଲେ ହଁ କୁହ ସେ କଣ ପରାମର୍ଶ ଦେଇଛନ୍ତି । ଅତଏବ ବୁଦେଲ୍ ହଜୁର ସ:ଆ:ସଙ୍କ ପରାମର୍ଶ ଆଲୋଚନା କଲେ ଏଥିରେ ଉର୍‌ୱା ବିନ୍ ମସ୍‌ଉଦ୍ ନାମ୍ନୀ ଜଣେ ବ୍ୟକ୍ତି ଯିଏ ସଫିକ୍ ଗୋଷ୍ଠୀର ଥିଲା ଏବଂ ଜଣେ ପ୍ରଭାବଶାଳୀ ସଭ୍ରାନ୍ତ ବର୍ଗର ବ୍ୟକ୍ତି ଥିଲା ଛିଡ଼ା ହୋଇ ମକ୍କାର କଥାକଥିତ ପରମ୍ପରା ଅନୁଯାୟୀ କହିଲା ହେ ଲୋକମାନେ କଣ ମୁଁ ତୁମ ପିତାଙ୍କ ପରି ନୁହେଁ ସେମାନେ ଉତର ଦେଲେ ହଁ, ସେ ପୁନଶ୍ଚ କହିଲେ କଣ ତୁମେ ମୋ ସନ୍ତାନମାନଙ୍କ ପରି ନୁହଁ ସେମାନେ ଉତର ଦେଲେ ହଁ, ସେ ପୂନରାୟ କହିଲା କଣ ତୁମେ ମତେ ବିଶ୍ୱସ୍ତ ମଣୁନାହଁ ସେମାନେ କହିଲେ ଆଜ୍ଞା ଆପଣ ବିଶ୍ୱାସଘାତି ନୁହନ୍ତି । ସେଥିଅନ୍ତେ ସେ କହିଲା, ମୋ ମତରେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଉପଯୁକ୍ତ ପ୍ରସ୍ତାବ ରଖିଛନ୍ତି ତେଣୁ ଆପଣମାନଙ୍କ ପାଇଁ ଏହା ଜରୁରୀ ଯେ, ସେହି ପ୍ରସ୍ତାବକୁ ସ୍ୱାଗତ ଜଣାନ୍ତୁ ଓ ଗ୍ରହଣ କରିନିଅନ୍ତୁ ଏବଂ ମତେ ଅନୁମତି ଦିଅନ୍ତୁ ମୁଁ ତାଙ୍କ ନିକଟକୁ ଯାଇ ଏହି ପରିପ୍ରେକ୍ଷୀରେ ଅଧିକ ବାର୍ତ୍ତାଳାପ କରିବି, ଆଲୋଚନା କରିବି । ଏଥିରେ କୁରୈଶ୍ କହିଲା ଠିକ୍ ଅଛି ଆପଣ ଯାଇ ତାଙ୍କ ସହ କଥା ହୁଅନ୍ତୁ ।

ଯେତେବେଳେ ସେ ହଜୁର ସ:ଆ:ସଙ୍କ ନିକଟରେ ପହଂଚିଲା ସେଠାରେ ସେ ଏକ ମର୍ମସ୍ପର୍ଶୀ ଦୃଶ୍ୟ ଅବଲୋକନ କଲା । ଉରୁୱା ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ ଆପଣଙ୍କ ସହ ପରାମର୍ଶ କଲା ଏବଂ ଆପଣ ତାହା ନିକଟରେ ସେହି ପ୍ରସ୍ତାବ ରଖିଲେ ଯାହା ଆପଣ ପୂର୍ବରୁ ବୁଦେଲ୍ ବିନ୍ ୱର୍କାଙ୍କ ନିକଟରେ ରଖିଥିଲେ । ଉର୍‌ୱା ହଜୁର ସ:ଆ:ସଙ୍କ ରାୟ ଶୁଣି ଆପଣଙ୍କ ସହ ଏକମତ ଥିଲା । କିନ୍ତୁ କୁରୈଶ୍‌ର ସୁପାରିଶ୍‌ର ଦାୟିତ୍ୱ ମଧ୍ୟ ତାହା ଉପରେ ନ୍ୟସ୍ତ ରହିଥିଲା । ତେଣୁ ସେମାନଙ୍କ ପକ୍ଷରେ ଅଧିକରୁ ଅଧିକ ସର୍ତ୍ତ ପ୍ରଣୟନ କରିବାକୁ ସେ ଚାହୁଁଥିଲା । ଉରୁୱା ଆପଣଙ୍କ ସହ ଆଲୋଚନା କରି କୁରୈଶ୍‌ମାନଙ୍କ ନିକଟକୁ ଫେରିଗଲା ଏବଂ ସେମାନଙ୍କୁ କହିଲା ହେ ଲୋକମାନେ ! ମୁଁ ଅନେକ ଯାତ୍ରା କରିଛି ଏବଂ ଅନେକ ସମ୍ରାଟ ଓ ରାଜା ମହାରାଜାଙ୍କ ଦରବାରରେ ଉପସ୍ଥିତ ହୋଇଛି । ଇରାନ୍ ଓ ରୋମ୍ ତଥା ନଜାସିର ଦରବାରରେ ଥିବା ପ୍ରତିନିଧିମଣ୍ଡଳରେ ସାମିଲ ହୋଇଛି କିନ୍ତୁ ପ୍ରଭୁଙ୍କ ରାଣ ! ଯେପରି ମୁଁ ମୁହମ୍ମଦ ସ:ଆ:ସଙ୍କୁ ତାଙ୍କର ସାଥିମାନେ ଯେଉଁ ମର୍ଯ୍ୟାଦା ଓ ସମ୍ମାନ ପ୍ରଦାନ କରୁଥିବାର ଦେଖିଲି ସେହିପରି ଅନ୍ୟ କୌଣସି ସ୍ଥଳେ ଦେଖିବାକୁ ପାଇନାହିଁ । ଏଥିଅନ୍ତେ ସେ ସମସ୍ତ ଘଟଣାବଳୀ ସେମାନଙ୍କ ନିକଟରେ ବର୍ଣ୍ଣନା କଲା । ଯାହା ସେ ହଜୁର ସ:ଆ:ସଙ୍କ ବୈଠକରେ ଅବଲୋକନ କରିଥିଲା । ସବିଶେଷରେ ସେ କହିଲା ମୋ ମତରେ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପ୍ରସ୍ତାବ ପ୍ରକୃତପକ୍ଷେ ଏକ ନ୍ୟାୟପୂର୍ଣ୍ଣ ପ୍ରସ୍ତାବ ଅଟେ । ଏହାକୁ ଗ୍ରହଣ କରିନେବା ଉଚିତ ।

ଉରୁୱାର ଏହି ଅଭିଭାଷଣ ଶୁଣି ବନୁ କନାନ୍ କବିଲାର ପ୍ରଧାନ ହୁଲୈସ୍ ବିନ୍ ଆଲ୍‌କମା କୁରୈଶ୍‌ର ଲୋକମାନଙ୍କୁ କହିଲା । ଯଦି ଆପଣମାନେ ପସନ୍ଦ କରନ୍ତି ତେବେ ମୁଁ ମୁହମ୍ମଦ ସ:ଆ:ସଙ୍କ ନିକଟକୁ ଯାଇ ଆଲୋଚନା କରିବାକୁ ଚାହୁଁଛି । ସେମାନେ ଉତର ଦେଲେ ଠିକ୍ ଅଛି ତୁମେ ମଧ୍ୟ ପ୍ରୟାସ କରିନିଅ । ଅତଏବ ସେ ହୁଦବିୟା ଅଭିମୁଖେ ବାହାରିଲା ହଜୁର ସ:ଆ:ସ ତାକୁ ଦୁରରୁ ଆସୁଥିବାର ଦେଖି ସାହାବାଙ୍କ କହିଲେ ଏ ବ୍ୟକ୍ତି ଯିଏ ଆମ ନିକଟକୁ ଆସୁଅଛି ଏଭଳି ଗୋଷ୍ଠୀ ସହ ସମ୍ପର୍କ ରଖୁଛି ଯିଏ କୁର୍ବାନୀ କରିବାକୁ ପସନ୍ଦ କରନ୍ତି । ସୁତରାଂ ସଙ୍ଗେ ସଙ୍ଗେ ନିଜ ସହିତ କୁର୍ବାନୀ କରିବାକୁ ଆଣିଥିବା ପଶୁମାନଙ୍କୁ ଏକତ୍ରିତ କରି ଆଗକୁ ଘେନି ଆଣ ଯଦ୍ୱାରା ତାହାକୁ ଅନୁମାନ ହୋଇଯିବ ଯେ ଆମେ କେଉଁ ଉଦ୍ଦେଶ୍ୟରେ ଏଠାକୁ ଆସିଛେ । ସୁତରାଂ ସାହାବାମାନେ ଅଲ୍ଲାଃ ହୁ ଅକ୍‌ବର୍‌ର ସ୍ୱର ଉଚ୍ଚାରଣ କରି କୁର୍ବାନୀ କରିବାକୁ ଆଣିଥିବା ପଶୁଗୁଡ଼ିକୁ ଏକତ୍ରିତ କରିନେଲେ । ଏହି ଦୃଶ୍ୟ ଦେଖି ସେ କହିଲା ସୁବ୍‌ହାନଲ୍ଲାଃ (ଅଲ୍ଲାଃ ପବିତ୍ରମୟ) ଏମାନେ ତ ହାଜି ଅଟନ୍ତି । ଏମାନଙ୍କୁ କିପରି ବୟତୁଲ୍ଲାଃର ପରିକ୍ରମା କରିବାକୁ ରୋକା ଯାଇପାରିବ ନାହିଁ । ଅତଏବ ସେ ଶିଘ୍ର କୁରୈଶ୍ ଆଡ଼କୁ ଫେରିଗଲା ଏବଂ ସେମାନଙ୍କୁ କହିଲା ମୁଁ ଏପରି ଏକ ଦୃଶ୍ୟ ଦେଖିଲି କି ମୁସଲମାନମାନେ ନିଜ ପଶୁମାନଙ୍କ ଗଳାରେ ହାର ପିନ୍ଧାଇଛନ୍ତି ଏବଂ ସେଗୁଡ଼ିକ ଦେହରେ ତଥା ପଶୁମାନଙ୍କ ଦେହରେ ଚିହ୍ନ ଲଗାଇଛନ୍ତି । ସୁତରାଂ ସେମାନଙ୍କୁ ଖାନାକାବାର ପରିକ୍ରମଣ କରିବାରୁ ରୋକିବା ଅନୁଚିତ ।

କୁରୈଶ୍‌ମାନଙ୍କ ମଧ୍ୟରେ ସେତେବେଳେ ଭୟଭୀତ ଓ ବିକ୍ଷିପ୍ତ ପୂର୍ଣ୍ଣ ପରିସ୍ଥିତି ଉପୁଜିଥିଲା ଏବଂ ଲୋକମାନେ ଦୁଇଟି ଦଳରେ ବିଭାଜିତ ହୋଇଯାଇଥିଲେ । ଗୋଟିଏ ଦଳ କୌଣସି ମତେ ମୁସଲମାନମାନଙ୍କୁ ଏଠାରୁ ପ୍ରତ୍ୟାବର୍ତନ କରିବାପାଇଁ ଜିଦ୍ ଧରି ବସିଥିଲା ଏବଂ ମୁକାବିଲାର ବିଚାରରେ ଅଟଳ ରହିଥିଲା । ଦ୍ୱିତୀୟ ଦଳ ଏହାକୁ ନିଜର ପୂରାତନ ଧାର୍ମିକ ବର୍ଣ୍ଣନା ଓ ପ୍ରଥା ବିରୁଦ୍ଧିୟ ପାଇଁ ଭୟାଭିତ ହୋଇଥିଲା ଏବଂ କୌଣସି ସମ୍ମାନୀତ ଚୁକ୍ତିର ଆଶାବାଦୀ ଥିଲା । ଏଣୁ ନିଷ୍ପତି ଘୁଂଚି ଘୁଂଚି ଚାଲିଥିଲା । ଏହି ଅବସରରେ ମିକ୍‌ରଜ୍ ବିନ୍ ହଫସ୍ ନାମକ ଜଣେ ବ୍ୟକ୍ତି କୁରୈଶ୍‌ମାନଙ୍କୁ କହିଲା ମତେ ଯିବାକୁ ଦିଅ । ମୁଁ କୌଣସି ସମାଧାନର ବାଟ ବାହାର କରିଦେବି । କୁରୈଶ୍‌ମାନେ କହିଲେ ଆଚ୍ଛା ତୁମେ ମଧ୍ୟ ପ୍ରୟାସ କରି ଦେଖିନିଅ । ଅତଏବ ସେ ହଜୁର ସ:ଆ:ସଙ୍କ ନିକଟକୁ ଆସିଲା । ହଜୁର ସ:ଆ:ସ ଯେତେବେଳେ ତାହାକୁ ଦୁରରୁ ଆସୁଥିବାର ଦେଖିଲେ ସେତେବେଳେ କହିଲେ, ପ୍ରଭୁ ମଙ୍ଗଳ କରନ୍ତୁ ଏହି ଲୋକଟି ତ ଭଲ ଜଣାପଡୁନାହିଁ । ସେ ଯାହା ହେଉ ନା କାହିଁକି ମିକ୍‌ରଜ୍ ହଜୁର ସ:ଆ:ସଙ୍କ ନିକଟକୁ ଆସିଲା ଏବଂ ବାର୍ତ୍ତାଳାପ କରିବାକୁ ଆରମ୍ଭ କଲା କିନ୍ତୁ ବର୍ତମାନ ସେ କଥାବାର୍ତ୍ତା କରୁଥିଲା କି ମକ୍କାର ସୁହେଲ୍ ବିନ୍ ଉମ୍‌ରୋ ନାମକ ଜଣେ ପ୍ରତିଷ୍ଠିତ ଓ ବିଖ୍ୟାତ ଧର୍ନାଢ଼୍ୟ ବ୍ୟକ୍ତି ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲା ଯାହାକୁ କୁରୈଶ୍‌ମାନେ ନିଜର ଅଧିରତା ଯୋଗୁଁ ମିକ୍‌ରଜ୍‌ର ଲେଉଟିବାକୁ ଅପେକ୍ଷା କରିବା ପରିବର୍ତେ ପ୍ରେରଣ କରିଦେଇଥିଲେ । ଯେତେବେଳେ ହଜୁର ସ:ଆ:ସ ସୁହେଲ୍‌ଙ୍କୁ ଆସୁଥିବାର ଦେଖିଲେ ସେତେବେଳେ କହିଲେ କି ହେ ଦେଖ ସୁହେଲ୍ ଆସୁଛନ୍ତି । ବର୍ତମାନ ଯଦି ଅଲ୍ଲାଃ ତାଲା ଚାହାଁନ୍ତି ତେବେ ଏ ପ୍ରସଙ୍ଗଟି ଆହୁରି ସରଳ ହୋଇଯିବ ।

ସେ ଯାହା ହେଉ ନା କାହିଁକି ଏହି କଥାବାର୍ତାଟି ଜାରି ରହିଥିଲା । ଉକ୍ତ ଅବସରରେ ଏହି ଘଟଣାଟି ମଧ୍ୟ ଘଟିଲା ଯେତେବେଳେ କୁରୈଶ୍‌ମାନଙ୍କ ପକ୍ଷରୁ କ୍ରମାଗତ ଭାବରେ ଦୂତମାନେ ଆସିବାକୁ ଆରମ୍ଭ କଲେ ସେତେବେଳେ ହଜୁର ସ:ଆ:ସ ଏହା ଅନୁଭବ କଲେ ଯେ, ଆପଣଙ୍କ ପକ୍ଷରେ ମଧ୍ୟ କୌଣସି ବୁଦ୍ଧିମାନ ବ୍ୟକ୍ତି କୁରୈଶ୍‌ଙ୍କ ନିକଟକୁ ଯିବା ଉଚିତ ଯିଏ ସେମାନଙ୍କୁ ସହାନୁଭୁତି ମୁଳକ ଓ ଚାତୁର୍ଯ୍ୟପୂର୍ଣ୍ଣ ଉକ୍ତି ଦ୍ୱାରା ସେମାନଙ୍କୁ ମୁସଲମାନମାନଙ୍କ ଦୃଷ୍ଟିକୋଣ ସମ୍ପର୍କରେ ଓ ତାଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିପାରିବ । ଅତଏବ ଉକ୍ତ କାର୍ଯ୍ୟ ପାଇଁ ଖରାଶ୍ ବିନ୍ ଉମୈୟା ନାମକ ଜଣେ ବ୍ୟକ୍ତିକୁ ନିର୍ବାଚିତ କରାଗଲା । ଯିଏ ଖୁଜାଅ କବିଲାର ବ୍ୟକ୍ତିଥିଲା । ଅର୍ଥାତ ସେହି କବିଲା ଯାହା ସହିତ କୁରୈଶ୍‌ର ସର୍ବପ୍ରଥମ ଦୂତ ବୁଦେଲ୍ ବିନ୍ ୱର୍କାଙ୍କର ସମ୍ପର୍କ ରହିଥିଲା ଏବଂ ଉକ୍ତ ଅବସରରେ ହଜୁର ସ:ଆ:ସ ଖରାସ୍‌କୁ ଆରୋହଣ ନିମନ୍ତେ ସ୍ୱୟମ ନିଜର ଏକ ଓଟ ପ୍ରଦାନ କଲେ । ଯଦିଚ ଖରାଶ୍‌ଙ୍କୁ କୁରୈଶ୍‌ଙ୍କ ନିକଟକୁ ଗଲା କିନ୍ତୁ ବର୍ତମାନ ଏହି ବାର୍ତ୍ତାଳାପଟି ପ୍ରାରମ୍ଭିକ ପ୍ରର୍ଯ୍ୟାୟରେ ଥିଲା ଓ କୁରୈଶ୍‌ର ଯୁବକମାନେ ଅତ୍ୟନ୍ତ ଯୋଶ୍‌ରେ ଭରି ରହିଥିଲେ । ଅକରମା ବିନ୍ ଅବୁ ଜହଲ୍ ନାମକ ଜଣେ ଆବେଗପୂର୍ଣ୍ଣ ଯୁବକ ଖରାଶ୍‌ର ଓଟ ଉପରେ ଆକ୍ରମଣ କରି ତାହାଙ୍କୁ କ୍ଷତବିକ୍ଷତ କରିଦେଲା ଯାହାର ଆରବୀୟ ପ୍ରଥା ଅନୁଯାୟୀ ଏହି ଅର୍ଥ ଥିଲା କି ଆମେମାନେ ତୁମର ଗତିବିଦ୍ଧିକୁ ବାଧତାମୂଳକ ପ୍ରତିରୋଧ କରୁଛୁ । ଏତଦ୍ ଭିନ୍ନ କୁରୈଶ୍‌ର ଏହି ଯୋଶିଲା ଦଳ ସ୍ୱୟମ ଖରାଶ୍ ଉପରେ ମଧ୍ୟ ଆକ୍ରମଣ କରିବାକୁ ଚାହୁଁଥିଲା କିନ୍ତୁ ବୟଜ୍ୟୋଷ୍ଠମାନେ ଦଖଲ ଦେଇ ତାଙ୍କର ପ୍ରାଣ ରକ୍ଷା କରିଥିଲେ । ତା'ପରେ ସେ ଇସ୍‌ଲାମୀୟ ଶିବିରକୁ ଫେରି ଆସିଥିଲେ । ମକ୍କାର କୁରୈଶ୍‌ମାନେ କେବଳ ଏତିକିରେ ସନ୍ତୁଷ୍ଟ ହେଲେ ନାହିଁ ବରଂ ନିଜର ଭାବାବେଗରେ ଅନ୍ଧ ହୋଇ ଉକ୍ତ କଥାର ମଧ୍ୟ ଇଚ୍ଛା ପ୍ରକାଶ କଲେ କି ବର୍ତମାନ ହଜୁର ସ:ଆ:ସ ଓ ଆପଣଙ୍କ ସାହାବାମାନେ ମକ୍କାରୁ ଏତେ ନିକଟବର୍ତୀ ଓ ମଦିନାରୁ ଏତେ ଦୁରକୁ ଆସିଯାଇଛନ୍ତି ଯେ ସେମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ଯଥା ସମ୍ଭବ କ୍ଷତି ପହଂଚାଇ ଦିଆଯାଇପାରିବ । ଅତଏବ ଏହି ଉଦ୍ଦେଶ୍ୟ ନିମନ୍ତେ ସେମାନେ ୪୦ ରୁ ୫୦ ଜଣିଆ ଏକ ଦଳ ହୁଦେବିୟା ଅଭିମୁଖେ ପ୍ରେରଣ କଲେ ଏବଂ ଉକ୍ତ ବାର୍ତାଳାପର ପ୍ରଚ୍ଛନ୍ନପଟ୍ଟେ. ଯାହା ସେତେବେଳେ ଉଭୟ ପକ୍ଷଙ୍କ ମଧ୍ୟରେ ଚାଲିଥିଲା, ସେହି ଲୋକମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ ଇସ୍‌ଲାମୀୟ ଶିବିରର ଆଖପାଖରେ ପରିକ୍ରମା କରି ଏହି ସୁଯୋଗକୁ ଅନାଇ ରହିଥାଅ ଯେ ସୁଯୋଗ ମିଳିଲେ ମୁସଲମାନମାନଙ୍କ ଉପରେ ଯଥାସମ୍ଭବ ଆକ୍ରମଣ କରି ତାଙ୍କର କ୍ଷତି ସାଧନ କରିପାରିବ । ବରଂ କେତେକ ବର୍ଣ୍ଣନାରୁ ଏହା ଜଣାପଡୁଛି ଯେ ସେହି ଲୋକମାନଙ୍କ ସଂଖ୍ୟା ପାଖାପାଖି ୮୦ ଥିଲା ଏବଂ ଉକ୍ତ ଅବସରରେ କୁରୈଶ୍‌ମାନେ ହଜୁର ସ:ଆ:ସଙ୍କ ହତ୍ୟା ଷଡ଼ଯନ୍ତ୍ର ମଧ୍ୟ ରଚିଥିଲେ । ସେ ଯାହା ହେଉ ନା କାହିଁକି ଅଲ୍ଲାଃ ତାଲାଙ୍କ କୃପାରୁ ମୁସଲମାନମାନେ ନିଜ ସ୍ଥାନରେ ସତର୍କ ରହିଥିଲେ । ସୁତରାଂ କୁରୈଶ୍‌ମାନଙ୍କର ଉକ୍ତ ଷଡ଼ଯନ୍ତ୍ର ରହସ୍ୟ ଉନ୍ମୋଚିତ ହୋଇଯାଇଥିଲା ଏବଂ ସେହି ସମସ୍ତ ଲୋକମାନେ ଗିରଫ ହୋଇଥିଲେ । ଉକ୍ତ ଗତିବିଦ୍ଧି ଯାହାକୁ ଅଶ୍‌ହରେ ହରମ୍‌ରେ ଅର୍ଥାତ ପବିତ୍ର ମାସଗୁଡ଼ିକରେ ଏବଂ ହରମ୍ ଅଂଚଳରେ କରାଯାଇଥିଲା । ସେଥିଯୋଗୁଁ ମୁସଲମାନମାନେ କ୍ରୋଧରେ ଜର୍ଜରିତ ହୋଇଥିଲେ କିନ୍ତୁ ହଜୁର ସ:ଆ:ସ ସେମାନଙ୍କୁ କ୍ଷମା କରିଦେଇଥିଲେ ଏବଂ ସୁରକ୍ଷା ବାର୍ତାଳାପ ଓ ସନ୍ଧି କରିବାକୁ ମନ ବଳାଇଥିଲେ । ମକ୍କାବାସୀଙ୍କର ଉକ୍ତ ଆଚରଣ ଚର୍ଚ୍ଚା ପବିତ୍ର କୁର୍‌ଆନ୍ କରିମ୍‌ରେ ମଧ୍ୟ ରହିଛି । ଯେପରି କି ଅଲ୍ଲାଃ କୁହନ୍ତି: **ହୁୱଲ୍ ଲଜି କଫ୍‌ଫା ଅଇଦିୟହୁମ୍ ଅନ୍‌କୁମ୍........ ୱ କାନଲ୍ଲାହୁ ବିମା ତାମଲୁନା ବସିରା (ଫତହ:୨୫)** ଅର୍ଥାତ ସେ ଅଲ୍ଲାଃ ହିଁ ମକ୍କା ଉପତ୍ୟାକାରେ ସେମାନଙ୍କର

ହାତକୁ ତୁମମାନଙ୍କଠାରୁ ଓ ତୁମମାନଙ୍କ ହାତକୁ ସେମାନଙ୍କଠାରୁ ଅଟକାଇ ଦେଇଛନ୍ତି । ଏହାପରେ ତୁମେମାନେ ସେମାନଙ୍କ ଉପରେ ବିଜୟ ଲାଭ କରିଥିଲ ଏବଂ ଅଲ୍ଲାଃ ତୁମମାନଙ୍କ କର୍ମକୁ ଲକ୍ଷ କରୁଛନ୍ତି ।

ସେ ଯାହା ହେଉ ନା କାହିଁକି ଆମେମାନେ ଯେତେବେଳେ ସେହି ସମସ୍ତ ପରିସ୍ଥିତି ଓ ପୃଷ୍ଠଭୂମିରେ ହଜୁର ସ:ଆ:ସଙ୍କର ନୀରବଛିନ୍ନ ଧୈର୍ଯ୍ୟ ଓ ସାହାସ ତଥା ଶାନ୍ତିର ଉଦ୍ୟମକୁ ଅବଲୋକନ କଲୁ । ଯାହାକି ଚରମସୀମାରେ ବିଦ୍ୟମାନ ରହିଥିଲା । ଅପରପକ୍ଷରେ ଆମେମାନେ ଏହା ଅବଲୋକନ କଲୁ ଯେ, ଏଭଳି ଧୈର୍ଯ୍ୟ ତଥା ଶାନ୍ତିର ଉଦ୍ୟମ ଯାହାର ଦୃଷ୍ଟାନ୍ତ ପୃଥିବୀର ଅନ୍ୟ କୌଣସିଠାରେ ଦେଖିବାକୁ ମିଳିପାରିବ ନାହିଁ । ହଜୁର ସ:ଆ:ସ ସର୍ବଦା ଏହି ପ୍ରୟାସରେ ରହୁଥିଲେ କି କିଭଳି ଶାନ୍ତି ସ୍ଥାପନ ହେଉ ଅତଏବ ଯେତେବେଳେ କୁରୈଶ୍‌ର ଦୁଷ୍ଟାମିଙ୍କୁ ଦେଖିଲେ ଓ ତତ୍‌ସହିତ ଖରାଜ୍ ବିନ୍ ଉମୈୟାଙ୍କଠାରୁ ମକ୍କାବାସୀଙ୍କର ଅବସ୍ଥା ସମ୍ପର୍କରେ ଶୁଣିଲେ ସେତେବେଳେ କୁରୈଶ୍‌ମାନଙ୍କୁ ଶୀତଳ ତଥା ସତ୍‌ମାର୍ଗକୁ ଆଣିବା ଉଦ୍ଦେଶ୍ୟରେ ଏହି ସଂକଳ୍ପ କଲେ କି ମକ୍କାକୁ ଏଭଳି ଜଣେ ପ୍ରଭାବଶାଳୀ ବ୍ୟକ୍ତି ପ୍ରେରଣ କରାଯାଉ ଯିଏ ମକ୍କାର ହିଁ ବାସିନ୍ଦା ହୋଇଥିବ ଏବଂ କୁରୈଶ୍‌ର କୌଣସି ପ୍ରତିଷ୍ଠିତ ସମ୍ଭ୍ରାନ୍ତବର୍ଗର ଥିବ । ଅତଏବ ଏହାପରେ ହଜୁର ସ:ଆ:ସ କେବଳ ପ୍ରୟାସ ଜାରି ରଖିନଥିଲେ ବରଂ ଏହା ସତ୍ତ୍ୱେ ମଧ୍ୟ ଏହି ପଦକ୍ଷେପ ଗ୍ରହଣ କରିଥିଲେ ଯେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଅନ୍ୟ ବ୍ୟକ୍ତିକୁ ପୂର୍ନବାର ପ୍ରେରଣ କରିବା ଉଚିତ । ଅତଏବ ହଜୁର ସ:ଆ:ସ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅଙ୍କୁ କହିଲେ କି ଆପଣଙ୍କ ପାଇଁ ଏହା ଉଚିତ ହେବ ଯେ ଆପଣ ମକ୍କା ଯାଆନ୍ତୁ ଏବଂ ମୁସଲମାନମାନଙ୍କ ପକ୍ଷରୁ ଦୂତର ଦାୟିତ୍ୱ ନିର୍ବାହ କରନ୍ତୁ । ହଜ୍‌ରତ୍ ଉମର ର:ଅ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ଜାଣନ୍ତି ଯେ ମକ୍କାର ଲୋକେ ମୋର ପରମଶତ୍ରୁ ଏବଂ ବର୍ତ୍ତମାନ ସମୟରେ ମକ୍କାରେ ମୋ ସମ୍ପ୍ରଦାୟର କୌଣସି ପ୍ରଭାବଶାଳୀ ବ୍ୟକ୍ତି ଉପସ୍ଥିତ ନାହାନ୍ତି ଯେଉଁ ପ୍ରଭାବଶାଳୀ ବ୍ୟକ୍ତିଙ୍କର ମକ୍କାବାସୀଙ୍କ ଉପରେ ଚାପ ପଡ଼ିବ ତେଣୁ ମୋ ପରାମର୍ଶ ଏହି କି ଯେ, ସଫଳତାର ମାର୍ଗକୁ ଆହୁରି ସରଳ କରିବାପାଇଁ ଉକ୍ତ ସେବା ନିମନ୍ତେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ପ୍ରେରଣ କରାଯାଉ । ଯାହାଙ୍କର ବନୁ ଉମୈୟା ସସମ୍ପ୍ରଦାୟ ଉପରେ ଏବେ ସୁଦ୍ଧା ପ୍ରଭାବ ରହିଛି ଏବଂ ମକ୍କାବାସୀ ବର୍ତ୍ତମାନ ସୁଦ୍ଧା ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ବିପକ୍ଷରେ ଦୁଷ୍ଟାମି କରିବାର ଦୁଃସାହାସ କରିପାରିବେ ନାହିଁ । ଯଦି ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ପ୍ରେରଣ କରାଯାଏ ତେବେ ସଫଳତାର ଅଧିକ ସମ୍ଭାବନା ରହିଛି ଓ ସେ ସଫଳତାର ସମ୍ବାଦ ନେଇ ଘେନି ଆସିବେ । ହଜୁର ସ:ଆ:ସ ଉକ୍ତ ପରାମର୍ଶକୁ ଗ୍ରହଣ କଲେ ଏବଂ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ କହିଲେ ଯେ ସେ ମକ୍କା ଚାଲିଯାଆନ୍ତୁ ଏବଂ କୁରୈଶ୍‌ମାନଙ୍କୁ ମୁସଲମାନମାନଙ୍କର ଶାନ୍ତି ଓ ସଦ୍‌ଭାବନା ମୂଳକ ଉଦ୍ଦେଶ୍ୟ ସମ୍ବନ୍ଧରେ ଅବଗତ କରାନ୍ତୁ ଏବଂ ଉମ୍‌ରା ଉଦ୍ଦେଶ୍ୟକୁ ସ୍ପଷ୍ଟ କରନ୍ତୁ । ହଜୁର ସ:ଆ:ସ ହଜ୍‌ରତ୍ ଉସ୍‌ମାନଙ୍କୁ ନିଜ ଆଡୁ ଏକ ଲେଖା ମଧ୍ୟ ପ୍ରଦାନ କରିଥିଲେ ଯେଉଁ ପତ୍ରରେ କୁରୈଶ୍‌ର ଅଧିପତିଙ୍କ ନାମ ଉଲ୍ଲେଖ ରହିଥିଲା । ଉକ୍ତ ପତ୍ରରେ ହଜୁର ସ:ଆ:ସ ନିଜ ଆଗମନର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ ଓ କୁରୈଶ୍‌ମାନଙ୍କୁ ଏହି ଆଶ୍ୱାସନା ଦେଇଥିଲେ ଯେ, ସେମାନେ ଆମକୁ ଉପାସନା କରିବା ଅଭିପ୍ରାୟରେ ଏବଂ ଆମକୁ ଶାନ୍ତିପୂର୍ଣ୍ଣ ରୂପେ ଉମ୍‌ରା କରିବାକୁ ଦିଅନ୍ତୁ ଓ ଆମେ ଉମ୍‌ରା କରି ସେଠାରୁ ଚାଲିଆସିବୁ । ପୁନଶ୍ଚ ହଜୁର ସ:ଆ:ସ ହଜ୍‌ରତ ଉସ୍‌ମାନଙ୍କୁ ଏହା ମଧ୍ୟ କହିଥିଲେ କି ମକ୍କାରେ ଯେଉଁ ଦୁର୍ବଳ ମୁସଲମାନମାନେ ଅଛନ୍ତି ସେମାନଙ୍କୁ ମଧ୍ୟ ସାକ୍ଷାତ କରିବାକୁ ଚେଷ୍ଟା କରିବ ଏବଂ ତାଙ୍କୁ ଉତ୍ସାହିତ କରି କହିବ କି ଟିକିଏ ଧୈର୍ଯ୍ୟ ଧରିବେ କାରଣ ଅଲ୍ଲାଃ ତାଲାଙ୍କ ନିକଟରେ ତମ୍ମମାନଙ୍କ ଲାଗି ସଫଳତାର ମାର୍ଗ ଉନ୍ମୁକ୍ତ ରହିଛି । ହଜ୍‌ରତ୍ ଉସ୍‌ମାନ ର:ଅ ଏହି ବାର୍ତ୍ତା ଧରି ମକ୍କା ଗଲେ ଏବଂ ଅବୁ ସୁଫିୟାନ୍‌ଙ୍କୁ ସାକ୍ଷାତ କରି, ଯିଏ ସେହି କାଳରେ ମକ୍କାର ସବୁଠୁ ବଡ଼ ଅଧିପତି ରହିଥିଲା ତାକୁ ମୁସଲମାନମାନଙ୍କ ଆଗମନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କଲେ । ମକ୍କାର ସର୍ବସାଧାରଣ ସମ୍ମୁଖରେ ଏହି ବାର୍ତ୍ତାଳାପ ସମୟରେ ଏହି ଭିଡ଼ରେ ହଜ୍‌ରତ୍ ଉସ୍‌ମାନ ର:ଅ ହଜୁର ସ:ଆ:ସଙ୍କ ଲେଖନୀ ମଧ୍ୟ ଆଗତ କଲେ ଯେଉଁଥିରେ କୁରୈଶ୍‌ର ବିଭିନ୍ନ ଅଧିପତିମାନଙ୍କୁ ପୃଥକ ପୃଥକ ଭାବରେ ଅନୁଶୀଳନି କରାଯାଇଥିଲା । କିନ୍ତୁ ତଥାପି ସମସ୍ତ ଲୋକମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ ଯେ ମୁସଲମାନମାନେ ଚଳିତବର୍ଷ ମକ୍କାରେ ପ୍ରବେଶ କରିପାରିବେ ନାହିଁ । ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଜୋର୍ ଦେବାଯୋଗୁଁ କୁରୈଶ୍‌ମାନେ କହିଲେ ଯଦି ତୁମକୁ ଅଧିକ ଆଗ୍ରହ ରହିଛି ତାହେଲେ ଆମେମାନେ କେବଳ ତୁମକୁ ହିଁ ଅର୍ଥାତ ହଜ୍‌ରତ୍ ଉସ୍‌ମାନଙ୍କୁ ହିଁ ବଇତୁଲ୍ଲାଃର ପରିକ୍ରମା କରିବାକୁ ଅନୁମତି ପ୍ରଦାନ କରୁଛୁ । କିନ୍ତୁ ଏହାଠୁ ଅଧିକ ଆମେ ଆଉ କିଛି କରିପାରିବୁ ନାହିଁ ବା ଅନୁମତି ଦେବୁନାହିଁ ।

ସୁତରାଂ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ଏହା କିଭଳି ସମ୍ଭବ ଆମ ପ୍ରୀୟ ନବୀ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ମକ୍କାର ବାହାରେ ଅଟକାଇ ଦିଆଯିବେ ଏବଂ ମୁଁ ଏଠାରେ ପରିକ୍ରମା କରିବି ? କିନ୍ତୁ କୁରୈଶ୍‌ମାନେ କୌଣସି ମତେ ସହମତି ପ୍ରକାଶ କଲେନାହିଁ ପରିଶେଷରେ ହଜ୍‌ରତ୍ ଉସ୍‌ମାନ ର:ଅ ନିରାଶ ହୋଇ ଫେରି ଆସିବାର ପ୍ରସ୍ତୁତି ଆରମ୍ଭ କଲେ । ଉକ୍ତ ଅବସରରେ ମକ୍କାର ଖଳପ୍ରବୃତିର ଦୁର୍ବୃତମାନେ ଏହି ଦୁଷ୍ଟାମି ମଧ୍ୟ କରିଦେଇଥିଲେ ଓ ସେହି ଦୁଷ୍ଟ ବିଚାର ଏପରି ଥିଲା ଯେ କାଳେ ସେମାନଙ୍କୁ ଏହିପରି ଭାବରେ ସନ୍ଧିନାମାରେ ଅଧିକ ଲାଭ ପ୍ରାପ୍ତ ହୋଇଯିବ ତେଣୁ ସେମାନେ ହଜ୍‌ରତ୍ ଉସ୍‌ମାନ ର:ଅ ଏବଂ ତାଙ୍କର ସାଥିମାନଙ୍କୁ ମକ୍କାରେ ଅଟକାଇ ଦେବାପାଇଁ ଯୋଜନା କଲେ ଓ ଅଟକାଇ ଦେଲେ । ଫଳତଃ ମୁସଲମାନମାନଙ୍କ ମଧ୍ୟରେ ଏହି ଗୁଜବ ପ୍ରସାରିତ ହୋଇଗଲା ଯେ ମକ୍କାବାସୀ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ହତ୍ୟା କରିଦେଇଛନ୍ତି । ଅତଏବ ଯେତେବେଳେ ମୁସଲମାନମାନେ ଏହି ସମ୍ବାଦ ପାଇଲେ ସେତେବେଳେ ହଜୁର ସ:ଆ:ସ କ୍ରୋଧରେ ଜର୍ଜରିତ ଓ ଆଘାତିତ ହୋଇଥିଲେ । ସେତେବେଳେ ହଜୁର ସ:ଆ:ସ ସେଠାରେ ବୟତେ ରିଜୱାନ୍ ନେଇଥିଲେ ।

ଏହି ବୟତ ସମ୍ପର୍କରେ ଉଲ୍ଲେଖ ରହିଛି କି ଯେତେବେଳେ ଉକ୍ତ ଖବରଟି ହୁଦେବିୟାରେ ପହଂଚିଲା ସେତେବେଳେ ମୁସଲମାନମାନେ କ୍ରୋଧରେ ଜର୍ଜରିତ ହୋଇ ଉଠିଲେ । କାରଣ ହଜ୍‌ରତ୍ ଉସ୍‌ମାନ ର:ଅ ହଜୁର ସ:ଆ:ସଙ୍କର ଜ୍ୱାଇଁ ଓ ଅତି ପ୍ରୀୟ ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ ଏବଂ ଇସ୍‌ଲାମୀୟ ଦୂତ ହିସାବରେ ସେ ମକ୍କାକୁ ଯାଇଥିଲେ । ସେହି ଦିନ ଗୁଡ଼ିକ ଅଶ୍‌ହରେ ହରମ୍ ଥିଲା । ଅର୍ଥାତ ପବିତ୍ର ଧର୍ମମାସ ଥିଲା ଏବଂ ପୁନଶ୍ଚ ମକ୍କା ସ୍ୱୟମ ଏକ ହରମ୍ ଅଂଚଳ । ଏହା ସତ୍ତ୍ୱେ ଜଣେ ଦୂତଙ୍କ ସହ ଏଭଳି ଆଚରଣ କରିବା କୌଣସି ମତେ ସ୍ୱୀକାର ଯୋଗ୍ୟ ନୁହେଁ । ତେଣୁ ହଜୁର ସ:ଆ:ସ ଶୀଘ୍ର ମୁସଲମାନମାନଙ୍କ ମଧ୍ୟରେ ଘୋଷଣା କରି ସେମାନଙ୍କୁ ବବୁଲ୍ ବୃକ୍ଷ ନିକଟରେ ଏକତ୍ରିତ ହେବାପାଇଁ ଆଦେଶ ଦେଲେ । ଯେତେବେଳେ ସାହାବାମାନେ ଏକତ୍ରିତ ହୋଇଗଲେ ସେତେବେଳେ ଏହି ସମ୍ବାଦର ଚର୍ଚ୍ଚା କରି ହଜୁର କହିଲେ, ଯଦି ଏହି ସୂଚନାଟି ସଠିକ୍ ତେବେ ଈଶ୍ୱରଙ୍କ ଶପଥ କରି କହୁଛି ଯେପର୍ଯ୍ୟନ୍ତ ଆମେମାନେ ଉସ୍‌ମାନଙ୍କ ହତ୍ୟାର ପ୍ରତିଶୋଧ ନ ନେଇଛେ ସେ ପର୍ଯ୍ୟନ୍ତ ଆମେମାନେ ଏହି ସ୍ଥାନରୁ ହଟିବା ନାହିଁ । ଏହାପରେ ହଜୁର ସ:ଆ:ସ ସାହାବାମାନଙ୍କୁ କହିଲେ ଆସ ମୋ ହସ୍ତରେ ହସ୍ତ ରଖି ଶପଥ କର ଯେ, ତୁମମାନଙ୍କ ମଧ୍ୟରୁ କେହି ବି ପଳାୟନ କରିବନାହିଁ ଏବଂ ନିଜ ଜୀବନକୁ ବାଜି ଲଗାଇବ କିନ୍ତୁ କୌଣସି ପରିସ୍ଥିତିରେ ନିଜର ସ୍ଥାନକୁ ଛାଡ଼ିବନାହିଁ । ଉକ୍ତ ଘୋଷଣାକୁ ଶୁଣି ସାହାବାମାନେ ଏଭଳି ଭାବରେ ହଜୁର ସ:ଆ:ସଙ୍କ ଆଡ଼କୁ ଧାଇଁଲେ ଯଦ୍ୱାରା ସେମାନେ ପରସ୍ପର ଉପରେ ପଡ଼ିଯାଉଥିଲେ ଏବଂ ଚଉଦ ପନ୍ଦରଶହ ମୁସଲମାନମାନଙ୍କର ଏହି ସଂଖ୍ୟା ହିଁ ଏକମାତ୍ର ଜମାପୁଞ୍ଜି ଥିଲା । ଜଣ ଜଣ କରି ମୁସଲମାନମାନେ ନିଜର ପ୍ରୀୟ ନବୀଙ୍କ ହସ୍ତରେ ବୟତ କଲେ ଯେପରି ଜଣେ ନିଜକୁ ଅନ୍ୟ ହାତରେ ଟେକି ଦେଉଛି । ଯେତେବେଳେ ବୟତେ ରିଜୁୱାନ୍ ଚାଲିଥିଲା ସେତେବେଳେ ହଜୁର ସ:ଆ:ସ ନିଜର ବାମ ହସ୍ତକୁ ନିଜର ଦକ୍ଷିଣ ହସ୍ତ ଉପରେ ରଖି କହିଲେ ଏହା ହେଉଛି ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ହସ୍ତ କାରଣ ଯଦି ସେ ଏଠାରେ ଥାଆନ୍ତେ ତାହେଲେ ସେ କଦାପି ଏହି ପବିତ୍ର ବୟତରୁ ଅଲଗା ରହିନଥାନ୍ତେ କିନ୍ତୁ ସେ ବର୍ତମାନ ଅଲ୍ଲାଃ ଓ ତାହାଙ୍କ ବାର୍ତ୍ତାବହକଙ୍କ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି । ଏହିପରି ଭାବରେ ଏହି ବିଜୁଳିପରି ଦୃଶ୍ୟର ପରିସମାପ୍ତି ହୋଇଥିଲା ।

ବୟତେ ରିଜୱାନ୍ ଇତିହାସରେ ସୁପ୍ରଶିଦ୍ଧ ଅର୍ଥାତ ସେହି ବୟତ ଯେଉଁ ବୟତରେ ମୁସଲମାନମାନେ ଅଲ୍ଲାଃ ତାଲାଙ୍କର ପୂର୍ଣ୍ଣ ପ୍ରସନ୍ନତାର ପୁରସ୍କାର ଲଭିଥିଲେ । ପବିତ୍ର କୁର୍‌ଆନ୍ ମଧ୍ୟ ଉକ୍ତ ବୟତର ଚର୍ଚ୍ଚା କରି କୁହେ: **ଲକଦ୍ ରଜିଅଲ୍ଲାଃହୁ ଅନିଲ୍ ମୁମିନିନା ଇଜ୍ ୟୁବାଇୟୁନକା ତହ୍‌ତଶ୍ ଶଜରତି ଫଅଲିମା ମା ଫଇ କୁଲୁବିହିମ୍ ଫଅନ୍‌ଜଲସ୍ ସକିନତା ଅଲୈହିମ୍ ୱ୍ ଅସାବହୁମ୍ ଫତ୍‌ହନ୍ କରିବା (ଅଲ୍‌ଫତହ୍:୧୯)** । ଅର୍ଥାତ ଅଲ୍ଲାଃ ବିଶ୍ୱାସକାରୀଙ୍କ ଉପରେ ସେତେବେଳେ ଅତି ସନ୍ତୁଷ୍ଟ ହୋଇଗଲେ ଯେତେବେଳେ ସେମାନେ ବୃକ୍ଷତଳେ ତୁମ୍ଭର ଆନୁଗତ୍ୟ ସ୍ୱୀକାର କରିଥିଲେ ଏବଂ ସେମାନଙ୍କ ହୃଦୟରେ ଯାହା ଥିଲା ସେ ତାହାକୁ ଭଲ ଭାବରେ ଜାଣିପାରିଲେ ତେଣୁ ଏଥିଯୋଗୁଁ ସେ ସେମାନଙ୍କ ହୃଦୟରେ ଶାନ୍ତି ଅବତୀର୍ଣ୍ଣ କଲେ ଏବଂ ସେମାନଙ୍କୁ ଏକ ଆସନ୍ନ ବିଜୟ ପ୍ରଦାନ କଲେ ।

ସମ୍ମାନନୀୟ ସାହାବାମାନେ ମଧ୍ୟ ସର୍ବଦା ଉକ୍ତ ବୟତକୁ ଅତ୍ୟନ୍ତ ଗର୍ବ ଓ ପ୍ରେମର ସହିତ ବର୍ଣ୍ଣନା କରୁଥିଲେ ଏବଂ ତନ୍ମଧ୍ୟରୁ ଅନେକ ଆଗାମୀ ପିଢ଼ୀକୁ କହୁଥିଲା ଯେ ତୁମେମାନେ ତ ମକ୍କାର ବିଜୟକୁ ବିଜୟ ବୋଲି ପରିଗଣିତ କରୁଛ କିନ୍ତୁ ଆମେମାନେ ବୟତେ ରିଜୱାନ୍‌କୁ ହିଁ ବିଜୟ ବୋଲି ମନେ କରୁଛୁ ଏବଂ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ଉକ୍ତ ବୟତ ନିଜର ସମସ୍ତ ସର୍ତାବଳୀକୁ ସାଙ୍ଗରେ ନେଇ ଏକମହାନ୍ ବିଜୟ ଥିଲା । କେବଳ ଆଗାମୀ ବିଜୟର ଦ୍ୱାରକୁ ଉନ୍ମୁକ୍ତ କରିନଥିଲା ବରଂ ଏଥିପାଇଁ ମଧ୍ୟ ମହାନ୍ ଥିଲା ଯେ ତହିଁରୁ ଇସ୍‌ଲାମ୍‌ର ସେହି ଜୀବନକୁ ବିକ୍ରି କରିଦେବାର ସ୍ପୃହା ଯାହାକି ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଧର୍ମର କେନ୍ଦ୍ରବିନ୍ଦୁ ସାଜିଥିଲା, ଏକ ଅତ୍ୟନ୍ତ ଭବ୍ୟପୂର୍ଣ୍ଣ ଭାବରେ ପରିପ୍ରକାଶ ହେଲା ଏବଂ ଇସ୍‌ଲାମୀୟ ଉତ୍ସର୍ଗୀମାନେ ନିଜର କର୍ମ ଦ୍ୱାରା ଏହା ପ୍ରମାଣିତ କରିଦେଲେ ଯେ ସେମାନେ ନିଜର ବାର୍ତାବହ ଓ ତାହାଙ୍କ ଦ୍ୱାରା ଅଣାଯାଇଥିବା ସତ୍ୟତା ପାଇଁ ପ୍ରତ୍ୟେକ ଭୂମିରେ ପ୍ରତ୍ୟେକ ପାଦରେ ଜୀବନ ଓ ମୃତ୍ୟୁର ଚୁକ୍ତିନାମାପାଇଁ ପ୍ରସ୍ତୁତ ଅଛନ୍ତି । ଏଣୁ ସାହାବାମାନେ ବୟତେ ରିଜୱାନ୍‌ର ଚର୍ଚ୍ଚା କରି କହୁଥିଲେ ଯେ ଏହି ବୟତଟି ମୃତ୍ୟୁର ଶପଥ ପାଇଁ ବୟତ ଥିଲା । ଅର୍ଥାତ ଏହି ବୟତର ଶପଥ ଥିଲା ଯେ ପ୍ରତ୍ୟେକ ମୁସଲମାନ ଇସ୍‌ଲାମ୍‌ର ଗାରିମା ପାଇଁ ନିଜ ଜୀବନକୁ ବାଜି ଲଗାଇଦେବ ପଛକେ କଦାପି ପଛଘୁଂଚା ଦେବେନାହିଁ ଏବଂ ଉକ୍ତ ବୟତର ଏକ ବିଶେଷତା ଏହା ଥିଲା ଯେ ଉକ୍ତ ଶପଥଟି କେବଳ ତୁଣ୍ଡର ଏକ ସାମୂହିକ ସ୍ୱୀକାରୋକ୍ତି ନଥିଲା ଯାହା ସାମୁହିକ ଆବେଗପୂର୍ଣ୍ଣ ପରିସ୍ଥିତିରେ କରିଦିଆଯାଇଥିଲା ବରଂ ହୃଦୟର ଅତଳ ଗହ୍ୱରରୁ ଶୁଭୁଥିବା ସ୍ୱର ଥିଲା । ଯାହା ପଛରେ ମୁସଲମାନମାନଙ୍କର ସମସ୍ତ ଶକ୍ତି ହଜୁର ସ:ଆ:ସଙ୍କର ସେହି ଏକ କେନ୍ଦ୍ରବିନ୍ଦୁରେ ହିଁ ଏକତ୍ରିତ ହୋଇଯାଇଥିଲା ।

ଯେତେବେଳେ କୁରୈଶ୍‌ମାନଙ୍କୁ ଉକ୍ତ ବୟତର ସୁଚନା ମିଳିଲା ସେତେବେଳେ ସେମାନେ ଭୟଭୀତ ହୋଇଗଲେ ଏବଂ ନା କେବଳ ହଜ୍‌ରତ୍ ଉସ୍‌ମାନ ର:ଅ ଓ ତାଙ୍କ

ସାଥିମାନଙ୍କୁ ମୁକ୍ତ କରିଦେଲେ ବରଂ ନିଜର ରାଜଦୂତମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ଯେ ବର୍ତ୍ତମାନ ଯାହାପରେ ତାହା ହେଉ ଯଥା ସମ୍ଭବ ମୁସଲମାନମାନଙ୍କ ସହିତ ସନ୍ଧି କରିନିଅ କିନ୍ତୁ ଉକ୍ତ ସର୍ତଟି ଅବଶ୍ୟ ରଖାଯାଉ ଯେ, ଚଳିତ ବର୍ଷ ବ୍ୟତିତ ମୁସଲମାନମାନେ ଆସନ୍ତା ବର୍ଷରେ ଆସି ଉମ୍ରା କରିବେ ଏବଂ ସେ ଯାହା ହେଉ ନା କାହିଁକି ବର୍ତମାନ ମୁସଲମାନମାନେ ମଦିନା ଅଭିମୁଖେ ଫେରିଯାଆନ୍ତୁ । ଅପରପକ୍ଷରେ ହଜୁର ସ:ଆ:ସ ମଧ୍ୟ ପ୍ରାରମ୍ଭରୁ ଏହା ମନସ୍ଥ କରିନେଇଥିଲେ ଯେ ମୁଁ ଏହି ଅବସରରେ ଏପରି କୌଣସି କଥା କହିବିନାହିଁ ଯାହା ହର୍‌ମୁଲ୍ ମୁହ୍‌ରମ୍ ଓ ବଇତୁଲ୍ଲା ବିରୋଦ୍ଧିୟ ହେଉଥିବ । ଅଲ୍ଲାଃ ତାଲା ହଜୁର ସ:ଆ:ସଙ୍କୁ ପୂର୍ବରୁ ଏହି ଶୁଭ ସମ୍ବାଦ ଦେଇସାରିଥିଲେ ଯେ ଉକ୍ତ ଅବସରରେ କୁରୈଶ୍ ସହିତ ଆପୋଷ ବୁଝାମଣା ଆଗାମି ସଫଳତାର ଶିର୍ଷକ ସାଜିବ ଏଣୁ ଉଭୟ ପକ୍ଷଙ୍କ ସାମର୍ଥ୍ୟ ଅନୁଯାୟୀ ସନ୍ଧି ସ୍ଥାପନ ନିମନ୍ତେ ଏହି ପରିବେଶଟି ସୁହାଇଲା ଭଳି ଥିଲା ଓ ଉପଯୁକ୍ତ ମଧ୍ୟ ଥିଲା । ଏହି ପରିବେଶରେ ହିଁ ସୁହେଲ୍ ବିନ୍ ଉମ୍‌ରୋ ହଜୁର ସ:ଆ:ସଙ୍କ ନିକଟରେ ପହଂଚିଲେ । ହଜୁର ସ:ଆ:ସ ତାଙ୍କୁ ଦେଖିବାମାତ୍ରେ କହିଲେ ବର୍ତମାନ ଘଟଣାଟି ସହଜ ଜଣାପଡୁଛି । ସନ୍ଧି ସ୍ଥାପନ ନିମନ୍ତେ ବାର୍ତାଳାପ ଆରମ୍ଭ ହେଲା ଯେତେବେଳେ ସୁହେଲ୍ ବିନ୍ ଉମ୍ରୋ ହଜୁର ସ:ଆ:ସଙ୍କ ସମ୍ମୁଖକୁ ଆସିଲା ସେତେବେଳେ ହଜୁର ସ:ଆ:ସ ତାଙ୍କୁ ଦେଖି କହିଲେ ହେଇ ପରା ସୁହେଲ୍ ଆସୁଛନ୍ତି । ବର୍ତମାନ ଅଲ୍ଲାଃ ତାଲା ଯଦି ଚାହିଁବେ ସମସ୍ୟାଟି ସରଳ ହୋଇଯିବ । ସେ ଯାହା ହେଉ ନା କାହିଁକି ସୁହେଲ୍ ର:ଅ ଆସିଲେ ଏବଂ ଆସିବା କ୍ଷଣି ହଜୁର ସ:ଆ:ସଙ୍କୁ କହିଲେ ହେ ସୁହେଲ୍ ଆସ ବର୍ତମାନ ଦୀର୍ଘ ବିତର୍କ କଥା ଛାଡ଼ ଆମେମାନେ ଚୁକ୍ତିନାମା ପାଇଁ ପ୍ରସ୍ତୁତ ଅଛୁ । ହଜୁର ସ:ଆ:ସ କହିଲେ ଆମେମାନେ ମଧ୍ୟ ପ୍ରସ୍ତୁତ ଅଛୁ ଏବଂ ଉକ୍ତ ଆଦେଶ ସହିତ ହଜୁର ସ:ଆ:ସ ନିଜର ସଚିବ ହଜ୍‌ରତ୍ ଅଲୀଙ୍କୁ ଡ଼କାଇଲେ ଅତଏବ ଚୁକ୍ତିନାମାର ସର୍ତାବଳୀ ନିର୍ଦ୍ଧାରିତ ହେଲା ଯାହା ଏପରି ଥିଲା ।

ହଜୁର ସ:ଆ:ସ ଓ ଆପଣଙ୍କ ସାଥିମାନେ ଚଳିତବର୍ଷ ଫେରି ଯାଆନ୍ତୁ । ଆସନ୍ତାବର୍ଷ ସେମାନେ ମକ୍କା ଆସି ଉମ୍‌ରା କରିପାରିବେ କିନ୍ତୁ ବନ୍ଦ ଖଡ଼୍‌ଗ ଅର୍ଥାତ ଖୋଳରେ ଖଡ଼୍‌ଗ ରହିବା ବ୍ୟତିତ ଅନ୍ୟ କୌଣସି ଅସ୍ତ୍ର ନିଜ ସାଥିରେ ଆଣିବେ ନାହିଁ ଏବଂ ମକ୍କାରେ ତିନି ଦିନରୁ ଅଧିକ ଦିନ ଅବସ୍ଥାନ କରିବେ ନାହିଁ । ମକ୍କାବାସୀଙ୍କ ମଧ୍ୟରୁ ଯଦି କୌଣସି ପୁରୁଷ ମଦିନାକୁ ଯାଏ ତେବେ ସେ ପଛେ ମୁସଲମାନ ହୋଇଥାଉ ନା କାହିଁକି ଆଁ ହଜ୍‌ରତ୍ ସ:ଆ:ସ ଉକ୍ତ ବ୍ୟକ୍ତିକୁ ମଦିନାରେ ଶରଣ ଦେବେନାହିଁ ଏବଂ ଉକ୍ତ ବ୍ୟକ୍ତିକୁ ଫେରାଇ ଦେବେ । କିନ୍ତୁ ଯଦି କୌଣସି ମୁସଲମାନ ବ୍ୟକ୍ତି ମଦିନା ଛାଡ଼ି ମକ୍କା ଚାଲିଆସେ ତେବେ ସେହି ବ୍ୟକ୍ତିକୁ ଫେରସ୍ତ କରାଯିବ ନାହିଁ ।

ଆଉ ଏକ ରିୱାୟତ୍ ମୁତାବକ ଯଦି ମକ୍କାବାସୀଙ୍କ କୌରସୀ ବ୍ୟକ୍ତି ନିଜ ଅଭିଭାବକଙ୍କ ବିନା ଅନୁମତିରେ ମଦିନା ଚାଲିଆସେ ତେବେ ତାକୁ ଲେଉଟାଇ ଦିଆଯିବ । ଆରବର କବିଲାମାନଙ୍କ ମଧ୍ୟରୁ ଯେଉଁ କବିଲା ବି ଚାହିଁବ ସେ ମୁସଲମାନମାନଙ୍କର ହଲିଫ୍ (ମିତ୍ର) ହୋଇପାରିବ ଏବଂ ଯିଏ ଚାହିଁବ ସେ ମକ୍କାବାସୀଙ୍କର ମଧ୍ୟ ମିତ୍ର ହୋଇପାରିବ ।

ଉକ୍ତ ଚୁକ୍ତିନାମାଟି ବର୍ତମାନଠାରୁ ଦଶବର୍ଷ ପର୍ଯ୍ୟନ୍ତ ଲାଗୁ ରହିବ । ଏହି ଅବଧିରେ କୁରୈଶ୍ ଓ ମୁସଲମାନମାନଙ୍କ ମଧ୍ୟରେ କୌଣସି ଯୁଦ୍ଧ ହେବନାହିଁ ଅର୍ଥାତ ଯୁଦ୍ଧରେ ବିରାମ ରହିବ ।

ଉକ୍ତ ଚୁକ୍ତିନାମାର ଦୁଇଟି କପି ଅର୍ଥାତ ନକଲ ପ୍ରସ୍ତୁତ କରାଗଲା ଏବଂ ଉଭୟ ପକ୍ଷର ମାନ୍ୟଗଣ ଓ ପ୍ରତିଷ୍ଠିତ ବ୍ୟକ୍ତିମାନେ ସାକ୍ଷ୍ୟସ୍ୱରୁପ ଉକ୍ତ ଚୁକ୍ତିନାମାରେ ହସ୍ତାକ୍ଷର କଲେ । ଅତଏବ ମୁସଲମାନମାନଙ୍କ ପକ୍ଷରୁ ହସ୍ତାକ୍ଷରକାରୀଙ୍କ ମଧ୍ୟରେ ହଜ୍‌ରତ୍ ଅବୁବକର, ହଜ୍‌ରତ୍ ଉମର୍ ଓ ହଜ୍‌ରତ୍ ଉସ୍‌ମାନ ର:ଅ ଯିଏ ସେତେବେଳେ ମକ୍କାରୁ ଫେରି ଆସିଥିଲେ । ଅବିଶ୍ୱାସକାରୀମାନେ ତାଙ୍କୁ ଅଟକାଇ ରଖିଥିଲେ ଚୁକ୍ତିନାମା ବେଳକୁ ତାଙ୍କୁ ଛାଡ଼ି ଦେଇଥିଲେ, ସେ ମଧ୍ୟ ଚୁକ୍ତିନାମାରେ ହସ୍ତାକ୍ଷର କଲେ । ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍, ସାଆଦ୍ ବିନ୍ ଅବି ୱକାସ ଓ ଅବୁ ଉବୈଦା ର:ଅଙ୍କ ପରି ସାହାବାମାନେ ମଧ୍ୟ ସେହି ଚୁକ୍ତିନାମାରେ ହସ୍ତାକ୍ଷର କରିଥିଲେ । ଚୁକ୍ତି/ସନ୍ଧି ନାମାଟି ପୂରଣ ହୋଇଯିବାର ସ୍ୱହେଲ୍ ବିନ୍ ଉମ୍ରୋ ଚୁକ୍ତିନାମାର ଏକ ନକଲ ନେଇ ମକ୍କା ଅଭିମୁଖେ ପ୍ରତ୍ୟାବର୍ତନ କଲେ ଏବଂ ଦ୍ୱିତୀୟ ନକଲ ହଜୁର ସ:ଆ:ସଙ୍କ ନିକଟରେ ହିଁ ରହିଗଲା । ***(ସିରତ୍ ଖାତ୍‌ମୁନ୍ ନବିୟିନ୍........ ପୃ-୭୪୯-୭୬୯)***

ହଜ୍‌ରତ ମୁସ୍‌ଲେହ ମଉଦ୍ ର:ଅ ଉକ୍ତ ଘଟଣାକୁ ନିଜସ୍ୱ ଶବ୍ଦରେ ଏହିପରି ବର୍ଣ୍ଣନା କରିଛନ୍ତି ଯେ, ମକ୍କାର ଆଖପାଖର ଲୋକମାନେ ଅଝଟ କଲେ ଯେ, ଏହି ଲୋକମାନେ କାବାର ପରିକ୍ରମା ପାଇଁ ଆସିଛନ୍ତି ଆପଣମାନେ ଏମାନଙ୍କୁ କାହିଁକି ଅଟକାଉଛନ୍ତି କିନ୍ତୁ ମକ୍କାବାସୀ ନିଜ ଜିଦ୍‌ରେ ଅଟଳ ରହିଥିଲେ ଫଳତଃ ବାହ୍ୟ କବିଲାର ଲୋକମାନେ ମକ୍କାବାସୀଙ୍କୁ କହିଲେ ଯେ ଆପଣମାନଙ୍କର ଏହି ଆଚରଣ ଦର୍ଶାଉଛି ଯେ ଆପଣମାନେ ଖଳ ସ୍ୱଭାବି ତଥା ଉପଦ୍ରବକାରୀ ଓ ଉପଦ୍ରବକୁ ପସନ୍ଦ କରୁଥିବା ଲୋକେ ନା କି ସନ୍ଧି କରିବାପାଇଁ ପସନ୍ଦ କରୁଥିବା ଲୋକ । ଏଣୁ ଆପଣମାନଙ୍କୁ ସାହାଯ୍ୟ କରିବା ଆମମାନଙ୍କୁ ଠିକ୍ ହେବନାହିଁ । ଏବଂ ଏକ ନୂତନ କଥା ଯାହାକୁ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରିଛନ୍ତି । ଆଖପାଖର କବିଲାର ଲୋକମାନଙ୍କର ଚାପ ମକ୍କାବାସୀଙ୍କ ଉପରେ ରହିଥିଲା ଫଳତଃ ମକ୍କାବାସୀମାନେ ଭୟଭୀତ ହୋଇଥିଲେ ଏବଂ ସେମାନେ ଉକ୍ତ କଥାପ୍ରତି ସହମତି ପ୍ରକାଶ କରିଥିଲେ ଯେ ମୁସଲମାନମାନଙ୍କ ସହିତ ସନ୍ଧି ସ୍ଥାପନ ପାଇଁ ଚେଷ୍ଟା କରାଯାଉ । ହଜୁର ସ:ଆ:ସଙ୍କୁ ଯେତେବେଳେ ଉକ୍ତ କଥା ସଂକ୍ରାନ୍ତରେ ସୁଚନା ମିଳିଲା ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଯିଏ ହଜୁର ସ:ଆ:ସଙ୍କର ତୃତୀୟ ଖଲିଫା ହୋଇଥିଲେ, ମକ୍କାବାସୀଙ୍କ ସହିତ କଥାବାର୍ତା କରିବାପାଇଁ ପ୍ରେରଣ କରିଥିଲେ ଯଦିଓ ହଜ୍‌ରତ୍ ଉସ୍‌ମାନ ର:ଅ ମକ୍କାବାସୀଙ୍କ ସହିତ ଘନିଷ୍ଠ ସମ୍ପର୍କୀୟ ଥିଲେ ତେଣୁ ସେ ଯେତେବେଳେ ମକ୍କା ପହଂଚିଲେ ସେତେବେଳେ ତାଙ୍କର ସମ୍ପର୍କୀୟ ପରିଜନମାନେ ତାଙ୍କ ଆଖପାଖରେ ରୁଣ୍ଡ ହୋଇଥିଲେ । ସେମାନେ ହଜ୍‌ରତ୍ ଉସ୍‌ମାନଙ୍କୁ କହିଲେ ଆପଣ ପରିକ୍ରମା କରିନିଅନ୍ତୁ, ହଜୁର ସ:ଆ:ସ ଆସନ୍ତା ବର୍ଷ ଆସି ପରିକ୍ରମା କରିନେବେ । କିନ୍ତୁ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ ମୁଁ ନିଜର ମୁନୀବଙ୍କ ବିନା ବଇତୁଲ୍ଲା ପରିକ୍ରମା କରିପାରିବିନାହିଁ । ଯଦିଓ ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ମକ୍କାର ଅଧିପତିମାନଙ୍କ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ବାର୍ତାଳାପ ହୋଇଥିଲା ଏବଂ ମକ୍କାର ଲୋକମାନଙ୍କ ମଧ୍ୟରୁ କେତେକ ଖଳପ୍ରକୃତିର ଲୋକମାନେ ଉପଦ୍ରବ ସ୍ୱରୁପ ଏହି ଅପପ୍ରଚାର କରିଥିଲେ ଯେ, ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଶହୀଦ କରିଦିଆଯାଇଛି । ଉକ୍ତ ଖବରଟି ପ୍ରସାରିତ ହେବାପାରେ ରସୁଲୁଲ୍ଲାଃ ସ:ଆ:ସ ନିଜର ସାହାବାମାନଙ୍କୁ ଏକତ୍ରିତ କଲେ ଏବଂ କହିଲେ ପ୍ରତ୍ୟେକ ଜାତିର ଦୂତର ଜୀବନ ସୁରକ୍ଷିତ ରହିଥାଏ । ଏବେ ତୁମେମାନେ ଶୁଣିଛ ଯେ, ମକ୍କାବାସୀମାନେ ହଜ୍‌ରତ୍ ଉସ୍‌ମାନଙ୍କୁ ହତ୍ୟା କରିଦେଇଛନ୍ତି ଯଦି ଉକ୍ତ ଖବରଟି ସତ୍ୟ ପ୍ରମାଣିତ ହୁଏ ତାହେଲେ ଆମେମାନେ ବଳପୂର୍ବକ ମକ୍କାରେ ପ୍ରବେଶ କରିବା ଅର୍ଥାତ ଆମମାନଙ୍କର ପ୍ରଥମ ଉଦ୍ଦେଶ୍ୟ ମକ୍କାର ଶାନ୍ତିପୂର୍ବକ ପ୍ରବେଶ ଥିଲା ଏବଂ ଯେଉଁ ପରିସ୍ଥିତିରେ ଚୁକ୍ତିନାମା ହୋଇଥିଲା ଅତଏବ ପରିସ୍ଥିତିଟି ପରିବର୍ତିତ ହୋଇଯିବ ତେଣୁ ଆମେମାନେ ଉକ୍ତ ଇଚ୍ଛାକୁ ପାଳନ କରିପାରିବୁ ନାହିଁ । ଯେଉଁ ଲୋକମାନେ ଉକ୍ତ ଶପଥ ପାଇଁ ପ୍ରସ୍ତୁତ ଆମମାନଙ୍କୁ ଯଦି ଆଗକୁ ଅଗ୍ରସର ହେବାକୁ ପଡ଼େ କିମ୍ବା ଆମେମାନେ ବିଜୟ ହୋଇ ଫେରିବୁ କିମ୍ବା ଯୁଦ୍ଧ ଭୂମିରେ ଜଣ ଜଣ କରି ନୀହତ ହେବୁ । ସେଥିପାଇଁ ହିଁ ଉକ୍ତ ଶପଥର ସହ ମୋ ସହିତ ବୟତ କରନ୍ତୁ । ହଜୁର ସ:ଆ:ସଙ୍କର ଏହି ଘୋଷଣା କରିବାରେ ବିଳମ୍ବ ହୋଇନଥିଲା କି ପନ୍ଦରଶହରୁ ଉର୍ଦ୍ଧ ସାହାବାମାନେ ଯେଉଁମାନେ ହଜୁର ସ:ଆ:ସଙ୍କ ସାଥିରେ ସାମିଲ ଥିଲେ ହଠାତ୍ ୧୫୦୦ ସୈନ୍ୟରେ ପରିଣତ ହୋଇଗଲେ ଏବଂ ପାଗଳଙ୍କ ପରି ପରସ୍ପର ଉପରେ ଲମ୍ଫ ମାରି ହଜୁର ସ:ଆ:ସଙ୍କ ହସ୍ତ ଉପରେ ହସ୍ତ ରଖି ବୟତ କରିବାପାଇଁ ଉଦ୍ୟମ କରିଥିଲେ । ଉକ୍ତ ବୟତଟି ଇସ୍‌ଲାମୀୟ ଇତିହାସରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ଏବଂ ବୃକ୍ଷର ଚୁକ୍ତିନାମା ନାମରେ ନାମିତ ହୋଇଛି । କାରଣ ଯେଉଁ ସମୟରେ ଏହି ବୟତଟି ନିଆଯାଇଥିଲା ସେହି ସମୟରେ ହଜୁର ସ:ଆ:ସ ଏକ ବୃକ୍ଷ ମୂଳେ ବସିଥିଲେ ଯେପର୍ଯ୍ୟନ୍ତେ ଉକ୍ତ ବୟତରେ ସାମିଲ ହୋଇଥିବା ବ୍ୟକ୍ତି ସଂସାରରେ ଜୀବିତ ରହିଲା ସେ ପର୍ଯ୍ୟନ୍ତ ସେ ଅତ୍ୟନ୍ତ ଗର୍ବିତ ଭାବରେ ଏହି କଥାର ଚର୍ଚ୍ଚା କରୁଥିଲା କାରଣ ୧୫୦୦ ଲୋକଙ୍କ ମଧ୍ୟରୁ ଜଣେ ଲୋକମଧ୍ୟ ସେହି ବୟତରୁ ଓହରି ନଥିଲା । ଯଦି ଶତୃପକ୍ଷ ଇସ୍‌ଲାମୀୟ ରାଜଦୂତଙ୍କୁ ହତ୍ୟା କରିଦେଇଛି ତେବେ ଆଜି ଦୁଇଟି ପରିସ୍ଥିତି ମଧ୍ୟରୁ ଗୋଟିଏ ପରିସ୍ଥିତି ଅବଶ୍ୟ ଉତ୍ପନ କରି ବିଶ୍ରାମ ନେବେ କିମ୍ବା ସେମାନେ ସନ୍ଧ୍ୟା ପୂର୍ବରୁ ମକ୍କା ବିଜୟ କରି ନିଶ୍ୱାସ ନେବେ କିମ୍ବା ସନ୍ଧ୍ୟା ପୂର୍ବରୁ ସେମାନେ ଯୁଦ୍ଧ ଭୂମିରେ ନୀହତ ହୋଇଯିବେ । କିନ୍ତୁ ବର୍ତମାନ ମୁସଲମାନମାନେ ବୟତରୁ ମୁକ୍ତ ହୋଇନଥିଲେ କି ହଜ୍‌ରତ୍ ଉସ୍‌ମାନ ର:ଅ ହଜୁର ସ:ଆ:ସଙ୍କ ନିକଟକୁ ଫେରିଆସିଲେ ଏବଂ କହିଲେ ମକ୍କାବାସୀ ଚଳିତ ବର୍ଷ ଉମ୍‌ରା ପାଇଁ ଅନୁମତି ପ୍ରଦାନ କରିବେନାହିଁ କିନ୍ତୁ ଆସନ୍ତା ବର୍ଷ ଅନୁମତି ଦେବାକୁ ପ୍ରସ୍ତୁତ ଅଛନ୍ତି । ଅତଏବ ଏ ସଂକ୍ରାନ୍ତରେ ଚୁକ୍ତିନାମା କରିବାପାଇଁ ସେମାନେ ନିଜର ପ୍ରତିନିଧି ନିଯୁକ୍ତ କରିଦେଇଛନ୍ତି । ହଜ୍‌ରତ୍ ଉସ୍‌ମାନ ର:ଅ ଆସିବାର କିଛି ସମୟ ପରେ ମକ୍କାର ସୁହେଲ୍ ନାମ୍ନୀ ଜଣେ ପ୍ରତିଷ୍ଠିତ ଅଧିପତି ଚୁକ୍ତି ପାଇଁ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲା । ***(ଦିବାଚା ତଫ୍‌ସୀରୁଲ୍ କୁର୍‌ଆନ୍..... ଖଣ୍ଡ-୨୦, ପୃ-୩୦୭-୩୦୮)***

ଯେଉଁ ଚୁକ୍ତିନାମାର ବର୍ତମାନ ଚର୍ଚ୍ଚା କରି ମୁଁ ଆସିଲି । ହଜ୍‌ରତ୍ ଉସ୍‌ମାନ ର:ଅ ସମ୍ପର୍କୀତ ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମୀ ଖୁତ୍‌ବାରେ ବର୍ଣ୍ଣନା କରିବି ।

ବର୍ତମାନ ମୁଁ ଆପଣଙ୍କୁ ଦୁଆ କରିବାପ୍ରତି ଦୃଷ୍ଟି ଆକର୍ଷିତ କରିବାକୁ ଚାହୁଁଛି ଯେ ଆପଣମାନେ ବିଶେଷରୂପେ ପାକିସ୍ତାନର ପରିସ୍ଥିତି ପାଇଁ ଦୁଆ କରନ୍ତୁ । ଘରର ଚାରିକାନ୍ଥ ମଧ୍ୟରେ ବି ବର୍ତମାନ ଅହେମଦୀମାନେ ସୁରକ୍ଷିତ ନାହାନ୍ତି ପ୍ରତ୍ୟେକ ସ୍ଥାନରେ ମୌଲବୀ ମାନେ ଯେଉଁଠି ପୋଲିସକୁ କହୁଛନ୍ତି ପୋଲିସ ସେଠାରେ ପହଂଚି ସେମାନଙ୍କୁ ଗିରଫ କରିନେଉଛି । କେତେକ ସୁଶୀଳ ଓ ଭଦ୍ର ସ୍ୱଭାବର ପୋଲିସମାନେ ମଧ୍ୟ ଏହି ମତପ୍ରକାଶ କରୁଛନ୍ତି ଯେ ଆପଣଙ୍କ ସହିତ ଆମର ସହାନୁଭୂତି ରହିଛି କିନ୍ତୁ ଆମେ କଣ ବା କରିପାରିବୁ ଆମ ଉପରେ ଆମର ଉପରିସ୍ଥ ଅଧିକାରୀମାନେ ଏତେ ଚାପ ପକାଉଛନ୍ତି ଯାହା ଫଳରେ ଆମେମାନେ ଏହିପରି ଆଚରଣ ଆପଣଙ୍କ ସହ କରିବାପାଇଁ ବାଧ୍ୟ ହେଉଛୁ । ଅଲ୍ଲାଃ ତାଲା ଏଭଳି ଦୁଷ୍ଟ ଓ କୁଟିଳ ସ୍ୱଭାବିୟ ପଦାଧିକାରୀଙ୍କଠାରୁ ଆମକୁ ସୁରକ୍ଷା ପ୍ରଦାନ କରନ୍ତୁ । ଦେଶକୁ ସୁରକ୍ଷା ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ଅହେମଦୀଙ୍କୁ ମଧ୍ୟ ସ୍ୱାଧିନ ଭାବରେ ଓ ସୁରକ୍ଷାର ପନ୍ଥା ଅନୁଯାୟୀ ନିଜ ମାତୃଭୂମିରେ ବସବାସ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆପଣମାନେ ବିଶେଷରୂପେ ଦୁଆ କରନ୍ତୁ ଯଦି ଆପଣମାନେ ଏଭଳି ଦୁଆ କରିଚାଲିବେ ତେବେ ଇନ୍‌ଶାଅଲ୍ଲାଃ ତାଲା ଆମେମାନେ ବିରୋଧି ଉପଦ୍ରବିମାନଙ୍କର ଅନ୍ତିମ ପରିଣାମ ଅତ୍ୟନ୍ତ ଉଦାହରଣୀୟ ହେବାର ଅବଶ୍ୟ ଅବଲୋକନ କରିନେବା । ସେହି ବିରୋଧିମାନଙ୍କର କୁପରିଣତି ଅତ୍ୟନ୍ତ ଶିକ୍ଷା ସାପେକ୍ଷ ହେବ । ଅଲ୍ଲାଃ ତାଲା ଆମମାନଙ୍କୁ ଦୁଆ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ସେହି ଦୁଆଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରନ୍ତୁ । ଆମିନ୍ ।

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

**ତିନୋଟି ଅବସର ଏପରି ଆସିଛି ଯେଉଁଠି ରସୁଲେ୍ କରିମ୍ ସ:ଆ:ସ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସମ୍ବନ୍ଧରେ କହିଛନ୍ତି ଯେ ସେ (ଅର୍ଥାତ ଉସ୍‌ମାନ) ବୈକୁଣ୍ଠକୁ କିଣି ନେଇଛନ୍ତି ।**

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ ପଦମର୍ଯ୍ୟାଦାସମ୍ପନ୍ନ ଖଲିଫା ରଶିଦ୍ ଜୁନ୍ ନୁରେନ୍ ହଜ୍‌ରତ୍ ଉସ୍‌ମାନ ବିନ୍ ଅଫାନ୍ ର:ଅଙ୍କ ବିଶେଷ ଗୁଣ ଗାରିମାର ବର୍ଣ୍ଣନା**

**ରସୁଲେ୍ କରିମ୍ ସ:ଆ:ସ କହିଲେ: ଆଜି ରାତିରେ ଜଣେ ପୂଣ୍ୟବାନ ବ୍ୟକ୍ତିଙ୍କୁ ସ୍ୱପ୍ନରେ ଦେଖାଇ ଦିଆଗଲା ଯେ ହଜ୍‌ରତ୍ ଅବୁବକର୍ ର:ଅଙ୍କୁ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଯୋଡ଼ି ଦିଆଯାଇଅଛି ଏବଂ ହଜ୍‌ରତ୍ ଉମର୍ ର:ଅଙ୍କୁ ହଜ୍‌ରତ୍ ଅବୁବକରଙ୍କ ସହିତ ଏବଂ ହଜ୍‌ରତ୍ ଉସ୍‌ମାନଙ୍କୁ ହଜ୍‌ରତ୍ ଉମର୍ ର:ଅଙ୍କ ସହିତ**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୦୫ ଫେବୃୟାରୀ ୨୦୨୧ ଅନୁଯାୟୀ ୦୫ ତବ୍‌ଲିଗ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଯୁଦ୍ଧ ସମ୍ପର୍କରେ ଚର୍ଚ୍ଚା ଚାଲିଥିଲା । ତନ୍ମଧ୍ୟରୁ ଗୋଟିଏ ଯୁଦ୍ଧ ଜାତୁର୍ ରିକାଆ ଅନ୍ୟତମ ଥିଲା । ନବୀ କରିମ୍ ସ:ଆ:ସ ନଜଦ୍‌ରେ ଗତ୍‌ଫାନ୍ ସମ୍ପ୍ରଦାୟର ବନୁ ସାଆଲ୍‌ବା ଏବଂ ବନୁ ମୁହାରିବ୍ ଉପରେ ଆକ୍ରମଣ କରିବା ପାଇଁ ସାହାବାମାନଙ୍କର ୪୦୦ ସଂଖ୍ୟା ବିଶିଷ୍ଟ ଏକ ଦଳ ସହିତ ବାହାରିଲେ । ଅନ୍ୟ ଏକ ବର୍ଣ୍ଣନାରେ ସାହାବାମାନଙ୍କର ୭୦୦ ସଂଖ୍ୟକ ବିଶିଷ୍ଟ ଏକ ଦଳ ସହିତ ହଜୁର ସ:ଆ:ସ ବାହାରିଥିଲେ ବୋଲି ଉଲ୍ଲେଖ ଅଛି । ମଦିନାରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଆପଣ ଅମୀର୍ ରୂପେ ନିଯୁକ୍ତ କରି ଏହି ଅଭିମୁଖେ ବାହାରି ଯାଇଥିଲେ । ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଅବୁ ଜର୍ ଗଫ୍‌ଫାରୀ ର:ଅଙ୍କୁ ଅମୀର ରୂପେ ନିଯୁକ୍ତ କରିଥିଲେ ।

ହଜୁର ସ:ଆ:ସ ନଜଦ୍‌ରେ ନଖଲ୍ ନାମକ ସ୍ଥାନରେ ପହଂଚିଲେ ଯାହାକୁ ଜାତୁର୍ ରିକାଆ ମଧ୍ୟ କୁହାଯାଏ । ସେଠାରେ ଆପଣଙ୍କ ମୁକାବିଲା ପାଇଁ ବିଶାଳ ସୈନ୍ୟଦଳ ପୂର୍ବରୁ ପ୍ରସ୍ତୁତ ରହିଥିଲା । ଅର୍ଥାତ ଶତ୍ରୁମାନେ ଆପଣ ସ:ଆ:ସଙ୍କ ଅପେକ୍ଷାରେ ରହିଥିଲେ । ଉଭୟ ସୈନ୍ୟଦଳ ପରସ୍ପରର ମୁହାଁମୁହିଁ ହୋଇଥିଲେ କିନ୍ତୁ ଯୁଦ୍ଧ ହୋଇନଥିଲା । ତଥାପି ଉଭୟ ଦଳ ପରସ୍ପର ପ୍ରତି ଭୟଭୀତ ଥିଲେ ଏହି ଯୁଦ୍ଧ ସମୟରେ ହିଁ ପ୍ରଥମଥର ପାଇଁ ମୁସଲମାନମାନେ ସଲାତୁଲ୍ ଖୌଫ୍ ପାଠ କରିଥିଲେ ।

***(ସିରତ୍ ଇବ୍‌ନେ ହୁଶାମ୍, ପୃ-୬୧୪-୬୧୫....... ବେରୁତ ୨୦୦୧)***
***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୨, ପୃ-୨୮୦............ ବେରୁତ ୧୯୯୬)***

ହଜ୍‌ରତ୍ ଅବୁ ମୁସା ଅଶ୍‌ଆରୀ ର:ଅ ବର୍ଣ୍ଣନା କରନ୍ତି, ଆମେ ହଜୁର ସ:ଆ:ସଙ୍କ ସାଥିରେ ବାହାରିଲୁ ଏବଂ ଆମେ ମାତ୍ର ଛଅଜଣ ଲୋକ ଥିଲୁ । ଆମମାନଙ୍କ ନିକଟରେ ମାତ୍ର ଗୋଟିଏ ଓଟ ଥିଲା ଯାହା ଉପରେ ଆମେ ପାଳି କରି ଆରୋହଣ କରୁଥିଲୁ । ଚାଲି ଚାଲି ଆମ ପାଦ ଫାଟିଗଲା ମୋର ମଧ୍ୟ ଦୁଇପାଦ ଫାଟିବା ସହିତ ଆଙ୍ଗୁଳିର ନଖ ଝଡ଼ିପଡ଼ିଥିଲା । ଆମେ ନିଜ ପାଦରେ କପଡ଼ା ଗୁଡ଼ାଇ ଯାତ୍ରା କରୁଥିଲୁ । ତେଣୁକରି ଏହି ଅଭିଯାନର ନାମ ଗଜଓ୍ୱାଏ ଜାତୁର୍ ରିକାଆ ପଡ଼ିଲା ଅର୍ଥାତ କ୍ଷତବିକ୍ଷତ କରି ଖଣ୍ଡବିଖଣ୍ଡ କରିଦେଇଥିବା ଲଢ଼େଇ ।

***(ସହି ବୁଖାରୀ, କିତାବୁଲ୍ ମଗାଜି..... ହଦିସ୍ ନଂ-୪୧୨୮)***

ଇତିହାସ ଓ ଜୀବନୀର ପୁସ୍ତକ ଅନୁଯାୟୀ ଜାତୁର୍ ରିକାଆ ୪ ହିଜ୍‌ରୀରେ ଘଟିଥିଲା ଯେତେବେଳେ କି ଇମାମ୍ ବୁଖାରୀ ଏହାକୁ ଖୈବର ଯୁଦ୍ଧ ପରେ ଘଟିଥିବାର ଦର୍ଶାଇଛନ୍ତି କାରଣ ହଜ୍‌ରତ୍ ଅବୁ ମୁସା ଅଶ୍‌ଆରୀ ର:ଅ ଏହି ଯୁଦ୍ଧରେ ସାମିଲ ଥିଲେ ଏବଂ ସେ ଖୈବର ଯୁଦ୍ଧ ପରେ ହିଁ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଥିଲେ । ଇତିହାସ ପୃଷ୍ଠା ଦୃଷ୍ଟିକୋଣରୁ ଏହି ଯୁଦ୍ଧ ସାତ ହିଜ୍‌ରୀରେ ଘଟିଥିବାର ଅନୁମାନ ଅଧିକ ଠିକ୍ ଲାଗୁଛି ।

***(ସିରତୁନ୍ ନବ୍ୱିୟା, ପୃ-୬୧୪..... ବେରୁତ ୨୦୦୧) (ତବକାତୁଲ୍ କୁବ୍‌ରା... ଖଣ୍ଡ-୨, ପୃ-୨୮୦..... ବେରୁତ ୧୯୯୬) (ସହି ବୁଖାରୀ...... ହଦିସ୍ ନଂ-୪୧୨୮)***

ଫତ୍‌ହ ମକ୍କା ପ୍ରସଙ୍ଗରେ ବର୍ଣ୍ଣନା ରହିଛି ଯେ ଆଠ ହିଜ୍‌ରୀରେ ଏକ ଘଟଣା ସୁନନ୍ ନିସାଇରେ ଦରଜ ରହିଛି ଯେ ଫତହ୍ ମକ୍କା ଅବସରରେ ଯେଉଁ ଅପରାଧୀମାନଙ୍କୁ ହତ୍ୟା କରିବାପାଇଁ ହଜୁର ସ:ଆ:ସ ଆଦେଶ ଦେଇଥିଲେ ଏହାର ବିସ୍ତୃତ ବ୍ୟାଖ୍ୟା କରି ହଜ୍‌ରତ୍ ମୁସ୍‌ଅବ୍ ବିନ୍ ସାଆଦ୍ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି । ଯେ ଫତ୍‌ହା ମକ୍କା ଦିନ ହଜୁର ସ:ଆ:ସ ୪ଜଣ ପୁରୁଷ ଓ ଦୁଇଜଣ ନାରୀଙ୍କ ବ୍ୟତିତ ବାକି ସମସ୍ତ ମାନ୍ୟକାରୀଙ୍କୁ ସୁରକ୍ଷା ପ୍ରଦାନ କରିବାର ସର୍ବସାଧାରଣରେ ଘୋଷଣା କରିଦେଇଥିଲେ । ଯେଉଁ ଚାରିଜଣଙ୍କୁ ହତ୍ୟା କରିବାର ଆଦେଶ ଦିଆଯାଇଥିଲା । ସେମାନେ ହେଲେ ଅକ୍‌ରମା ବିନ୍ ଅବୁଜହଲ୍, ଅବ୍‌ଦୁଲ୍ଲାଃ ବିନ୍ ଖତଲ୍, ମକିସ୍ ବିନ୍ ସବାବ୍ ଓ ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍ ବିନ୍ ଅବି ସରହ୍ ଥିଲେ । ହଜୁର ସ:ଆ:ସ ନିର୍ଦ୍ଦେଶ ଦେଲେ ଯେ ଏମାନେ ଯଦି ଖାନାକାବାର ପରଦାକୁ ଜାବୁଡ଼ି ଧରି ରହିଥିବେ ଏହା ସତ୍ତ୍ୱେ ମଧ୍ୟ ଏମାନଙ୍କୁ ହତ୍ୟା କର । ସେମାନଙ୍କ ମଧ୍ୟରୁ ଅବ୍‌ଦୁଲ୍ଲାଃ ବିନ୍ ଖତଲ୍ ଯେତେବେଳେ ଧରାପଡ଼ିଲା ସେତେବେଳେ ସେ ଖାନା କାବାର ପରଦାକୁ ଧରିଥିଲା । ହଜ୍‌ରତ୍ ସଇଦ୍ ବିନ୍ ହୁରେସ୍ ର:ଅ ଏବଂ ହଜ୍‌ରତ୍ ଅମାର ବିନ୍ ୟାସିର୍ ର:ଅ ଦୁଇ ଜଣଯାକ ତା ଉପରକୁ ଲମ୍ଫ ପ୍ରଦାନ କଲେ ଓ ସଇଦ ର:ଅ ଆଗକୁ ବଢ଼ି ତାକୁ ହତ୍ୟା କରିଦେଲେ । ମୁକିସ୍‌କୁ ଲୋକମାନେ ବଜାରରେ ଧରି ହତ୍ୟା କରିଦେଲେ । ଅକ୍‌ରମା ସମୁଦ୍ର ଆଡ଼କୁ ଧାଇଁଗଲା ଓ ଡ଼ଙ୍ଗାରେ ବସି ପଳାୟନ କରୁଥିଲା କିନ୍ତୁ ସମୁଦ୍ରରେ ଝଡ଼ ତୋଫାନ ହେବାରୁ ଡ଼ଙ୍ଗାରେ ବସିଥିବା ଲୋକମାନେ କହିଲେ ତୁମେମାନେ ସମସ୍ତେ ନିଷ୍ଠାଓ ସତ୍ୟତା ଅବଲମ୍ବନ କର କାରଣ ତୁମମାନଙ୍କ ଠାକୁର ଏଠାରେ କିଛି ସାହାଯ୍ୟ କରିପାରିବେନାହିଁ । ଏହା ଶୁଣି ଅକ୍‌ରମା କହିଲା ହେ ଅଲ୍ଲାଃ ମୁଁ ତୁମ ନିକଟରେ ଦୃଢ଼ ପ୍ରତିଜ୍ଞା କରୁଛି ଯଦି ତୁମେ ମତେ ଏହି ବିପତିରୁ ରକ୍ଷା କର (ଉଦ୍ଧାର କର) ତେବେ ମୁଁ ନିଶ୍ଚିତରୂପେ ହଜୁର ସ:ଆ:ସଙ୍କ ନିକଟରେ ଯାଇ ତାଙ୍କ ହସ୍ତ ଉପରେ ହସ୍ତ ରଖି ବୟତ କରିନେବି । ଅତଏବ ସେ ଫେରିଆସିଲା ଏବଂ ମୁସଲମାନ ହୋଇଗଲା ।

ଏ ସମ୍ବନ୍ଧରେ ଅଧିକ ପ୍ରସିଦ୍ଧ ରିୱାୟତ୍ ହେଉଛି ଏହାକି ଅକ୍‌ରମା ବିନ୍ ଅବୁ ଜହଲ୍ ଯିଏ ସମୁଦ୍ର ଜାହାଜରେ ଚଢ଼ି ପଳାୟନ କରିବାକୁ ବସିଥିଲା ସେତିକିବେଳେ ତାହାର ପତ୍ନୀ ତାକୁ ମକ୍କା ଫେରି ଆସିବାକୁ ରାଜି କରିନେଲା । ଯଦ୍ୱାରା ସେ ମକ୍କା ଫେରିଆସିଲା ତେବେ ସେ ଯାହା ହେଉ ନା କାହିଁକି ଏହା ସୁନନେ୍ ନିସାଇରେ ବର୍ଣ୍ଣିତ ରହିଛି କିନ୍ତୁ ଅବ୍‌ଦୁଲ୍ଲାଃ ବିନ୍ ସରାହାଙ୍କ ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ, ସେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘରେ ଲୁଚି ରହିଥିଲା ପୁନଶ୍ଚ ଯେତେବେଳେ ହଜୁର ସ:ଆ:ସ ସେମାନଙ୍କୁ ବୟତ କରିବାପାଇଁ ଆମନ୍ତ୍ରିତ କଲା ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ତାଙ୍କୁ ନେଇ ହଜୁର ସ:ଆ:ସଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ତାଙ୍କ ବୟତ ସ୍ୱୀକାର କରିନିଅନ୍ତୁ ଆପଣ ନିଜ ପବିତ୍ର ମସ୍ତକ ତିନିଥର ଉପରକୁ ଉଠାଇଲେ ଏବଂ ତିନିଥର ଯାକ ଅସମ୍ମତି ପ୍ରକାଶ କରିଥିଲେ ସେ ଯାହା ହେଉ ଶେଷରେ ହଜୁର ତାଙ୍କର ବୟତ ନେଇ ନେଇଥିଲେ । ପୁନଶ୍ଚ ଆପଣ କହିଲେ କଣ କେହି ବୁଦ୍ଧିମାନ ବ୍ୟକ୍ତି ନଥିଲା ଯିଏ ଏହି ବ୍ୟକ୍ତିର ବଧ କରିଦେଇଥାନ୍ତା ଯାହାର ବୟତ ନେବାରେ ମୁଁ କୁଣ୍ଠାବୋଧ ମନେ କରୁଥିଲି । ସାହାବାମାନେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆମେ ଭଲା କେମିତି ଜାଣିପାରିଥାନ୍ତୁ ଯେ ଆପଣଙ୍କ ମନରେ କଣ ଚାଲିଛି ଆପଣ ଆମକୁ ଆଖିରେ କାହିଁକି ଇଙ୍ଗିତ କରିଦେଲେନାହିଁ । ପ୍ରତିଉତରରେ ହଜୁର ସ:ଆ:ସ କହିଲେ ନବୀ ପାଇଁ ଏହା ନ୍ୟାୟ ସଙ୍ଗତ ନୁହେଁ ଯେ ସେ ଚକ୍ଷୁ ଦ୍ୱାରା ଅପକ୍ରମର ବଶୀଃବର୍ତୀ ହୋଇଯିବ । ଏହି ବର୍ଣ୍ଣନା ସନନ୍ ଅବୁ ଦାଉଦ୍‌ରେ ମଧ୍ୟ ଉଲ୍ଲେଖ ରହିଛି କିନ୍ତୁ ସେଥିରେ ଶେଷ ଉକ୍ତି ଅର୍ଥାତ ସମ୍ପୃକ୍ତ ବ୍ୟକ୍ତିକୁ ହତ୍ୟା କରିବାର ଚର୍ଚ୍ଚା ନାହିଁ । ସେଥିରେ ଉଲ୍ଲେଖ ରହିଛି ଯେ ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ କୁହନ୍ତି ଯେ, ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍ ବିନ୍ ଅବି ସରାହ୍ ହଜୁର ସ:ଆ:ସଙ୍କ ୱହି ଅର୍ଥାତ ସ୍ୱର୍ଗବାଣୀଗୁଡ଼ିକୁ ଲେଖୁଥିଲେ କିନ୍ତ ତାକୁ ସୈତାନ୍ ଭ୍ରମିତ କଲା ଓ ସେ ଯାଇ କୁଫାର୍‌ମାନଙ୍କ ସହିତ ମିଶିଗଲା ଫଳତଃ ହଜୁର ସ:ଆ:ସ ମକ୍କା ବିଜୟ ଦିନ ତାହାକୁ ହତ୍ୟା କରିବାର ଦଣ୍ଡାଦେଶ ଦେଲେ । ହଜ୍‌ରତ୍ ଉସ୍‌ମାନ ର:ଅ ତାଙ୍କ ପାଇଁ କ୍ଷମା ଜାଚନା କଲେ ଯଦ୍ୱାରା ହଜୁର ସ:ଆ:ସ ତାଙ୍କୁ ସୁରକ୍ଷା ପ୍ରଦାନ କରିଦେଲେ । ***(ସୁନନେ ଅବୁଦାଉଦ୍...... ହଦିସ୍ ନଂ-୪୨୫୮-୪୩୫୯***

*(ସୁନନେ ନସାଇ..... ହଦିସ୍ ନଂ-୪୦୭୨)*

ତାହାର ହତ୍ୟା ଦଣ୍ଡାଦେଶକୁ ପ୍ରତ୍ୟାହାର କରିବାର ଆଉ ଏକ କାରଣ ଏହା ଥିଲା ଯେ, ଯେପରି କି ମୁଁ ଆଲୋଚନା କରି ଆସିଲି ହଜୁର କହିଲେ କଣ କେହି ବୁଦ୍ଧିମାନ ବ୍ୟକ୍ତି ନଥିଲା ଯେ ଏହି ବ୍ୟକ୍ତିର ବନ୍ଧ କରିଦେଇ ଥାଆନ୍ତା ଯାହାର ବୟତ ନେବାରେ ମୁଁ କୁଣ୍ଠାବୋଧ ମନେକରୁଥିଲି କାରଣ ଆପଣ ତାହାର ବୟତ ନେବାକୁ ଚାହୁଁନଥିଲେ ବରଂ ତାହାର ମୃତ୍ୟୁଦଣ୍ଡାଦେଶକୁ ପସନ୍ଦ କରୁଥିଲେ । ଆପଣ ବିଜୟୀ ଥିଲେ ଓ ମୁଖ୍ୟ ଶାସକ ମଧ୍ୟ ଥିଲେ । ତାହାର ମୃତ୍ୟୁଦଣ୍ଡାଦେଶକୁ ମଧ୍ୟ ନ୍ୟାୟ ଉପରେ ପରିବେଷ୍ଟିତ ଥିଲା ତେଣୁ କରି ସମ୍ଭବତଃ ଉକ୍ତ ବର୍ଣ୍ଣନା କୌଣସି ବର୍ଣ୍ଣନାକାରୀର ମନ୍ତବ୍ୟ ଯୋଗୁଁ ମିଶ୍ରିତ ହୋଇଯାଇଛି ।

ଅବୁ ଦାଉଦ୍‌ରେ ଏହି ପ୍ରସଙ୍ଗରେ ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅଙ୍କର ବ୍ୟାଖ୍ୟା ଉଲ୍ଲେଖ ରହିଛି ଯାହାର ଚର୍ଚ୍ଚା ଉପରେ ମୁଁ କରିଆସିଲି । ଯେଉଁଥିରେ ତାହାକୁ ବନ୍ଧ କରିବାର କୌଣସି ଚର୍ଚ୍ଚା ନାହିଁ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ସୁରେ ମୁମିନିନ୍ ର ଆୟତ ସଂଖ୍ୟା ୧୫ରେ ବ୍ୟାଖ୍ୟା କରି ଏହି ଘଟଣାର ଆଲୋଚନା କରିଛନ୍ତି ଯାହାର ଏଠାରେ ଆଲୋଚନା କରିଦେବାଟା ଜରୁରୀ ମନେ ହେଉଛି । ହଜୁର ସ:ଆ:ସଙ୍କର ଜଣେ ଓ୍ୱହି ଲେଖାଳି ଥିଲା ଯାହାର ନାମ ଥିଲା ଅବ୍‌ଦୁଲ୍ଲାଃ ବିନ୍ ଅବି ସରାହ୍ ଯେତେବେଳେ ହଜୁର ସ:ଆ:ସଙ୍କ ଉପରେ କିଛି ଦୈବିବାଣୀ ଅବତୀର୍ଣ୍ଣ ହେଉଥିଲା ହଜୁର ତାଙ୍କୁ ଡ଼କାଇ ତାହା ଲେଖାଇ ନେଉଥିଲେ । ଏକଦା ଆପଣ ତାହାକୁ ଏକ ପଂକ୍ତି ଲେଖାଇଲେ ଯେତେବେଳେ ଆପଣ ସ:ଆ:ସ ଏହି ଆୟତ ନିକଟରେ ପହଂଚିଲେ **ସୁମ୍ମା ଅନ୍‌ଶାନାହୁ ଖଲ୍‌କନ୍ ଆଖରା** ସେତେବେଳେ ତାହା ମୁଖରେ ସ୍ୱତଃପୃତଭାବରେ ଏହି ଉକ୍ତି ଉଚ୍ଚାରିତ ହୋଇଗଲା ଯେ **ଫତବାରକଲ୍ଲାହୁ ଅହ୍‌ସନୁଲ୍ ଖାଲିକିନ୍** ଏଥିରେ ହଜୁର ସ:ଆ:ସ କହିଲେ ଏହା ହିଁ ଐଶିବାଣୀ ତୁମେ ତାହାକୁ ହିଁ ଲେଖିନିଅ । ସେ ହତଭାଗାକୁ ଏହି ଖିଆଲ ଆସିଲାନାହିଁ ଯେ, ପୂର୍ବ ଉକ୍ତିର କ୍ରମରେ ସ୍ୱଭାବିକ ଭାବେ ଆପଣାଛାଏଁ ଏହା ହିଁ ବାକ୍ୟ ଗଠଡ଼ ହୋଇଥାଏ । କିନ୍ତୁ ସେ ଭାବିଲା ଯେ ଯେପରି ମୋ ମୂଖରୁ ନିଶୃତ କଥନକୁ ହଜୁର ସ:ଆ:ସ ଐଶିବାଣୀ କହିଲେ ସେହିପରି ଆପଣ ସ:ଆ:ସ ବୋଧ ହୁଏ ନୌଉଜୁବିଲ୍ଲାଃ ସ୍ୱୟମ କୁର୍‌ଆନ୍ ଗଠନ କରୁଛନ୍ତି । ଏହିପରି ସେ ଅଭାଗା ପଥଭ୍ରଷ୍ଟ ହୋଇ ଧର୍ମତ୍ୟାଗ କରି ମକ୍କା ଚାଲିଗଲା ଫଳତଃ ହଜୁର ସ:ଆ:ସ ମକ୍କା ବିଜୟ ଦିନ ତାହାକୁ ହତ୍ୟା କରିବାର ଦଣ୍ଡାଦେଶ ଶୁଣାଇଥିଲେ । କିନ୍ତୁ ହଜ୍‌ରତ୍ ଉସ୍‌ମାନ ର:ଅ ତାଙ୍କ ପାଇଁ କ୍ଷମାଜାଚନା କରିଥିଲେ ଏବଂ ତାଙ୍କ ଘରେ ସେ ତିନିଦିନ କାଳ ଲୁଚି ରହିଥିଲା ଏକଦା ହଜୁର ସ:ଆ:ସ ଯେତେବେଳେ ଲୋକମାନଙ୍କଠାରୁ ବୟତ ନେଉଥିଲେ ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ତାଙ୍କୁ ଆଣି ହଜୁର ସ:ଆ:ସଙ୍କ ନିକଟରେ ହାଜର କରିଦେଲେ ତଥା ତାଙ୍କ ବୟତ ସ୍ୱୀକାର କରିବାର ନିବେଦନ ମଧ୍ୟ କଲେ । ପ୍ରଥମେ ତ ହଜୁର ସ:ଆ:ସ ତାହାର ବୟତ ନେବାକୁ କୁଣ୍ଠାବୋଧ ପ୍ରକାଶ କଲେ କିନ୍ତୁ ପରେ ତା'ର ବୟତ ନେଇଥିଲେ । ଏପରି ସେ ପୂନରାୟ ମୁସଲମାନ ହୋଇଗଲା ।

*(ତଫ୍‌ସୀର୍ କବୀର୍, ଖଣ୍ଡ-୬, ପୃ-୧୩୯)*

ସୁନନ୍ ନିସାଇରେ ଉଲ୍ଲେଖ ରହିଛି ଅକ୍‌ରମା ବିନ୍ ଅବୁଜହଲ୍ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାର ଘଟଣା ଏପରି ବର୍ଣ୍ଣିତ ରହିଛି ଫତ୍‌ହ ମକ୍କା ସମୟରେ ହଜୁର ସ:ଆ:ସ ଯାହାଙ୍କର ମୁତ୍ୟୁଦଣ୍ଡାଦେଶ ଦେଇଥିଲେ ସେମାନଙ୍କ ମଧ୍ୟରେ ଏ ମଧ୍ୟ ସାମିଲ ଥିଲା ଅର୍ଥାତ ଅକ୍‌ରମା ବିନ୍ ଅବୁଜହଲ୍ । ଅକ୍‌ରମା ଓ ତାହାର ପିତା ହଜୁର ସ:ଆ:ସଙ୍କୁ ଅନେକ ଅତ୍ୟାଚାର ଓ ନିର୍ଯ୍ୟାତନା ଦେଇଥିଲେ । ଯେତେବେଳେ ତାଙ୍କୁ ଖବର ମିଳିଲା । ଅର୍ଥାତ ଅକ୍‌ରମାକୁ ଖବର ମିଳିଲା ଯେ, ହଜୁର ସ:ଆ:ସ ତାହାର ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି ସେ ୟମନ୍ ଆଡ଼କୁ ପଳାୟନ କଲା । ତାହା ପଛେ ପଛେ ତାହାର ପତ୍ନୀ ମଧ୍ୟ ଗଲେ ଯେ ମୁସଲମାନ ହୋଇସାରିଥିଲେ । ସେ ନିଜ ସ୍ୱାମୀଙ୍କ ନିକଟରେ ସେତେବେଳେ ପହଂଚିଲେ ଯେତେବେଳେ ସେ ଜାହାଜରେ ଆରୋହଣ କରିନେଇଥିଲା । ସେ ନିଜ ସ୍ୱାମୀଙ୍କୁ ଏହା କହି ରୋକିନେଲା ଯେ ମୁଁ ତୁମ ନିକଟକୁ ସେହି ଲୋକପାଖରୁ ଆସିଛି ଯିଏ ଲୋକମାନଙ୍କ ମଧ୍ୟରେ ସବୁଠାରୁ ଉତମ, ମହାନ୍ ତଥା ଲୋକମାନଙ୍କୁ ପରସ୍ପର ସହ ଯୋଡ଼ିବା ଓ ସେମାନଙ୍କର ସୁଭଚିନ୍ତକ ଅଟନ୍ତି । ମୁଁ ତୁମ ସୁରକ୍ଷାର ସ୍ୱୀକୃତି ତାଙ୍କଠାରୁ ନେଇଆସିଛି । ଏଥିରେ ସେ ନିଜ ପତ୍ନୀ ସହିତ ମକ୍କା ଫେରି ଆସିଥିଲା ଏବଂ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲା । ଅର୍ଥାତ ଅକ୍‌ରମା ବିନ୍ ଅବୁଜହଲ୍ । ତାଙ୍କ ଇସ୍‌ଲାମ୍ ମଧ୍ୟ ବହୁତ ଭଲ ରକମର ଥିଲା ।

ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ ସେ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲା ଏବଂ କହିଲା ହେ ମୁହମ୍ମଦ! ମୋ ପତ୍ନୀ କହିଲେ ଯେ ଆପଣ ମତେ ସୁରକ୍ଷା ପ୍ରଦାନ କରିଛନ୍ତି । ପ୍ରତିଉତରରେ ହଜୁର ସ:ଆ:ସ କହିଲେ ସେ ସତ୍ୟ କହୁଛନ୍ତି । ଏଥିରେ ସେ କଲ୍‌ମା ପାଠ କରିନେଲା କି ଅଲ୍ଲାଃଙ୍କ ବ୍ୟତିତ ଆଉ କେହି ଉପାସ୍ୟ ନାହାନ୍ତି ଏବଂ ମୁହମ୍ମଦ ମୁସ୍ତଫା ସ:ଆ:ସ ହେଉଛନ୍ତି ତାଙ୍କ ପ୍ରେରିତ ଦୂତ । ତା'ପରେ ସେ ନିଜ ମୁଣ୍ଡ ଲଜ୍ୟାରେ ଅବନ୍ମତ କରିନେଲା ଏଥିରେ ହଜୁର ସ:ଆ:ସ କହିଲେ, ଏବେ ତୁମେ ମୋ ନିକଟରୁ ଯାହା ମାଗିବାକୁ ଚାହୁଁଛ ମାଗିନିଅ ଯଦି ତାହା ମୋ ସାମର୍ଥ୍ୟ ଭିତରେ ଥିବ ତେବେ ମୁଁ ତାହା ତୁମକୁ ନିଶ୍ଚିତ ପ୍ରଦାନ କରିବି । ଏଥିରେ ସେ କହିଲା ମୋର ବିଗତ ସମସ୍ତ ଶତୃତାର ମୋ ପାଇଁ କ୍ଷମା ଜାଚନା କରନ୍ତୁ । ଏଥିରେ ହଜୁର ସ:ଆ:ସ ଅତି ପ୍ରସନ୍ନ ହୋଇ ନିଜ ଚଦର ତାହା ଉପରେ ଘୋଡ଼ାଇ ଦେଇଥିଲେ ଏବଂ କହିଲେ, ତୁମ ବିଶ୍ୱାସ ଆଣିବା ଓ ପ୍ରବାଶ କରିବାକୁ ମୁଁ ସ୍ୱାଗତ ଜଣାଉଛି । ଏଥିଅନ୍ତେ ଅକ୍‌ରମା ବେଶ୍ ମାନ୍ୟଗଣ ସାହାବାମାନଙ୍କ ମଧ୍ୟରେ ପରିଗଣିତ ହୋଇଥିଲେ ଏପରି ତାଙ୍କ ବିଶ୍ୱାସ ଆଣିବାର ଭବିଷ୍ୟବାଣୀ ମଧ୍ୟ ପୁରଣ ହୋଇଯାଇଥିଲା । ଯାହାକି ହଜୁର ସ:ଆ:ସ ପୂର୍ବରୁ ସାହାବାମାନଙ୍କ ଗହଣରେ ବର୍ଣ୍ଣନା କରିଥିଲେ । ଆପଣ ସ୍ୱପ୍ନ ଦେଖିଥିଲେ ଯେ, ଆପଣ ସ୍ୱର୍ଗପୁରରେ ଚଳବିଚଳ କରୁଛନ୍ତି ଏବଂ ସେଠାରେ ଅଙ୍ଗୁରର ଏକ ପେନ୍ଥା ଦେଖୁଛନ୍ତି ଯାହା ଆପଣଙ୍କୁ ବେଶ୍ ଉଲ୍ଲସିତ କରୁଛି ଆପଣ ପଚାରିଲେ ଏହା କାହା ପାଇଁ ଏଥିରେ କୁହାଗଲା ଯେ, ଏହା ଅବୁଜହଲ୍ ପାଇଁ ଏକଥା ଆପଣଙ୍କୁ ପସନ୍ଦ ଆସିଲାନାହିଁ ଆପଣ କହିଲେ, ବୈକୁଣ୍ଠରେ ତ କେବଳ ବିଶ୍ୱାସକାରୀମାନେ ପ୍ରବେଶ କରିବେ ତେବେ ଅବୁଜହଲ୍ କିଭଳି ? କିନ୍ତୁ ଯେତେବେଳେ ଅକ୍‌ରମା ମୁସଲମାନ ହୋଇଗଲେ ସେତେବେଳେ ଆପଣ ବେଶ୍ ଆନନ୍ଦିତ ହୋଇଗଲେ ଏବଂ ସେହି ସ୍ୱପ୍ନର ଅର୍ଥ ବୁଝାପଡ଼ିଗଲା । *(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃ-୧୩୨-୧୩୩..ବେରୁତ ୨୦୦୨)*

ତବୁକ୍ ଯୁଦ୍ଧ ପାଇଁ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଯେଉଁ ଆର୍ଥିକ ବଳିଦାନର ସୁଯୋଗ ପ୍ରାପ୍ତ ହୋଇଥିଲା ତତ୍‌ସଂକ୍ରାନ୍ତରେ ଏହିଭଳି ବର୍ଣ୍ଣନା ମିଳୁଛି ଯେ ଉକ୍ତ ଯୁଦ୍ଧର ପ୍ରସ୍ତୁତି ପାଇଁ ହଜୁର ସ:ଆ:ସ ଯେତେବେଳେ ଆହ୍ୱାନ ଦେଲେ ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ସିରିୟା ଅଭିମୁଖେ ବାଣିଜ୍ୟ ଉଦ୍ଦେଶ୍ୟରେ ପ୍ରସ୍ତୁତ କରୁଥିଲେ ଏବଂ ସେଥିପାଇଁ ଆପଣ ଶହେଟି ଓଟର ଏକ ଦଳ ସେମାନଙ୍କ ଓଟର ପଲାଣ ସମେତ ଉପସ୍ଥାପିତ କରିଦେଇଥିଲେ । ଅର୍ଥାତ ଯାହା ଆପଣ ବାଣିଜ୍ୟ ଉଦ୍ଦେଶ୍ୟରେ ପ୍ରସ୍ତୁତ କରୁଥିଲେ ଯେ ବାଣିଜ୍ୟକାରବାର ପାଇଁ ବାହାରିଥାନ୍ତେ ଓ ତାହାର କାରବାର କରିଥାନ୍ତେ ସେ ସବୁକିଛି ଆପଣ ହଜୁର ସ:ଆ:ସଙ୍କ ନିକଟରେ ଅର୍ପଣ କରିଦେଇଥିଲେ । ଯେତେବେଳେ ହଜୁର ସ:ଆ:ସ ପୂର୍ନବାର ଆହ୍ୱାନ ଜଣାଇଲେ ସେତେବେଳେ ଉକ୍ତ ଯୁଦ୍ଧର ଆବଶ୍ୟକତାକୁ ଦୃଷ୍ଟିରେ ରଖି ହଜ୍‌ରତ୍ ଉସ୍‌ମାନ ର:ଅ ଅତିରିକ୍ତ ଶହେ ଓଟର ପଲାଣ ଓ ପାଲିଙ୍କି ସହିତ ପ୍ରସ୍ତୁତ କରି ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ । ହଜୁର ସ:ଆ:ସ କହିଲେ, **ମା' ଅଲା ଉସ୍‌ମାନା ମା' ଅମିଲା ବାଆଦା ହାଜିହି । ମା' ଅଲା ଉସ୍‌ମାନା ମା' ଅମିଲା ବାଆଦା ହାଜିହି ।** ଅର୍ଥାତ ଏହାପରେ ହଜ୍‌ରତ୍ ଉସ୍‌ମାନ ର:ଅ ଯାହାବି କରିବେ ସେଥିରେ ତାଙ୍କର କୌଣସି ଧରପକଡ଼ ହେବନାହିଁ । ଏହାବ୍ୟତିତ ହଜ୍‌ରତ୍ ଉସ୍‌ମାନ ର:ଅ ଦୁଇଶହ ଔକିୟା ସ୍ୱର୍ଣ୍ଣମୁଦ୍ରା ହଜୁର ସ:ଆ:ସ ଙ୍କୁ ଭେଟି ସ୍ୱରପୁ ପ୍ରଦାନ କରିଥିଲେ ।

ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ଉସ୍‌ମାନ ର:ଅ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ ଆପଣଙ୍କୁ ହଜାର ଦୀନାର ଦାନ ସ୍ୱରୁପ ପ୍ରଦାନ କରିଥିଲେ । ଯାହାକି ହଜୁର ସ:ଆ:ସଙ୍କ ମୁଣିରେ ଓଲଟପାଲଟ ହୋଇପଡୁଥିଲା ଏବଂ ହଜୁର ସ:ଆ:ସ କହିଲେ, **ମା' ଜର୍ରା ଉସ୍‌ମାନା ମା' ଅମିଲା ବାଆଦଲ୍ ୟୌମ୍ ।** ଅର୍ଥାତ ଆଜିର ଦିବସ ପରେ ଉସ୍‌ମାନ ଯାହାବି କରିବେ ସେଥିରେ ତାଙ୍କୁ କୌଣସି ହାନୀ ପହଂଚିବ ନାହିଁ । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ ଉକ୍ତ ଅବସରରେ ଯେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ଦଶହଜାର ଦୀନାର୍‌ର ଦାନ କଲେ ସେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ପାଇଁ ଏହି ଦୁଆ ପ୍ରାର୍ଥନା କଲେ **ଗଫ୍‌ରଲ୍ଲାହୁ ଲକା ୟା ଉସ୍‌ମାନୁ ମା ଅସ୍‌ରର୍‌ତା ଓ୍ୱମା ଆଲନ୍‌ତା ଓ୍ୱମା ହୁଓ କାଏନୁନ୍ ଇଲା ୟୋମିଲ୍ କିୟାମାଃ ମା ୟୁବାଲି ମା ଅମିଲା ବାଦ୍‌ହା** ଅର୍ଥାତ ହେ ଉସ୍‌ମାନ୍! ତୁମ୍ଭେ ଯାହା କିଛି ଗୁପ୍ତ ଭାବରେ ଓ ପ୍ରକାଶ୍ୟ ଭାବରେ ଇସ୍‌ଲାମ୍ ଖାତିର୍ କରିଛ, ଧର୍ମ ପାଇଁ କରିଛ ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅଭ୍ୟାହତ ରହିବ । ଏଥିପାଇଁ ଅଲ୍ଲାଃ ତାଲା ତୁମ୍ଭ ପ୍ରତି ସଦୟ ହୁଅନ୍ତୁ । ଏହାପରେ ତୁମେ ଯାହାବି କରିବ ସେଥିରେ ତୁମକୁ ଚିନ୍ତିତ ହେବାର କୌଣସି ଆବଶ୍ୟକତା ନାହିଁ ।

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଉସ୍‌ମାନ ର:ଅ ସେହି ଯୁଦ୍ଧର ପ୍ରସ୍ତୁତି ନିମନ୍ତେ ଏକ ହଜାର ଓଟ ଓ ସତୁରୀଟି ଘୋଡ଼ା ଭେଟି ଦେଇଥିଲେ । ହଜୁର ସ:ଆ:ସ ଉକ୍ତ ଅବସରରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ କହିଲେ, ହେ ଉସ୍‌ମାନ୍ ତୁମ୍ଭେ ଯାହା କିଛି ପ୍ରକାଶ୍ୟ ଓ ଗୁପ୍ତ ଭାବରେ ଦାନ କରିଛ ତଥା ପ୍ରଳୟ ଦିବସ ପର୍ଯ୍ୟନ୍ତ ତୁମର ସେବା ତୁମ୍ଭକୁ ଅଲ୍ଲାଃ ସବୁଥିରେ କ୍ଷମା ପ୍ରଦାନ କରିଛନ୍ତି ଏବଂ ଅଭ୍ୟାହତ ରହିବ । ଏହି କାର୍ଯ୍ୟ ପରେ ତୁମେ ଯାହାବି କରିବ ସେଥିରେ ଅଲ୍ଲାଃ ତାଲା ତୁମର କୌଣସି ତ୍ରୁଟିର ଖାତିର୍ କରିବେନାହିଁ । ଅର୍ଥାତ ତୁମକୁ ତୁମର ସମସ୍ତ ତ୍ରୁଟି କ୍ଷମା କରିଦେବେ ।

ଆଉ ଏକ ବର୍ଣ୍ଣନା ଅନୁଯାୟୀ ଉକ୍ତ ଅବସରରେ ହଜୁର ସ:ଆ:ସ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସପକ୍ଷରେ ଏହି ଦୁଆ କରିଥିଲେ ଯେ **ଅଲ୍ଲାହୁମ୍ମା ଅର୍‌ଜି ଅନ୍ ଉସ୍‌ମାନା ଫଇନ୍ନି ଅନ୍‌ହୁ ରାଜିନ୍** ଅର୍ଥାତ ହେ ଅଲ୍ଲାଃ ତୁମ୍ଭେ ଉସ୍‌ମାନଙ୍କ ଉପରେ ପ୍ରସନ୍ନ ହୋଇଯାଅ କାରଣ ତୁମ ରସୁଲ୍ ଅର୍ଥାତ ମୁଁ ତାଙ୍କ ଉପରେ ପ୍ରସନ୍ନିତ ।

*(ଶରହ୍ ଜର୍‌କାନୀ..... ଖଣ୍ଡ-୪, ପୃ-୬୬,୬୮-୭୧... ବେରୁତ ୧୯୯୬)*
*(ସୁନନେ ତିର୍‌ମିଜ୍... ହଦିସ୍ ନଂ-୩୭୦୦, ୩୭୦୧)*

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି ଯେ, ବେଳେବେଳେ ସାହାବାମାନେ ନିଜ ଘରର ଧନସମ୍ପତି ଓ ଆସବାବଗୁଡ଼ିକୁ ବିକ୍ରି କରି ଯୁଦ୍ଧ ସାମଗ୍ରୀ ନିମନ୍ତେ ଖର୍ଚ୍ଚ ବହନ କରିଛନ୍ତି ବରଂ ଏକଥା ମଧ୍ୟ ଦେଖିବାକୁ ମିଳିଛି ଯେ ବେଳେବେଳେ ସେମାନେ ନିଜ ଘରର ସମ୍ପତିକୁ ମଧ୍ୟ ବିକ୍ରି କିର ଅନ୍ୟମାନଙ୍କ ଖର୍ଚ୍ଚ ବହନ କରିଛନ୍ତି ଓ ସେମାନଙ୍କର ସମସ୍ତ ସୁବିଧା କରିଦେଇଛନ୍ତି । ଅତଏବ ରସୁଲେ କରିମ୍ ସ:ଆ:ସ ବାହାରକୁ ଆସିଲେ ଏବଂ କହିଲେ, ଆମର ସୈନ୍ୟଦଳ ଅମୁକ ଅଭିଯାନକୁ ଯିବ କିନ୍ତୁ ବିଶ୍ୱାସକାରୀଙ୍କ ନିକଟରେ କୌଣସି ବସ୍ତୁ ଏବଂ ଯୁଦ୍ଧ ସରଞ୍ଜାମ ଉପଲବ୍ଧ ନାହିଁ । ତୁମମାନଙ୍କ ମଧ୍ୟରୁ କେହି ଅଛନ୍ତି ଯିଏ ପୂଣ୍ୟପ୍ରାପ୍ତିର ଇଚ୍ଛୁକ ? । ହଜ୍‌ରତ୍ ଉସ୍‌ମାନ ର:ଅ ଏହା ଶୁଣିବାମାତ୍ରେ ଉଠିଲେ ଏବଂ ନିଜର ସଂଚିତ ଧନସମ୍ପତି କାଢ଼ି ଆଣିଲେ

ସେହି ଅର୍ଥକୁ ମୁସଲମାନମାନଙ୍କର ଖର୍ଚ୍ଚ ପାଇଁ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ କରିଦେଲେ । ହଜୁର ସ:ଆ:ସ ଏହା ଦେଖି କହିଲେ, ଉସ୍‌ମାନ୍ ସ୍ୱର୍ଗକୁ କିଣିନେଲେ । ଏହିପରି ଏକ କୂପ ବିକ୍ରି ହେଉଥିଲା କାରଣ ମୁସଲମାନମାନଙ୍କୁ ସେହି ଦିନମାନଙ୍କରେ ଜଳର ଘୋର ସମସ୍ୟା ଦେଖାଦେଇଥିଲା ତେଣୁ ମୁହମ୍ମଦ ମୁସ୍ତଫା ସ:ଆ:ସ ସେହି ଅବସରରେ କହିଲେ ତୁମମାନଙ୍କ ମଧ୍ୟରୁ କେହି ଏପରି ବ୍ୟକ୍ତି ଅଛନ୍ତି ଯିଏ ଏହି ପୂଣ୍ୟପାଇଁ ପ୍ରୟାସ କରିବ । ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ଉପସ୍ଥିତ ଅଛି, ଅତଏବ ହଜ୍‌ରତ୍ ଉସ୍‌ମାନ ର:ଅ ସେହି କୂପକୁ କ୍ରୟ କରି ମୁସଲମାନମାନଙ୍କ ପାଇଁ ଅର୍ପଣ କରିଦେଲେ । ରସୁଲେ କରିମ୍ ସ:ଆ:ସ ପୁନଶ୍ଚ କହିଲେ, ହଜ୍‌ରତ୍ ଉସ୍‌ମାନ ର:ଅ ସ୍ୱର୍ଗ କ୍ରୟ କରିନେଇଛନ୍ତି । ଏହିପରି ଏକ ଅବସରରେ ହଜୁର ସ:ଆ:ସ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସମ୍ପର୍କରେ ଏହିପରି ଶବ୍ଦ ଆବୃତ କରିଥିଲେ । ଆଉ ଏପରି ତିନିଥର ଅବସର ଆସିଥିଲା ଯେଉଁଥିରେ ହଜୁର ସ:ଆ:ସ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସମ୍ପର୍କରେ କହିଥିଲେ ଯେ ସେ ସ୍ୱର୍ଗକୁ କିଣିନେଇଛନ୍ତି । ***(ଖୁତ୍‌ବାତେ ମେହମୁଦ୍, ଖଣ୍ଡ-୧୯, ପୃ-୯୮-୯୯ ଖୁତ୍‌ବା ଜୁମା ପ୍ରଦତ ୧୮ ଫେବୃୟାରୀ ୧୯୩୮)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ରସୁଲେ୍ କରିମ୍ ସ:ଆ:ସ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସମ୍ବନ୍ଧରେ ଅନେକଥର ଏକଥା କହିଛନ୍ତି ଯେ ସେ ସ୍ୱର୍ଗକୁ କିଣିନେଇଛନ୍ତି ଓ ସେ ବୈକୁଣ୍ଠବାସୀ ଅଟନ୍ତି । ଏକଦା ସୁଲାହ୍ ହୁଦବିୟା ଅବସରରେ ଯେବେ ରସୁଲୁଲ୍ଲାଃ ସ:ଆ:ସ ପୂନର୍ବାର ମୁସଲମାନମାନଙ୍କର ବୟତ ନେଲେ, ସେତେବେଳେ ହଜ୍‌ରତ୍ ଉସ୍‌ମାନ ସେଠାରେ ଉପସ୍ଥିତ ନଥିଲେ ତେଣୁ ମହାଭାଗ ସ:ଆ:ସ ନିଜର ହାତକୁ ଅନ୍ୟଜଣଙ୍କ ହାତ ଉପରେ ରଖି କହିଲେ ଏହା ହେଉଛି ଉସ୍‌ମାନଙ୍କ ହାତ । ଏହିପରି ନିଜ ହାତକୁ ଉସ୍‌ମାନଙ୍କ ହାତ ବୋଲି ଅଭିହିତ କଲେ ।

ଏକଦା ହଜୁର ସ:ଆ:ସ କହିଲେ, ହେ ଉସ୍‌ମାନ ! ଅଲ୍ଲାଃ ତାଲା ତୁମ୍ଭକୁ ଏକ ବସ୍ତ୍ର ପରିଧାନ କରାଇବେ କପଟ ବିଶ୍ୱାସୀମାନେ ଏହା ଚାହିଁବେ ଯେ ତୁମର ସେହି ବସ୍ତ୍ରକୁ ଓହ୍ଲାଇ ଦେବେ କିନ୍ତୁ ମନେରଖ ତୁମ୍ଭେ ସେହି ବସ୍ତ୍ରକୁ ଓହ୍ଲାଇବ ନାହିଁ ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହୁଛନ୍ତି ସେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ କହିଲେ, ଏହି ବସ୍ତ୍ରକୁ ଓହ୍ଲାଇବ ନାହିଁ ଯିଏ ତୁମକୁ ଏହି ବସ୍ତ୍ର ଓହ୍ଲାଇବା ପାଇଁ କହିବ ସେ କପଟବିଶ୍ୱାସୀ ହୋଇଥିବ । ***(ଖୁତ୍‌ବାତେ ମେହମୁଦ୍, ଖଣ୍ଡ-୧୯, ପୃ-୧୦୦ ଖୁତ୍‌ବା ଜୁମା ପ୍ରଦତ ୧୮ ଫେବୃୟାରୀ ୧୯୩୮)***

ଏଥିରୁ ସ୍ପଷ୍ଟ ହୋଇଗଲା ଯେ ଯେଉଁବ୍ୟକ୍ତିମାନେ ବିଦ୍ରୋହି ଥିଲେ ଏବଂ ଆପଣଙ୍କୁ ଖିଲାଫତ୍‌ର ଆସନରୁ ଉଚ୍ଛେଦ କରିବାପାଇଁ ପ୍ରୟାସ କରୁଥିଲେ ଆପଣଙ୍କ ବିପକ୍ଷରେ ଷଡ଼ଯନ୍ତ୍ର କରୁଥିଲେ । ସେମାନଙ୍କ ପ୍ରସଙ୍ଗରେ ହଜୁର ସ:ଆ:ସ ପୂର୍ବରୁ ହିଁ ଭବିଷ୍ୟତବାଣୀ କରିଦେଇଥିଲେ ଯେ, ସେମାନେ କପଟବିଶ୍ୱାସୀ ଅଟନ୍ତି । ଯମାତ୍ ଅହେମଦୀୟାର ତୃତୀୟ ଖଲିଫା ଏକଦା ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ବଳିଦାନର ଚର୍ଚ୍ଚା କରି ଗୋଟିଏ ସ୍ଥାନରେ କୁହନ୍ତି: ଯେତେବେଳେ ଯୁଦ୍ଧ ସରଞ୍ଜାମର ଆବଶ୍ୟକତା ଥିଲା ସେତେବେଳେ ହଜୁର ସ:ଆ:ସ ସାହାବାଙ୍କ ଗହଣରେ ଅର୍ଥଦାନ କରିବାକୁ ଆହ୍ୱାନ ଦେଲେ ଏଥିରେ ହଜ୍‌ରତ୍ ଅବୁବକର ନିଜ ଘରର ସମସ୍ତ ସାମଗ୍ରୀ, ଆସବାବ, ଧନସମ୍ପତି ନେଇ ଆସିଗଲେ । ହଜ୍‌ରତ୍ ଉମର୍ ର:ଅ ନିଜର ଅଧା ସମ୍ପତି ନେଇଆସିଲେ । ହଜ୍‌ରତ୍ ଉସ୍‌ମାନ ର:ଅ ହଜୁର ସ:ଆ:ସଙ୍କୁ ଦରଖାସ୍ତ କଲେ ହଜୁର ମୁଁ ଦଶହଜାର ସାହାବାଙ୍କ ଖର୍ଚ୍ଚ ବହନ କରିବାର ଦାୟିତ୍ୱ ନେଉଛି ଏଥିସହିତ ଆପଣ ଅଧିକ ଏକ ହଜାର ଓଟୋ ଓ ସୁତରୀଟି ଘୋଡ଼ା ଦାନ କରିଥିଲେ । ***(ଖୁତ୍‌ବାତେ ନାସିର୍ ଖଣ୍ଡ-୨, ପୃ-୩୪୧, ଖୁତ୍‌ବା ଯୁମା ପ୍ରଦତ ୧୮ ଅକ୍ଟୋବର ୧୯୬୮)***

ହଜ୍‌ରତ୍ ଅବୁବକର ର:ଅଙ୍କ ଖିଲାଫତ୍ କାଳରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କର କି ପ୍ରକାରର ବଳିଦାନ ଓ ଭୂମିକା ରହିଥିଲା ଏବଂ ହଜ୍‌ରତ୍ ଅବୁବକର ର:ଅ ଆପଣଙ୍କୁ କେଉଁ ଆସନ ପ୍ରଦାନ କରିଥିଲେ । ସେହି ପରପ୍ରେକ୍ଷୀରେ ଉଲ୍ଲେଖ ରହିଛି ଯେ ହଜ୍‌ରତ୍ ଅବୁବକର ର:ଅଙ୍କ ଖିଲାଫତ୍ ଶାସନ କାଳରେ ହଜ୍‌ରତ୍ ଉସ୍‌ମାନ ର:ଅ ଶୁରାଃର (ଅର୍ଥାତ ପରାମର୍ଶଦାତା କମିଟିରେ) ସେହି ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ ଯାହାଙ୍କଠାରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପରାମର୍ଶ ନିଆଯାଉଥିଲା । ଯେତେବେଳେ ହଜ୍‌ରତ୍ ଅବୁବକର ର:ଅଙ୍କ ବିଭ୍ରାଟ ଓ ଉପଦ୍ରବର ମୁକାବିଲା କରି ତାହାକୁ ମୂଳପ୍ରାଟନ କରିଥିଲେ । ସେତେବେଳେ ରୋମ୍ ଉପରେ ଚଢ଼ଉ କରିବାପାଇଁ ଏବଂ ବିଭିନ୍ନ ଦୀଗରେ ଧର୍ମଯୋଦ୍ଧାଙ୍କୁ ପ୍ରେରଣ କରିବାର ଅଭିଳାଷା ବ୍ୟକ୍ତ କରିଥିଲେ ଏବଂ ଏ ସମ୍ବନ୍ଧରେ ଲୋକମାନଙ୍କଠାରୁ ଯେତେବେଳେ ପରାମର୍ଶ ଲୋଡ଼ିଲେ ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ ଆପଣ ର:ଅ ହେଉଛନ୍ତି ଏହି ଧର୍ମାଲମ୍ବୀଙ୍କର ଶୁଭେଚ୍ଛୁ ଓ ଦୟାଳୁ ଅତଏବ ଆପଣ ଯେଉଁ ନିର୍ଣ୍ଣୟକୁ ସାଧାରଣ ଜନତାଙ୍କ ଲାଗି ଲାଭଦାୟକ ମଣୁଛନ୍ତି ତାହା ଉପରେ କାର୍ଯ୍ୟାନୁସରଣ କରିବାପାଇଁ ଦୃଢ଼ ସଂକଳ୍ପବଦ୍ଧ ହୁଅନ୍ତୁ ଏବଂ ଆପଣଙ୍କ ସମ୍ପର୍କରେ କୌଣସି କୁଧାରଣା କରାଯାଇପାରିବ ନାହିଁ । ଅତଏବ ବଡ଼ ବଡ଼ ସାହାବାମାନେ ଓ ସେହି ସଭାରେ ଉପସ୍ଥିତ ଅନ୍‌ସାର ତଥା ପ୍ରବାଶକାରୀମାନେ ସମସ୍ତେ କହିଥିଲେ ଯେ, ହଜ୍‌ରତ୍ ଉସ୍‌ମାନ ର:ଅ ସତ୍ୟ କହିଛନ୍ତି । ଆପଣ ଯାହା ଉଚିତ ମଣୁଛନ୍ତି ତାହା କରନ୍ତୁ ଆମେ ନା ଆପଣଙ୍କ ବିରୋଧ କରିବୁ ନା ହିଁ ଆମେମାନେ ଆପଣଙ୍କ ଉପରେ କୌଣସି ଲାଞ୍ଛନା ଲଗାଇବୁ । ଏଥଅନ୍ତେ ହଜ୍‌ରତ୍ ଅଲୀ କିଛି କହିଲେ, ତା'ପରେ ହଜ୍‌ରତ୍ ଅବୁବକର ର:ଅ ଛିଡ଼ା ହେଲେ ଏବଂ ଅଲ୍ଲାଃଙ୍କ ପ୍ରଶଂସାଗାନ କରି ଦରୁଦ୍ ପାଠ କଲେ ପୁନଶ୍ଚ କହିଲେ ହେ ଲୋକମାନେ ଅଲ୍ଲାଃ ତାଲା ତୁମମାନଙ୍କ ଉପରେ ଇସ୍‌ଲାମ୍ ମାଧ୍ୟମରେ କୃପା ଅବତୀର୍ଣ୍ଣ କରିଛନ୍ତି ଏବଂ ଜେହାଦ୍ କରିବାଦ୍ୱାରା ତୁମକୁ ଧରାପୃଷ୍ଠରେ ସମ୍ମାନିତ କରିଛନ୍ତି । ଇସ୍‌ଲାମ୍ ଧର୍ମ ଦ୍ୱାରା ତୁମମାନଙ୍କୁ ସମସ୍ତ ଧର୍ମ ଉପରେ ପ୍ରାଧାନ୍ୟ ଦେଇଛନ୍ତି । ହେ ଲୋକମାନେ ! ସିରିୟା ଦେଶରେ ରୋମୀମାନଙ୍କ ସହିତ ଯୁଦ୍ଧ କରିବାପାଇଁ ପ୍ରସ୍ତୁତି କର ।

***(ତାରିଖେ ଦମିଶ୍‌କ୍..... ଖଣ୍ଡ-୧, ଭାଗ-୨, ପୃ-୪୬.....୨୦୦୧)***

ଯେତେବେଳେ ହଜ୍‌ରତ୍ ଅବୁବକର ର:ଅ ନିଜର ସାହାବାମାନଙ୍କ ସହିତ ପରାମର୍ଶ କଲେ ଯେ ହଜ୍‌ରତ୍ ଅବାନ୍ ବିନ୍ ସଇଦଙ୍କ ପରେ କାହାକୁ ବେହେରନ୍‌ର ଗର୍ଭର୍ଣ୍ଣର ନିଯୁକ୍ତ କରି ପ୍ରେରଣ କରିବେ ? ସେତେବେଳ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ସେହି ବ୍ୟକ୍ତିକୁ ପ୍ରେରଣ କରନ୍ତୁ ଯାହାକୁ ହଜୁର ସ:ଆ:ସ ବାହାରିନ୍ ବାସୀଙ୍କ ଉପରେ ଗଭର୍ଣ୍ଣର ନିଯୁକ୍ତ କରିଥିଲେ ଏବଂ ସେ ତାଙ୍କର ଇସ୍‌ଲାମ୍ ଧର୍ମ ଗ୍ରହଣ ଓ ଆଜ୍ଞାନୁବର୍ତିତାର କାରଣ ସାଜିଥିଲା ଏବଂ ସେ ସେହି ଲୋକମାନଙ୍କଠାରୁ ଓ ସେମାନଙ୍କର ଅଂଚଳ ସହିତ ଭଲଭାବରେ ପରିଚିତ ଥିଲେ ସେ ହେଉଛନ୍ତି ଅଲା ବିନ୍ ହଜ୍‌ରମି । ଅତଏବ ହଜ୍‌ରତ୍ ଅବୁବକର ର:ଅ ଅଲା ବିନ୍ ହଜ୍‌ରମିଙ୍କୁ ବାହାରେନ୍ ପ୍ରେରଣ କରିବାପାଇଁ ସହମତି ପ୍ରକାଶ କରିଥିଲେ ।

***(କନଜୁଲ୍ ଆମାଲ୍, ଖଣ୍ଡ-୩, ଭାଗ-୫, ପୃ-୨୪୮.... ରିୱାୟତ୍ ନଂ-୧୪୦୮୯...... ବେରୁତ ୨୦୦୪)***

ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ ବର୍ଣ୍ଣନା କରନ୍ତି ହଜ୍‌ରତ୍ ଅବୁବକର ର:ଅଙ୍କ ଖିଲାଫତ୍ ସମୟରେଏକଦା ମଦିନାରେ ଦୁର୍ଭିକ୍ଷ ଦେଖାଦେଲା । ସେହିଦିନ ମାନଙ୍କରେ ହଜ୍‌ରତ୍ ଉସ୍‌ମାନ ର:ଅ ଶହେ ସଂଖ୍ୟକ ଓଟରେ ପରିପୂର୍ଣ୍ଣ ବାଣିଜିକ ଦଳ ଗହମ କିମ୍ବା ଅନ୍ୟାନ୍ୟ ସାମଗ୍ରୀ ଓଟରେ ଲଦି ସିରିୟାରୁ ମଦିନାରେ ପହଂଚିଥିଲେ । ଅର୍ଥାତ ନିଜ ବାଣିଜ୍ୟ ସିରିୟାରୁ ସାରି ମଦିନା ଫେରି ଆସିଥିଲେ । ଲୋକମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସମ୍ମୁଖରେ ହାଜର ହୋଇ ଫେରାଦ୍ କଲେ ଏବଂ କହିଲେ ଆପଣ ଏହାକୁ ଆମମାନଙ୍କ ନିକଟରେ ବିକ୍ରି କରିଦିଅନ୍ତୁ ଅର୍ଥାତ ଯେଉଁ ବ୍ୟବସାୟ କରି ଖାଦ୍ୟଶସ୍ୟ ଆଣିଛନ୍ତି ତାହା ଆମକୁ ବିକ୍ରି କରିଦିଅନ୍ତୁ କାରଣ ଆମେମାନେ ଏହାକୁ ଗରୀବ ଓ ଅଭାବିମାନଙ୍କ ନିକଟରେ ପହଂଚାଇ ଦେବୁ । ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ମତେ ଏହାଠୁ ଅଧିକ ଲାଭ ମିଳୁଅଛି ସେତେବେଳେ ସେମାନେ ପ୍ରତିଉତରରେ କହିଲେ ଆମେ ଦଶ ବଦଳରେ ଅର୍ଥାତ ଦଶଟଙ୍କା ବଦଳରେ ପନ୍ଦର ଟଙ୍କା ଦେବୁ । ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ ମତେ ତାହାଠାରୁ ବି ଅଧିକ ଲାଭ ମିଳୁଛି । ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ ଅଲ୍ଲାଃ ତାଲା ମତେ ପ୍ରତ୍ୟେକ ଦିରହମ୍ ମୁଦ୍ରା ବଦଳରେ ଦଶଗୁଣା ଅଧିକ ଲାଭ ଦେଉଛନ୍ତି । କଣ ଆପଣମାନେ ମତେ ଏହାଠୁ ଅଧିକ ଲାଭ ଦେଇପାରିବେ । ସେମାନେ କହିଲେ, ନାଁ । ପ୍ରତିଉତରରେ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ମୁଁ ଅଲ୍ଲାଃ ତାଲାଙ୍କୁ ସାକ୍ଷ୍ୟ ରଖି ଏହି ଖାଦ୍ୟଶସ୍ୟକୁ ମୁସଲମାନମାନଙ୍କର ଦରିଦ୍ର ଓ ଅଭାବି ବ୍ୟକ୍ତିଙ୍କ ସକାଶେ ଦାନ କରୁଅଛି । ଅର୍ଥାତ ଏହାର ମୁଁ ମୂଲ୍ୟ ନେବି ନାହିଁ ସବୁତକ ଗରୀବମାନଙ୍କୁ ଦେଉଅଛି ।

ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ କୁହନ୍ତି: ଯେ ମୁଁ ସେହି ରାତ୍ରରେ ହଜୁର ସ:ଆ:ସଙ୍କୁ ସ୍ୱପ୍ନରେ ଦେଖିଲି ଆପଣ ଏକ ଅଣଆରବୀୟ ଅଶ୍ୱ ଉପରେ ଆରୋହଣ କରିଥିଲେ । ଆପଣଙ୍କ ଉପରେ ଆଲୋକର ପୋଷାକ ବିଚ୍ଛୁରିତ ହେଉଥିଲା । ଆପଣଙ୍କ ପାଦରେ ପ୍ରକାଶ୍ୟମୟ ଜୋତା ରହିଥିଲା ଏବଂ ହାତରେ ଜ୍ୟୋତିର୍ମୟ ବାଡ଼ି ରହିଥିଲା ଓ ଆପଣ ଚଳଚଂଚଳ ଓ ବ୍ୟସ୍ତରେ ରହିଥିଲେ । ମୁଁ କହିଲି ହେ ଅଲ୍ଲାଃଙ୍କ ବାର୍ତାବହ ! ମୁଁ ଆପଣଙ୍କ ସହିତ ବାର୍ତାଳାପ କରିବାକୁ ଇଚ୍ଛୁକ, ଆପଣ ଏତେଶିଘ୍ର କୁଆଡ଼େ ଯାଉଛନ୍ତି । ହଜୁର ସ:ଆ:ସ କହିଲେ ହେ ଇବ୍‌ନେ ଅବ୍‌ବାସ ଉସ୍‌ମାନ ର:ଅ ଗୋଟିଏ ସଦ୍‌କା କରିଛନ୍ତି ଏବଂ ଅଲ୍ଲାଃ ତାଲା ତାହାକୁ ସ୍ୱୀକାର କରିନେଇଛନ୍ତି । ସ୍ୱର୍ଗରେ ତାଙ୍କର ବିବାହ ହେଉଛି ଏବଂ ଆମମାନଙ୍କୁ ତାଙ୍କ ବିବାହରେ ଆମନ୍ତ୍ରିତ କରାଯାଇଛି ।

***(ସିରତ୍ ଅମୀରୁଲ୍ ମୁମିନିନ୍.... ପୃ-୫୧-୫୨......ବେରୁତ ୨୦୦୬)***

ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ହଜ୍‌ରତ୍ ଉମର ର:ଅଙ୍କ ଶାସନରେ ଯେଉଁ ଭୂମିକା ଥିଲା ଓ ଯେଉଁ ପଦମର୍ଯ୍ୟାଦା ଥିଲା ସେ ସମ୍ପର୍କରେ କେତେକ କଥା ଆଲୋଚନା କରିଦେଉଛି । ଯେତେବେଳେ ହଜ୍‌ରତ୍ ଉମର ର:ଅ ଖଲିଫା ହେଲେ ସେତେବେଳେ ଆପଣ ବ୍ୟୟଜ୍ୟୋଷ୍ଠ ସାହାବାମାନଙ୍କ ସହିତ ବଇତୁଲ୍ ମାଲ୍‌ରେ ନିଜର ୱଜିଫା ସମ୍ପର୍କରେ ପରାମର୍ଶ କଲେ ପ୍ରତିଉତରରେ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ଖାଆନ୍ତୁ ଏବଂ ଖୁଆନ୍ତୁ ।

***(ସିରତ୍ ଅମୀରୁଲ୍ ମୁମିନିନ୍.... ପୃ-୫୩......ବେରୁତ ୨୦୦୬)***

ଅର୍ଥାତ ଆପଣମାନଙ୍କର ଯେଉଁ ଆବଶ୍ୟକତା ରହିଛି ଆପଣ ତାହାକୁ ପୁରଣ କରନ୍ତୁ ଓ ଅନ୍ୟମାନଙ୍କର ଯେଉଁ ଆବଶ୍ୟକତା ରହିଛି ତାହାକୁ ମଧ୍ୟ ଆପଣ ପୂରଣ କରିବାକୁ ପ୍ରାୟାସ କରନ୍ତୁ । ଆପଣଙ୍କୁ ଫିକ୍ର (ଅର୍ଥାତ ଧାର୍ଯ୍ୟ) କରିବାର କୌଣସି ଆବଶ୍ୟକତା ନାହିଁ ଅତଏବ ଯେତେବେଳେ ଇସ୍‌ଲାମୀୟ ବିଜୟର ପରମ୍ପରା ବିସ୍ତୃତ ହେଲା ଅର୍ଥରେ ଅଭିବୃଦ୍ଧି ଘଟିଲା । ସେତେବେଳେ ହଜ୍‌ରତ୍ ଉମର ର:ଅ ସାହାବାମାନଙ୍କ ମଧ୍ୟରୁ କେତେକଙ୍କୁ ଉକ୍ତ ଅର୍ଥ ପ୍ରସଙ୍ଗରେ ପରାମର୍ଶ ପାଇଁ ଏକତ୍ରିତ କଲେ । ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ମୁଁ କଣ ଦେଖୁଛି କି ଧନରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି ଯାହା ଲୋକମାନଙ୍କ ପାଇଁ ପ୍ରଯ୍ୟାପ୍ତ ହେବ । ଯଦି ଲୋକମାନଙ୍କର ଜନଗଣନା ସଠିକ୍ ଭାବରେ ନ କରାଯିବ ତା'ହେଲେ ଏହା ଜଣା ପଡ଼ିବନାହିଁ ଯେ କେଉଁ ବ୍ୟକ୍ତିକୁ ଭତା ମିଳିଛି ଏବଂ କେଉଁ ବ୍ୟକ୍ତିକୁ ଭତା ମିଳିନାହିଁ ତେବେ

ମୋର ଆଶଙ୍କା ରହିଛି ଯେ, ପରବର୍ତ୍ତୀ ପ୍ରଯ୍ୟାୟରେ ସମସ୍ୟା ଦେଖାଦେବ । ବେଳେବେଳେ ଲୋକମାନେ ଦୁଇ ଦୁଇଥର ଭତା ନେଇଯିବେ ତେଣୁ ନିମିଷକରେ ଏହାର ପ୍ରତିକାର ବ୍ୟବସ୍ଥା ହେବା ଉଚିତ ଏବଂ ଅଭିଲେଖା ବହି ପ୍ରସ୍ତୁତ ହେବା ଉଚିତ । ଯେଉଁଥିରେ ଏହିସବୁ ଉଲ୍ଲେଖ ରହିବା ଉଚିତ । ପ୍ରତିଉତରରେ ହଜ୍‌ରତ୍ ଉମର ର:ଅ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ପରାମର୍ଶକୁ ଗ୍ରହଣ କରିନେଇଥିଲେ ଏବଂ ଜନଗଣନା କରି ଲୋକମାନଙ୍କର ନାମକୁ ଅଭିଲେଖା ବହିରେ ସୁରକ୍ଷିତ କରିବାର ପଦକ୍ଷେପ ଗ୍ରହଣ କରିଥିଲେ । ***(ସିରତ୍ ଅମୀରୁଲ୍ ମୁମିନିନ୍.... ପୃ-୫୪......ବେରୁତ ୨୦୦୬)***

ଏହାପରେ ନିୟମିତ ରୂପେ ହିସାବ ହୋଇ ସମସ୍ତ ଲୋକମାନଙ୍କୁ ସହାୟତା ମିଳିବାକୁ ଲାଗିଲା ।

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଖିଲାଫତ୍ ସମ୍ପର୍କରେ ହଜୁର ସ:ଆ:ସଙ୍କର ଗୋଟିଏ ଭବିଷ୍ୟବାଣୀ ମଧ୍ୟ ରହିଛି ଯାହାର ପୂର୍ବେ ମୁଁ ଆଲୋଚନା କରି ଆସିଲି ଏହାର ଆଶିଂକ ଇଙ୍ଗିତ ଏହି କି ଯେ, ଅଲ୍ଲାଃ ତାଲା ତୁମକୁ ଏକ ବସ୍ତ୍ର ପିନ୍ଧାଇବେ କିନ୍ତୁ କପଟ ବିଶ୍ୱାସୀମାନେ ତାହାକୁ ଛଡ଼ାଇ ନେବାକୁ ଚେଷ୍ଟା କରିବେ ।

ଅତଏବ ହଜ୍‌ରତ୍ ଅବୁବକର ର:ଅ ବର୍ଣ୍ଣନା କରନ୍ତି, ଏକଦା ନବୀ କରିମ୍ ସ:ଆ:ସ କହିଲେ, ତୁମମାନଙ୍କ ମଧ୍ୟରୁ କେହି ସ୍ୱପ୍ନ ଦେଖିଛ ? ଜଣେ ବ୍ୟକ୍ତି କହିଲା ମୁଁ ଦେଖିଛି ଆକାଶରୁ ଏକ ନିକିତି ଅବତୀର୍ଣ୍ଣ ହୋଇଛି ଏବଂ ଯେତେବେଳେ ହଜୁର ସ:ଆ:ସଙ୍କୁ ଓ ହଜ୍‌ରତ୍ ଅବୁବକର ର:ଅଙ୍କୁ ସେହି ନିକିତିରେ ଓଜନ କରାଗଲା ସେତେବେଳେ ହଜ୍‌ରତ୍ ଅବୁବକର ର:ଅଙ୍କ ତୁଳନାରେ ହଜୁର ସ:ଆ:ସଙ୍କ ଓଜନ ଅଧିକ ରହିଥିଲା । ଏହାପରେ ଯେତେବେଳେ ହଜ୍‌ରତ୍ ଉମର ଓ ହଜ୍‌ରତ୍ ଅବୁବକର ର:ଅଙ୍କୁ ଓଜନ କରାଗଲା ସେତେବେଳେ ହଜ୍‌ରତ୍ ଅବୁବକର ର:ଅଙ୍କ ଓଜନ ହଜ୍‌ରତ୍ ଉମର ର:ଅଙ୍କ ତୁଳନାରେ ଅଧିକ ହେଲା । ଏହାପରେ ହଜ୍‌ରତ୍ ଉମର ର:ଅ ଓ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଓଜନ କରାଗଲା ଏବଂ ସେଥିରେ ହଜ୍‌ରତ୍ ଉମର୍ ର:ଅଙ୍କର ଓଜନ ଅଧିକ ହେଲା । ତା'ପରେ ଉକ୍ତ ନିକିତିକୁ ବାହାର କରି ନିଆଗଲା । ତେବେ ଆମେମାନେ ହଜୁର ସ:ଆ:ସଙ୍କ ମୁଖମଣ୍ଡଳରେ ଅପ୍ରିୟ ମୂଳକ ଭାବ ଦେଖିବାକୁ ପାଇଥିଲୁ ଯେ ମହାଭାଗ ସ:ଆ:ସ ସେହି ସ୍ୱପ୍ନ ଯୋଗୁଁ ଖୁସି ନଥିଲେ । ବହୁତ ଅପସନ୍ଦ କରିଥିଲେ । ***(ସୁନନେ ଅବି ଦାଉଦ୍...... ହଦିସ୍ ନଂ-୪୬୩୪)***

ଏକ ବର୍ଣ୍ଣନାରେ ଏହିପରି ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ଯାବିର୍ ବିନ୍ ଅବ୍‌ଦୁଲ୍ଲାଃ ର:ଅ ବର୍ଣ୍ଣନା କରନ୍ତି । ହଜୁର ସ:ଆ:ସ କହିଲେ, ଆଜି ରାତ୍ରରେ ମୁଁ ଜଣେ ପୂଣ୍ୟବାନ ବ୍ୟକ୍ତିକୁ ସ୍ୱପ୍ନରେ ଦେଖିଲି ଯେ ହଜ୍‌ରତ୍ ଅବୁବକର ର:ଅଙ୍କୁ ହଜୁର ସ:ଆ:ସଙ୍କ ସହିତ ସାଦୃଶ୍ୟତା ରହିଛି ଏବଂ ହଜ୍‌ରତ୍ ଉମର ର:ଅଙ୍କୁ ହଜ୍‌ରତ୍ ଅବୁବକର ର:ଅଙ୍କ ସହିତ ସାଦୃଶ୍ୟତା ରହିଛି ଏବଂ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ହଜ୍‌ରତ୍ ଉମର ର:ଅଙ୍କ ସହିତ ସାଦୃଶ୍ୟତା ରହିଛି । ହଜ୍‌ରତ୍ ଯାବିର ର:ଅ ବର୍ଣ୍ଣନା କରନ୍ତି ଯେ ଆମେମାନେ ଯେତେବେଳେ ହଜୁର ସ:ଆ:ସଙ୍କ ପାଖରୁ ଉଠି ଆସିଲୁ ସେତେବେଳେ ଆମେମାନେ କହିଲୁ ପବିତ୍ର ଓ ସତ୍‌ପୁରୁଷ ବ୍ୟକ୍ତିରୁ ଯଥାର୍ଥ ରସୁଲେ କରିମ୍ ସ:ଆ:ସ ଅଟନ୍ତି ଏବଂ ଏହି ବ୍ୟକ୍ତିକୁ ପରସ୍ପର ସହିତ ଯୋଡ଼ିବାର ଅର୍ଥ ଏହିକି ଯେ, ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ଉମର ର:ଅ ହଜ୍‌ରତ୍ ଉସ୍‌ମାନ ର:ଅ ଏମାନେ ସମସ୍ତେ ଧର୍ମର ମୁଖିଆ ହେବେ ଯାହା ଉଦ୍ଦେଶ୍ୟରେ ସହିତ ଅଲ୍ଲାଃ ତାଲା ନବୀ କରିମ୍ ସ:ଆ:ସଙ୍କୁ ଅବତୀର୍ଣ୍ଣ କରିଛନ୍ତି । ***(ସୁନନେ ଅବି ଦାଉଦ୍...... ହଦିସ୍ ନଂ-୪୬୩୬)***

ହଜ୍‌ରତ୍ ସମ୍‌ରା ବିନ୍ ଯୁନ୍ଦୁବ୍ ର:ଅ ବର୍ଣ୍ଣନା କରନ୍ତି: ଜଣେ ବ୍ୟକ୍ତି କହିଲା ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ଏ ସ୍ୱପ୍ନ ଦେଖିଛି ଯେ, ଆକାଶରୁ ଏକ ବାଲ୍‌ଟି ଓହ୍ଲାଇ ଦିଆଯାଇଛି । ପ୍ରଥମେ ହଜ୍‌ରତ୍ ଅବୁବକର ର:ଅ ଆସିଲେ ଏବଂ ସେହି ବାଲ୍‌ଟିର ଉଭୟ କାଠକୁ ଧରି ତହିଁରୁ କିଂଚିତ ଜଳପାନ କଲେ ପୂନଶ୍ଚ ହଜ୍‌ରତ୍ ଉମର ର:ଅ ଆସିଲେ ଏବଂ ସେ ମଧ୍ୟ ଉକ୍ତ ବାଲ୍‌ଟିରେ ଦୁଇକାଠକୁ ଧରି ପେଟପୁରି ଜଳପାନ କଲେ ଏହାପରେ ପୁନଶ୍ଚ ହଜ୍‌ରତ୍ ଉସ୍‌ମାନ ର:ଅ ଆସିଲେ ଏବଂ ସେ ମଧ୍ୟ ସେଥିରୁ ଦୁଇ କାଠକୁ ଧରି ଜଳପାନ କଲେ । ଏପରି କି ସେ ତୃପ୍ତ ହୋଇଗଲେ । ଏହାପରେ ଯେତେବେଳେ ହଜ୍‌ରତ୍ ଅଲୀ ର:ଅ ଆସିଲେ ଏବଂ ସେହି କାଠକୁ ଧରିଲେ ସେତେବେଳେ ସେହି ବାଲ୍‌ଟିରେ ଥିବା ଜଳ ଉଛୁଳି ପଡ଼ିଲା । ଯଦ୍ୱାରା ଉକ୍ତ ବାଲ୍‌ଟିରୁ କିଛି ଜଳ ତାଙ୍କ ଉପରେ ପଡ଼ିଗଲା । ***(ସୁନନେ ଅବି ଦାଉଦ୍...... ହଦିସ୍ ନଂ-୪୬୩୭)***

ଏହା ମଧ୍ୟ ଖିଲାଫତ୍‌ର କ୍ରମଆଡ଼କୁ ଇଙ୍ଗିତ ଥିଲା ଯେ, ଏହି କ୍ରମରେ ଖିଲାଫତ୍ ହେବ ଏବଂ ହଜ୍‌ରତ୍ ଅଲୀ ର:ଅଙ୍କର ଶାସନକାଳ ଅତ୍ୟନ୍ତ କଠିନ ସମୟ ମଧ୍ୟ ଦେଇ ଅତିକ୍ରମ କରିବ ଯାହାକି ବିଧିର ବିଧାନ ଥିଲା ଅର୍ଥାତ ବାଲ୍‌ଟିରୁ ଜଳ ଉଛୁଳି ପଡ଼ି ହଜ୍‌ରତ୍ ଅଲୀ ର:ଅଙ୍କ ଉପରେ ପଡ଼ିଲା ଏବଂ ସଠିକ୍ ଭାବରେ ଜଳପାନ କରିପାରିଲେ ନାହିଁ । ଯଥାର୍ଥ ଏହା ଥିଲା ଯେ, ହଜ୍‌ରତ୍ ଅଲୀ ର:ଅଙ୍କୁ ଖୁବ୍ କମ୍ ସମୟ ପାଇଁ ଶାସନ କରିବାକୁ ସମୟ ମିଳିବ ।

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଖିଲାଫତ୍‌ର ନିର୍ବାଚନ ପାଇଁ ଯେଉଁ ମଜ୍‌ଲିସେ ଶୁରାଃ ଗଠନ ହୋଇଥିଲା ତତ୍‌ସଂକ୍ରାନ୍ତରେ ହଜ୍‌ରତ୍ ମିସ୍‌ୱର୍ ବିନ୍ ମଖ୍‌ରମା ର:ଅ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ ନିଜ ଉପରେ ହୋଇଥିବା ଆକ୍ରମଣ ପରେ ଯେତେବେଳେ ସୁସ୍ଥ ହେଲେ ସେତେବେଳେ ତାଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲା ଯେ ଆପଣ କୌଣସି ବ୍ୟକ୍ତିଙ୍କୁ ଖଲିଫା ରୂପେ ନିଯୁକ୍ତ କରିଦିଅନ୍ତୁ । କିନ୍ତୁ ହଜ୍‌ରତ୍ ଉସ୍‌ମାନ ର:ଅ ଏହାକୁ ଅସ୍ୱୀକାର କରିଥିଲେ । ଦିନେ ଆପଣ ମଂଚ ଉପରେ ବିରାଜମାନ ହେଲେ ଏବଂ କିଛି ଶବ୍ଦ କହିଲେ ଯେ ଯଦି ମୋର ମୃତ୍ୟୁ ଘଟେ ତେବେ ତୁମର ବିଚାର ଏହି ଛଅଜଣ ବ୍ୟକ୍ତି ଉପରେ ନ୍ୟସ୍ତ ହେବ ଯେଉଁମାନେ ରସୁଲେ୍ କରିମ୍ ସ:ଆ:ସଙ୍କ ଠାରୁ ଏହି ଅବସ୍ଥାରେ ପୃଥକ ହୋଇଥିଲେ ଯେତେବେଳେ କି ହଜୁର ସ:ଆ:ସ ସେମାନଙ୍କ ଉପରେ ପ୍ରସନ୍ନିତ ଥିଲେ । ସେମାନେ ହେଉଛନ୍ତି ହଜ୍‌ରତ୍ ଅଲୀ ର:ଅ ବିନ୍ ଅବୁତାଲିବ୍, ଜୁବୈର୍ ବିନ୍ ଅୱାମ୍, ଅବ୍‌ଦୁର୍ ରହମାନ୍ ବିନ୍ ଅଓଫ୍ ଓ ତାଙ୍କର ଅନୁରୁପ୍ ଉସମାନ୍ ବିନ୍ ଅଫାନ୍, ତଲ୍‌ହା ବିନ୍ ଉବୈଦୁଲ୍ଲା ଓ ତାଙ୍କର ନଜିର୍ ସାଆଦ୍ ବିନ୍ ମାଲିକ । ପୁନଶ୍ଚ ହଜ୍‌ରତ୍ ଉମର୍ ର:ଅ କହିଲେ, ସାବଧାନ ମୁଁ ତୁମମାନଙ୍କୁ ବିଚାର କରିବା ସମୟରେ ଅଲ୍ଲାଃ ତାଲାଙ୍କର ଧର୍ମ ପରାୟଣତା ଅବଲମ୍ବନ କରିବା ପ୍ରତି ଓ ବଂଟନ ବ୍ୟବସ୍ଥାରେ ନ୍ୟାୟ ଅବଲମ୍ବନ କରିବାପ୍ରତି ଉପଦେଶ ଦେଉଅଛି । ଅବୁଜାଫର୍ ର:ଅ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ ଖିଲାଫତ୍‌ର ନିର୍ବାଚନ ପାଇଁ ମଜ୍‌ଲିସେ ସୁରାଃର ସଦସ୍ୟମାନଙ୍କୁ କହିଲେ: ଏହି ପ୍ରସଙ୍ଗରେ ପାରସ୍ପରିକ ପରାମର୍ଶ କର ଏହାପରେ ଯଦି ଉଭୟ ପକ୍ଷଙ୍କୁ ଦୁଇ ଦୁଇଟି ଲେଖାଏଁ ଭୋଟ ମିଳେ, ତେବେ ପୁନର୍ବାର ପରାମର୍ଶ କର ଏବଂ ଉଭୟ ପକ୍ଷଙ୍କୁ ଯଦି ଚାରୋଟି ଓ ଦୁଇ ଦୁଇଟି ଲେଖାଏଁ ଭୋଟ ମିଳେ ତେବେ ସେହି ପରିପ୍ରେକ୍ଷୀରେ ଯେଉଁ ପକ୍ଷର ଅଧିକ ଭୋଟ ଥିବ ସେହି ପକ୍ଷକୁ ବିଜେତା ଘୋଷଣା କର । ଜୈଦ୍ ବିନ୍ ଅସ୍‌ଲମ୍ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ ହଜ୍‌ରତ୍ ଉମର ର:ଅ କହିଲେ, ଉଭୟ ପକ୍ଷଙ୍କୁ ଯଦି ତିନୋଟି ଲେଖାଏଁ ଭୋଟ ମିଳେ ତାହେଲେ ଯେଉଁ ପକ୍ଷରେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ଥିବେ ସେହି ଲୋକଙ୍କ ପକ୍ଷରେ ନ୍ୟାୟ ହେବ ଓ ଆଜ୍ଞାବହତା ପରିପ୍ରକାଶ କରିବ ।

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family, Jamat Ahmadiyya, Kerang (Odisha)*

## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

## ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଅବ୍‌ଦୁର୍ ରହ୍‌ମାନ୍ ବିନ୍ ସଈଦ୍ ବର୍ଣ୍ଣନା କରନ୍ତି: ଯେତେବେଳେ ହଜ୍‌ରତ୍ ଉମର ର:ଅ ଆହାତ ହେଲେ ସେତେବେଳେ ହଜ୍‌ରତ୍ ଉମର୍ ଲୋକମାନଙ୍କୁ କହିଲେ ସୁହେବ୍ ତୁମ୍ଭମାନଙ୍କୁ ତିନିଦିନ ଧରି ନମାଜ ପଢ଼ାଇବେ ଅର୍ଥାତ ହଜ୍‌ରତ୍ ଉମର ର:ଅ ହଜ୍‌ରତ୍ ସୁହେବ୍ ର:ଅଙ୍କୁ ଇମାମୁ ସଲାତ୍ ରୂପେ ନିଯୁକ୍ତ କରିଥିଲେ । ପୁନଶ୍ଚ କହିଲେ, ନିଜର ଏହି ପ୍ରସଙ୍ଗରେ ଅର୍ଥାତ ଖିଲାଫତ୍ ପ୍ରସଙ୍ଗରେ ପରାମର୍ଶ ଲୋଡ଼ିବ ଏବଂ ଉକ୍ତ ପ୍ରସଙ୍ଗକୁ ଛଅଜଣ ବ୍ୟକ୍ତିଙ୍କୁ ହସ୍ତାନ୍ତର କରିଦେବ । ଏହାପରେ ଯିଏବି ତୁମର ବିରୋଧ କରିବ ତାହାର ସ୍କନ୍ଦଚ୍ୟୁତ କରିଦେବ । ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ର:ଅ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଉମର୍ ର:ଅ ନିଜ ବିୟୋଗର କିଛି କାଳ ପୂର୍ବରୁ ହଜ୍‌ରତ୍ ଅବୁ ତଲ୍‌ହା ର:ଅଙ୍କ ନିକଟକୁ ସନ୍ଦେଶ ପ୍ରେରଣ କଲେ ଏବଂ କହିଲେ, ହେ ଅବୁ ତଲ୍‌ହା ତୁମ ନିଜର ଅନ୍‌ସାର ସମ୍ପ୍ରଦାୟରୁ ୫୦ଜଣ ବ୍ୟକ୍ତିଙ୍କୁ ଧରି ଶୁରାଃର କମିଟିର ଲୋକମାନଙ୍କ ନିକଟକୁ ଚାଲିଯାଅ ଏବଂ ସେମାନଙ୍କୁ ତିନିଦିନ ଅଟକାଇ ରଖ ଏପରିକି ସେମାନେ ନିଜ ମଧ୍ୟରୁ ଜଣକୁ ଅମୀର ରୂପେ ନିର୍ବାଚିତ କରିନେବେ । ହେ ଈଶ୍ୱର ! ତୁମ୍ଭେ ଏମାନଙ୍କ ଉପରେ ମୋର ଖଲିଫା ଅଟେ ।

ଇସ୍‌ହାକ୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଅବୁ ତଲ୍‌ହା ନିଜର ସାଥିମାନଙ୍କ ସହିତ ହଜ୍‌ରତ୍ ଉମର ର:ଅଙ୍କ କବର ପ୍ରସ୍ତୁତ କରାଯାଇଥିବା ସମୟରେ କିଛି ମୁହୂର୍ତ୍ତ ରହିଲେ ଏବଂ ଶୁରାଃର ସାହାବାମାନଙ୍କ ସହିତ ଅତିବାହିତ କରିଥିଲେ । ଏହାପରେ ଯେତେବେଳେ ସୁରାଃରେ ଥିବା ସାହାବାମାନେ ନିଜର ପ୍ରସଙ୍ଗକୁ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କୁ ହସ୍ତାନ୍ତର କଲେ ଏବଂ କହିଲେ ସେ ଯାହାକୁ ଚାହିଁବେ ତାହାକୁ ଅମୀର ନିଯୁକ୍ତ କରିନେବେ । ତେବେ ହଜ୍‌ରତ୍ ଅବୁତଲ୍‌ହା ର:ଅ ସେତେବେଳ ପର୍ଯ୍ୟନ୍ତ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ଅଓଫ୍ ର:ଅଙ୍କ ଦ୍ୱାର ସମ୍ମୁଖରେ ରହିଲେ ଯେପର୍ଯ୍ୟନ୍ତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ବୟତ ନ କରିନେଲେ । ଅର୍ଥାତ ବୟତ କରିବା ପର୍ଯ୍ୟନ୍ତ ସେଠାରେ ରହିଲେ ।

ହଜ୍‌ତର୍ ସଲ୍‌ମା ବିନ୍ ଅବୁ ସଲ୍‌ମା ନିଜର ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ସର୍ବପ୍ରଥମେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ବୟତ କଲେ, ପୁନଶ୍ଚ ଏହାପରେ ହଜ୍‌ରତ୍ ଅଲୀ ର:ଅ ବୟତ କରିଥିଲେ । ହଜ୍‌ରତ୍ ଉମର ର:ଅଙ୍କ ସ୍ୱାଧିନ ପ୍ରାପ୍ତ ଦାସ ଉମ୍‌ରା ବିନ୍ ଉମୈରା ନିଜର ଦଦାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ମୁଁ ଦେଖିଲି ଯେ ସର୍ବପ୍ରଥମେ ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ବୟତ କରିଥିଲେ ଏହାପରେ ଲୋକମାନେ କ୍ରମାଗତ ଭାବରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ବୟତ କରିଥିଲେ ।

*(ତବକାତୁଲ୍ କୁବ୍‌ରା..... ଖଣ୍ଡ-୩, ପୃ- ୩୪-୩୫...... ବେରୁତ ୧୯୯୬)*

ସହି ବୁଖାରୀରେ ହଜ୍‌ରତ୍ ଉମର ର:ଅଙ୍କ ଶେଷ ରୋଗସଜ୍ୟାରେ ନିଜର ପରବର୍ତ୍ତୀ ଖଲିଫାଙ୍କୁ ଉପଦେଶ ଓ ମଜ୍‌ଲିସେ ସୁରାଃ ପ୍ରସଙ୍ଗରେ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହାର ବୃତାନ୍ତ ବର୍ଣ୍ଣନା ରହିଛି ତାହା ଏପରି କି ଲୋକମାନେ କହିଲେ, ହେ ଅମୀରୁଲ୍ ମୁମିନିନ୍ ଆପଣ ଓ୍ୱସିୟତ୍ କରିଦିଅନ୍ତୁ ଯେ ଆପଣଙ୍କ ଅନ୍ତେ କିଏ ଖଲିଫା ହେବ । ହଜ୍‌ରତ୍ ଉମର ର:ଅ କହିଲେ, ମୁଁ ଖିଲାଫତ୍ ପଦବୀ ପାଇଁ ଏହି କେତେକ ଯୋଗ୍ୟ ବ୍ୟକ୍ତିଙ୍କ ବ୍ୟତିତ ଅନ୍ୟ କାହାରିକୁ ଉପଯୁକ୍ତ ମଣୁନାହିଁ । କାରଣ ରସୁଲେ କରିମ୍ ସ:ଆ:ସ ଏଭଳି ଅବସ୍ଥାରେ ମୃତ୍ୟୁବରଣ କରିଥିଲେ ଯେତେବେଳେ ଆପଣ ଏହି ସାହାବାଙ୍କ ଉପରେ ପ୍ରସନ୍ନିତ ଥିଲେ ଏବଂ ସେମାନେ ହଜ୍‌ରତ୍ ଅଲୀ, ହଜ୍‌ରତ୍ ଉସ୍‌ମାନ୍, ହଜ୍‌ରତ୍ ଜୁବୈରା, ହଜ୍‌ରତ୍ ତଲ୍‌ହା, ହଜ୍‌ରତ୍ ସାଆଦ୍ ଓ ହଜ୍‌ତର୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଆଦି ଥିଲେ ଏବଂ କହିଲେ, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ତୁମ୍ଭମାନଙ୍କ ସହିତ ସାମିଲ ରହିବ ଏବଂ ଉକ୍ତ ଖିଲାଫତ୍‌ରେ ତାଙ୍କର କୌଣସି ଅଧିକାର ରହିବ ନାହିଁ । ଉକ୍ତ ବର୍ଣ୍ଣନାଟି ପୂର୍ବେ ମଧ୍ୟ ଆଲୋଚନା ହୋଇସାରିଛି ଅତଏବ ଏଠାରେ ସଂକ୍ଷିପ୍ତ ବର୍ଣ୍ଣନା କରିଦେଲି । ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉମର ର:ଅଙ୍କ ବିୟୋଗପରେ ଯେତେବେଳେ ତାଙ୍କୁ କବର ଦିଆ ସରିଲା ସାହାବାମାନେ ସେତେବେଳେ ସେହି ଲୋକମାନେ ଏକତ୍ରିତ ହେଲେ ଯେଉଁମାନଙ୍କର ନାମ ହଜ୍‌ରତ୍ ଉମର ର:ଅ ନେଇଥିଲେ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ କହିଲେ ନିଜର ମାମଲାକୁ ନିଜ ମଧ୍ୟରେ ଥିବା ତିନିଜଣ ଲୋକଙ୍କ ନିକଟରେ ହସ୍ତାନ୍ତର କରିଦିଅ । ଏଥିରେ ହଜ୍‌ରତ୍ ଜୁବୈର୍ ର:ଅ କହିଲେ ମୁଁ ହଜ୍‌ରତ୍ ଅଲୀଙ୍କୁ ଅକ୍ତିଆର୍ ଦେଉଛି । ହଜ୍‌ରତ୍ ତଲ୍‌ହା କହିଲେ ମୁଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ନିଜର ଅକ୍ତିଆର୍ ଦେଉଅଛି ଏବଂ ହଜ୍‌ରତ୍ ସାଆଦ୍ କହିଲେ ମୁଁ ହଜ୍‌ରତ୍ ସାଆଦ୍ କହିଲେ ମୁଁ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନଙ୍କୁ ମୋର ଅକ୍ତିଆର୍ ଦେଉଅଛି । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍, ହଜ୍‌ରତ୍ ଅଲୀ ଏବଂ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ କହିଲେ, ଆପଣ ଦୁହିଁଙ୍କ ମଧ୍ୟରୁ ଯିଏ ବି ଉକ୍ତ କଥାରୁ ଓହରି ଯିବ ଆମେମାନେ ତାହାକୁ ହିଁ ଉକ୍ତ ପ୍ରସଙ୍ଗରେ ଏହି ଦାୟିତ୍ୱ ହସ୍ତାନ୍ତର କରିଦେବୁ ଏବଂ ଅଲ୍ଲାଃ ତାଲା ଓ ଇସ୍‌ଲାମ୍ ତାହାର ନିରୀକ୍ଷଣ କର୍ତ୍ତା ହେବ ଅର୍ଥାତ ସେହି ବ୍ୟକ୍ତି ପକ୍ଷରେ ଖିଲାଫତ୍ ନିର୍ବାଚନର ପ୍ରକ୍ରିୟା ହସ୍ତାନ୍ତର କରିଦିଆଯିବ । ସେମାନେ ନିଜ ପକ୍ଷରୁ ସେହି ବ୍ୟକ୍ତିକୁ ହିଁ ବାଛିବେ ଯିଏ ଉକ୍ତ ପଦବୀ ପାଇଁ ସେମାନଙ୍କ ନିକଟରେ ଯୋଗ୍ୟ ଓ ଶ୍ରେୟସ୍କର ହୋଇଥିବ । ସେହି ବ୍ୟକ୍ତିକୁ ନିଯୁକ୍ତ କରିବା ସମୟରେ ମୁଁ କୌଣସି ପକ୍ଷପାତ କରିବିନାହିଁ । ପୁନଶ୍ଚ ଏହା ହିଁ ଯେ ତୁମେମାନେ ଉକ୍ତ ଦାୟିତ୍ୱଟି ମୋ ଉପରେ ନ୍ୟସ୍ତ କରିଦିଅ ଉକ୍ତ କମିଟିର ସଭାପତିତ୍ୱ ମୋ ଅଧିନ କରିଦିଅ । ସେହି ଦୁହିଁଙ୍କ ମଧ୍ୟରୁ କହିଲେ, କୌଣସି ଜଣେ ବ୍ୟକ୍ତିକୁ ସଭାପତି କରାଯାଉ ସେମାନେ କହିଲେ, ସେମାନେ ତ ପୃଥକ ହେଉନାହାନ୍ତି ଅତଏବ ସେ କହିଲେ ତା ହେଲେ ମୁଁ ଉକ୍ତ ପ୍ରସଙ୍ଗରୁ ଓହରି ଯାଉଛି ସେ ଯାହା ହେଉ ନା କାହିଁକି ସେମାନେ କହିଲେ, ଅତଏବ ମୁଁ ଯେଉଁ ନିଷ୍ପତି ନେବି ତାହା ନ୍ୟାୟ ସଙ୍ଗତ ହେବ ଏବଂ ଅଲ୍ଲାଃ ତାଲା ହିଁ ମୋର ନିରୀକ୍ଷଣ କର୍ତ୍ତା ଅଟନ୍ତି । ସେ ଦୁହେଁ କହିଲେ, ଆଚ୍ଛା ପୁନଶ୍ଚ ଅବ୍‌ଦୁର୍ ରହ୍‌ମାନ ସେହି ଦୁହିଁଙ୍କ ମଧ୍ୟରୁ ଜଣଙ୍କର ହାତ ଧରି ପୃଥକ କରିନେଲେ ଅର୍ଥାତ ହଜ୍‌ରତ୍ ଉସ୍‌ମାନ ଓ ହଜ୍‌ରତ୍ ଅଲୀ ର:ଅଙ୍କ ମଧ୍ୟରୁ ହଜ୍‌ରତ୍ ଅଲୀ ର:ଅଙ୍କ ହାତ ଧରି ଅଲଗା ସ୍ଥାନକୁ ଚାଲିଗଲେ ଅର୍ଥାତ ଏକାନ୍ତରେ ନେଇ ଏହି କଥା କହିଥିଲେ ଯେ, ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଆପଣର ସମ୍ପର୍କ ରହିଛି ଓ ଇସ୍‌ଲାମ୍‌ର ଆପଣଙ୍କର ଯେଉଁ ମର୍ଯ୍ୟାଦା ରହିଛି ତାହା ଆପଣ ଖୁବ୍ ଭଲଭାବରେ ଜାଣନ୍ତି । ଅଲ୍ଲାଃ ତାଲା ଆପଣଙ୍କର ନିରୀକ୍ଷଣ କର୍ତ୍ତା ଆପଣ କୁହନ୍ତୁ ମୁଁ ଯଦି ଆପଣଙ୍କୁ ନିଜର ଅମୀର ରୁପେ ସ୍ୱୀକାର କରେ ତେବେ ଆପଣ ଅବସ୍ୟ ନ୍ୟାୟ ପ୍ରଦାନ କରିବେ ଏବଂ ମୁଁ ଯଦି ଉସମ୍‌ାନ୍ ର:ଅଙ୍କୁ ନିଜର ଅମିର ରୂପେ ସ୍ୱୀକାର କରେ ତେବେ ଆପଣ ତାଙ୍କର କଥା ଶୁଣିବେ ଅର୍ଥାତ ହଜ୍‌ରତ୍ ଅଲୀ ର:ଅଙ୍କୁ ହାତ ଧରି ପ୍ରଥମେ ତାଙ୍କୁ ନେଇଯାଇଥିଲେ ଓ ତାଙ୍କୁ ଏହି କଥା କହିଥିଲେ । ଅତଏବ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ପରେ ଅନ୍ୟ ଜଣଙ୍କୁ ଏକାନ୍ତକୁ ନେଇଗଲେ ଅର୍ଥାତ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଏବଂ ଯେତେବେଳେ ସେ ଦୃଢ଼ ଶପଥ ନେଲେ ସେତେବେଳେ ତାଙ୍କୁ ମଧ୍ୟ ସେହିପରି କହିଲେ କି ଆପଣ ନିଜର ହାତ ଉଠାନ୍ତୁ ଅତଏବ ସେ ତାଙ୍କର ବୟତ କଲେ ଏବଂ ହଜ୍‌ରତ୍ ଅଲୀ ମଧ୍ୟ ତାଙ୍କର ବୟତ କଲେ ଏବଂ ପରିବାର ବର୍ଗ ମଧ୍ୟ ଭିତରକୁ ଚାଲିଆସିଲେ ଏବଂ ସେମାନେ ମଧ୍ୟ ତାଙ୍କର ବୟତ କଲେ ।

*(ସହି ବୁଖାରୀ...... ହଦିସ୍ ନଂ-୩୭୦୦)*

ହଜ୍‌ରତ୍ ମୁସ୍‌ହେଲ ମଉଦ୍ ର:ଅ ହଜ୍‌ରତ୍ ଉମର ର:ଅଙ୍କ ବିୟୋଗ ଏବଂ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଖଲିଫା ନିର୍ବାଚିତ ହେବା ପ୍ରସଙ୍ଗରେ ବର୍ଣ୍ଣନା କରନ୍ତି କି ଯେତେବେଳେ ହଜ୍‌ରତ୍ ଉମର ର:ଅ ଆହାତ ହେଲେ ଏବଂ ନିଜକୁ ଏହା ଅନୁଭବ ହେଲା ଯେ, ତାଙ୍କର ଶେଷ ସମୟ ଆସିଯାଇଛି । ସେତେବେଳେ ସେ ଛଅଜଣ ବ୍ୟକ୍ତିଙ୍କ ପ୍ରସଙ୍ଗରେ ଓ୍ୱସିୟତ କଲେ ଯେ ସେମାନଙ୍କ ମଧ୍ୟରୁ ଜଣକୁ ଖଲିଫା ରୂପେ ନିର୍ବାଚିତ କରିନେବ । ସେହି ଛଅ ଜଣ ବ୍ୟକ୍ତି ଯେପରି କି ମୁଁ ଆଲୋଚନା କରି ଆସିଲି । ହଜ୍‌ରତ୍ ଉସ୍‌ମାନ୍, ହଜରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଔଫ୍, ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ୍, ହଜ୍‌ରତ୍ ଜୁବୈର୍ ଏବଂ ହଜ୍‌ରତ୍ ତଲ୍‌ହା ର:ଅ ଆଦି ଥିଲେ । ତତ୍‌ସହିତ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର ର:ଅଙ୍କୁ ମଧ୍ୟ ଆପଣ ଉକ୍ତ ପରାମର୍ଶରେ ସାମିଲ କରିବାପାଇଁ ନିଯୁକ୍ତ କରିଥିଲେ କିନ୍ତୁ ଖିଲାଫତ୍‌ର ଅଧିକାରୀ ହେବାକୁ ସେ ଉପଯୁକ୍ତ ନୁହନ୍ତି ବୋଲି ଦର୍ଶାଇଥିଲେ ଓ ଓ୍ୱସିୟତ କରିଥିଲେ । ଏହି ସମସ୍ତ ଲୋକମାନେ ତିନିଦିନ ମଧ୍ୟରେ ଖିଲାଫତ୍ ନିର୍ଣ୍ଣୟ କରିବାକୁ ହଜୁର ଅର୍ଥାତ ହଜ୍‌ରତ୍ ଉମର ର:ଅ ଓ୍ୱସିୟତ କରିଥିଲେ । ତିନିଦିନ ପାଇଁ ସୋହେବ ର:ଅଙ୍କୁ ଇମାମୁ ସଲାତ୍ ରୂପେ ନିଯୁକ୍ତ କରିଥିଲେ । ଏବଂ ଶୁରାଃର ନିରିକ୍ଷକ କାର୍ଯ୍ୟକୁ ମିକ୍‌ଦାଦ୍ ବିନ୍ ଓ୍ୱସଦ୍‌ଙ୍କୁ ହସ୍ତାନ୍ତର କରିଥିଲେ । ତାଙ୍କୁ ନିର୍ଦ୍ଦେଶ ଦେଲେ ଯେ ସେ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ କରି ପରାମର୍ଶ କରିବେ ଏବଂ ନିଷ୍ପତି ନେବେ ସ୍ୱୟମ ତରବାରୀ ଧରି ସେ କବାଟ ଆଗରେ ପ୍ରହରା ଦେବେ ଏବଂ କହିଲେ, ଯେଉଁ ବ୍ୟକ୍ତି ସପକ୍ଷରେ ଅଧିକ ମତାମତର ସହମତି ପ୍ରକାଶ ପାଇବ ସମସ୍ତେ ତାଙ୍କୁ ଖଲିଫା ରୂପେ ସ୍ୱୀକାର କରିନେବେ ଏବଂ ତାଙ୍କର ବୟତ କରିବେ । ଯଦି କୌଣସି ବ୍ୟକ୍ତି ସେଥିରେ ଅସମ୍ମତି ଓ ଅସ୍ୱୀକାର ପ୍ରକାଶ କରେ ତେବେ ତାହାକୁ ନୀହତ କରାଇ ଦିଆଯିବ ଅର୍ଥାତ ତାହାକୁ ହତ୍ୟା କରିଦେବ କିନ୍ତୁ ଉକ୍ତ ପକ୍ଷରେ ଯଦି ତିନି ତିନିଜଣ ବ୍ୟକ୍ତି ହୋଇଯିବେ ଉଭୟ ପକ୍ଷରେ ଅର୍ଥାତ ସମସ୍ତଙ୍କୁ ସମ୍ମାନ ଭୋଟ ମିଳେ ତେବେ ତନ୍ମଧ୍ୟରୁ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର ଯାହାଙ୍କୁ ନିର୍ବାଚିତ କରିବେ ସେ ହିଁ ପରବର୍ତ୍ତୀ ଖଲିଫା ହେବ । ଯଦି ସେମାନେ ଉକ୍ତ ନିର୍ଣ୍ଣୟ ଉପରେ ସହମତି ନ ହୁଅନ୍ତି ତେବେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଯେଉଁ ବ୍ୟକ୍ତି ପକ୍ଷରେ ନିଷ୍ପତି ଦେବେ ସେ ହିଁ ଖଲିଫା ହେବେ । ସୁତରାଂ ଶେଷ ପାଂଚଜଣ ସାହାବାମାନେ ପରାମର୍ଶ କଲେ (କାରଣ ତଲ୍‌ହା ର:ଅ ସେତେବେଳେ ମଦିନାରେ ଉପସ୍ଥିତ ନଥିଲେ) ଏହା ସତ୍ୱେ ମଧ୍ୟ ଫଳାଫଳ କିଛି ବାହାରିଲା ନାହିଁ । ଦୀର୍ଘ ସମୟର ର୍ତକ ବିତର୍କ ପରେ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ କହିଲେ କି ଠିକ୍ ଅଛି ଏବେ ଯେଉଁ ବ୍ୟକ୍ତି ନିଜର ନାମ ପ୍ରତ୍ୟାହାର କରିବାକୁ ଚାହୁଁଛନ୍ତି ସେ ତା' ନାମ କହୁ । ଯେତେବେଳେ ସମସ୍ତେ ନୀରବ ରହିଲେ ସେତେବେଳେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ କହିଲେ: ସର୍ବପ୍ରଥମେ ମୁଁ ନିଜର ନାମ ଫେରାଇ ନେଉଛି । ପୁନଶ୍ଚ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ମୁଁ ମଧ୍ୟ ନିଜର ନାମ ଫେରାଇ ନେଉଛି ଅର୍ଥାତ ଉକ୍ତ ସୂଚିରୁ ମୁଁ ନିଜର ନାମକୁ କାଢ଼ି ନେଉଛି । ଏହିପରି ଭାବରେ ଅନ୍ୟ ଦୁଇଜଣ ସାହାବାମାନେ ମଧ୍ୟ ନିଜର ନାମକୁ କାଢ଼ି ନେଇଥିଲେ । ହଜ୍‌ରତ୍ ଅଲୀ ର:ଅ ନୀରବ ରହିଥିଲେ ପରିଶେଷରେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କଠାରୁ ଶପଥ ନେଲେ ଯେ, ନିର୍ଣ୍ଣୟ ନେବାରେ କୌଣସି ରିଓ୍ୱାୟତି ଅବଲମ୍ବନ କରିବେନାହିଁ । ସେ ଶପଥ ନେଲେ ଏବଂ ସମସ୍ତ ଦାୟିତ୍ୱ ତାଙ୍କୁ ହସ୍ତାନ୍ତର କରିଦିଆଯାଇଥିଲା । ଅର୍ଥାତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କୁ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଓଅଫ୍ ତିନି ଦିନ ମଦିନାର ପ୍ରତ୍ୟେକ ଘରକୁ

ବୁଲି ବୁଲି ପୁରୁଷ ଓ ମହିଳାଙ୍କୁ ପଚାରି ବୁଝିଥିଲେ ଯେ ସେମାନେ କେଉଁ ବ୍ୟକ୍ତିଙ୍କ ସପକ୍ଷରେ ଖିଲାଫତ୍‌ର ମତ ସାବ୍ୟସ୍ତ କରୁଛନ୍ତି ଅତଏବ ସେମନେ ଏହା ହିଁ କହିଥିଲେ ଯେ, ହଜ୍‌ରତ୍ ଉସ୍‌ମାନ ର:ଅ ଆମେ ଖଲିଫା ପଦବୀ ପାଇଁ ଉପଯୁକ୍ତ ମଣୁଛୁ ସୁତରାଂ ସେମାନେ ଅର୍ଥାତ ହଜ୍‌ରତ୍ ଅବଦୁର୍ ରହ୍‌ମାନ୍ ଅଓଫ୍, ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସପକ୍ଷରେ ନିଜର ମତ ସାବ୍ୟସ୍ତ କରିଥିଲେ । ଫଳତଃ ସେ ଖଲିଫା ହେଲେ । ***(ଖିଲାଫତେ ରାଶ୍‌ଦାଃ, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୫, ପୃ-୪୮୪-୪୮୫)***

ଅଲାମା ଇବ୍‌ନେ ସାଆଦ୍ ଉଲ୍ଲେଖ କରନ୍ତି ଜୁଲ୍‌ହଜା ମାସ ୨୯ ତାରିଖ ଦିନ ୨୩ ହିଜ୍‌ରୀ ବର୍ଷରେ ସୋମବାର ଦିନ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ବୟତ କରାଯାଇଥିଲା ।

ନଜ୍ଜାଲ୍ ବିନ୍ ସୋବ୍‌ରା ବର୍ଣ୍ଣନା କରନ୍ତି ଯେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ଖଲିଫା ଭାବରେ ନିର୍ବାଚିତ ହେଲେ ସେତେବେଳେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ କହିଲେ, ଆମେ ଅବଶିଷ୍ଟ ରହିଯାଇଥିବା ଲୋକମାନଙ୍କ ମଧ୍ୟରୁ ସର୍ବତୋମ ବ୍ୟକ୍ତିକୁ ନିର୍ବାଚିତ କରୁଛୁ ଏବଂ ଆମେମାନେ ଉକ୍ତ ନିର୍ବାଚନରେ କୌଣସି ଅବହେଳା ପ୍ରଦର୍ଶନ କରିନାହୁଁ

ହଜ୍‌ରତ୍ ଉସ୍‌ମାନ ର:ଅ ଖିଲାଫତ୍ ଆସନରେ ଆସିନ ହେବାପରେ ଯେତେବେଳେ ନିଜର ପ୍ରଥମ ଅଭିଭାଷଣ ଦେଲେ ଏ ସଂକ୍ରାନ୍ତରେ ଏକ ବର୍ଣ୍ଣନା ମଧ୍ୟ ଉଲ୍ଲେଖ ରହିଛି, ଇସ୍‌ମାଇଲ୍ ବିନ୍ ଇବ୍ରାହିମ୍ ବିନ୍ ଇବ୍ରାହିମ୍ ବିନ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅବୁ ରବିୟା ମଖ୍‌ଜୁନ୍ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ବୟତ କରାଗଲା ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ଲୋକମାନଙ୍କ ଗହଣକୁ ଆସିଲେ ଏବଂ ବିରାଜମାନ ହେଲେ ଓ ସେମାନଙ୍କୁ ସମ୍ବୋଧିତ କରି କହିଲେ, ଅର୍ଥାତ ଅଲ୍ଲାଃଙ୍କ ମହିମା ଓ ପ୍ରଶଂସା ଗାନ କରିବା ପରେ କହିଲେ, ହେ ଲୋକମାନେ ! ପ୍ରଥମେ ମୁଁ ଯେଉଁ କାର୍ଯ୍ୟ କରିଥାଏ ତହିଁରେ କେତେକ ବାଧା ଓ ସମସ୍ୟା ମଧ୍ୟ ଉପୁଜିଥାଏ । ଆଜିର ଦିବସ ପରେ ଆଗାମି ଦିନ ମଧ୍ୟ ଆସିବ ମୁଁ ଯଦି ଜୀବିତ ରୂହେ ତେବେ ଇନଶାଅଲ୍ଲାଃ ମୁଁ ତୁମମାନଙ୍କୁ ଉଦ୍‌ବୋଧନ ଏବଂ ସମ୍ବୋଧିତ କରିପାରିବି ଆଜି ତ ମୁଁ ସଂକ୍ଷିପ୍ତ ଉଦ୍‌ବୋଧନ ଦେଉଛି ଆଗାମି ଦିନରେ ମଧ୍ୟ ମୁଁ ଉପଯୁକ୍ତ ଉଦ୍‌ବୋଧନ ଦେବି ପୁନଶ୍ଚ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ମୁଁ କୌଣସି ଖତିବ୍ ନୁହେଁ ଅର୍ଥାତ ଉଦ୍‌ବୋଧନ ବକ୍ତା ନୁହେଁ କିନ୍ତୁ ଅଲ୍ଲାଃ ତାଲା ମତେ ଉଦ୍‌ବୋଧନ ଦେବାର କୌଶଳ ଅବସ୍ୟ ପ୍ରଦାନ କରିବେ ।

***(ତବକାତୁଲ୍ କୁବ୍‌ରା......ଖଣ୍ଡ-୩, ପୃ-୩୫....... ବେରୁତ ୧୯୯୬)***

ବଦର୍ ବିନ୍ ଉସ୍‌ମାନ ନିଜର ଚଚାଙ୍କଠାରୁ ବର୍ଣ୍ଣନା କରନ୍ତି: ଯେତେବେଳେ ସୁରାଃର ସଦସ୍ୟଗଣ ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ବୟତ କରିନେଲେ ସେତେବେଳେ ଆପଣ ର:ଅ ଏପରି ଅବସ୍ଥାରେ ବାହାରକୁ ବାହାରିଲେ ଯେପରି ଆପଣ ସେହି ସମସ୍ତଙ୍କ ତୁଳନାରେ ସର୍ବାଧିକ ଦୁଃଖିତ ଓ ବ୍ୟଥିତ ବ୍ୟକ୍ତ ଥିଲେ । ଏହାପରେ ଆପଣ ରସୁଲେ କରିମ୍ ସ:ଆ:ସଙ୍କ ମେମ୍ବର ଅର୍ଥାତ ମଂଚ ଉପରକୁ ଆସିଲେ ଏବଂ ଲୋକମାନଙ୍କୁ ସମ୍ବୋଧିତ କରି କହିଲେ, ଅର୍ଥାତ ପ୍ରଥମେ ଅଲ୍ଲାଃଙ୍କ ପ୍ରଶଂସା ଓ ମହିମାଗାନ କଲେ ତା'ପରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଉପରେ ଦରୁଦ୍ ପାଠ କଲେ । କହିଲେ, ନିଃସନ୍ଦେହରେ ତୁମେମାନେ ଏଭଳି ଏକ ଗୃହରେ ରହିଛ ଯେଉଁ ଗୃହକୁ ଛାଡ଼ିଯିବାକୁ ପଡ଼ିବ ଅର୍ଥାତ ଏହି ସଂସାରକୁ ପରିତ୍ୟାଗ କରିଯିବ ଏବଂ ତୁମେମାନେ ଜୀବନର ଶେଷ ଭାଗରେ ରହିଛ ଅତଏବ ମୃତ୍ୟୁ ପୂର୍ବରୁ ଯଥା ସମ୍ଭବ ପୂଣ୍ୟ କାର୍ଯ୍ୟ ସମ୍ପାଦନ କର । ନିଃସନ୍ଦେହ ମୃତ୍ୟୁର କୁଣ୍ଡଳୀରେ ତୁମେମାନେ ରହିଛ ଏବଂ ଏହି ଶତୃ ସକାଳ ସଂନ୍ଧ୍ୟାରେ ତୁମ ଉପରେ ଆକ୍ରମଣ କରିବାକୁ ଓର ଉଣ୍ଡି ରହିଛନ୍ତି । ସାବଧାନ ନିଃସନ୍ଦେହ ଏହି ସଂସାର ଛଳନା ପୂର୍ଣ୍ଣ ଧୂର୍ତ୍ତତା ଓ ଚପଳତାରେ ପରିପୂର୍ଣ୍ଣ ଅଟେ । ଅତଏବ ତୁମକୁ ଏହି ସାଂସାରିକ ସୁଖ ସ୍ୱଚ୍ଛନ୍ଦ ତଥା ମୋହମାୟା ପ୍ରତାରିତ କରିନଦେଉ । ଅଲ୍ଲାଃ ତାଲାଙ୍କ ସମ୍ପର୍କରେ ପ୍ରତାରକ ସଇତାନ ତୁମମାନଙ୍କୁ କଦାପି ପ୍ରତାଡ଼ିତ ନ କରୁ । ପୁର୍ବଜମାନଙ୍କଠାରୁ ଶିକ୍ଷା ପ୍ରାପ୍ତ କର ଏବଂ ପୁନଶ୍ଚ ଆପ୍ରାଣ ଉଦ୍ୟମ କର, ଅବହେଳା କରି ବସିପଡ଼ନାହିଁ କାରଣ ଅଲ୍ଲାଃ ତାଲା ତମୁମାନଙ୍କଠାରୁ ଅବଚେତନ ନାହାନ୍ତି । ସେହି ସମସ୍ତ ସାଂସାରିକ ବ୍ୟକ୍ତିମାନେ ଏବଂ ସେମାନଙ୍କର ଭାଇମାନେ କେଉଁଠି ଅଛନ୍ତି ଯେଉଁମାନେ ଭୂମିକୁ ଫାଡ଼ିଲେ ଏବଂ ଏହାକୁ ବସତି ଯୋଗ୍ୟ କଲେ ଏବଂ ଦୀର୍ଘ ସମୟ ଧରି ତହିଁରୁ ଉପକୃତ ହେଲେ ? କଣ ସେ ସେମାନଙ୍କୁ ବାହାରକୁ ବାହାର କରି ଫିଙ୍ଗି ଦେଇନାହିଁ ? ଅତଏବ ତୁମେମଧ୍ୟ ସଂସାରକୁ ସେଠାରେ ଫିଙ୍ଗିଦିଅ ଯେଉଁଠି ଅଲ୍ଲାଃ ତାଲା ସେମାନଙ୍କୁ ଫିଙ୍ଗି ଦେଇଛନ୍ତି ଏବଂ ପରିଣାମର ଅଭିଳାଷ କର କାରଣ ଅଲ୍ଲାଃ ତାଲା ପ୍ରଳୟ ଦିବସର ଉଦାହରଣ ଏବଂ ସେହି ବସ୍ତୁର, ଯାହାକି ଉତ୍କୃଷ୍ଟ ସର୍ବୋତ୍କୃଷ୍ଟ ଅଟେ ତାହାର ଉଦାହରଣ ଦେଇ କହିଛନ୍ତି: **ୱଜ୍‌ରିବ୍ ଲହୁମ୍ ମସଲଲ୍ ହୟାତିଦ୍ ଦୁନ୍‌ୟା କମାଇନ୍ ଅନ୍‌ଜଲ୍‌ନାହୁ ମିନସ୍ ସମାଏ ଫଖ୍‌ତଲତା ବିହି.......... ୱଲ୍ ବାକିୟାତୁସ୍ ସ୍ୱାଲିହାତୁ ଖୈରୁନ୍ ଇନ୍‌ଦା ରବ୍‌ବିକା ସୱାବଉଁ ୱ ଖୈରୁନ୍ ଅମଲା (ଅଲ୍‌କହଫ୍:୪୬-୪୭)** ଅର୍ଥାତ ତୁମ୍ଭେ ସେମାନଙ୍କ ନିକଟରେ ଏହି ପାର୍ଥିବ ଜୀବନର ଦୃଷ୍ଟାନ୍ତ ସ୍ୱଷ୍ଟ ଭାବରେ ବର୍ଣ୍ଣନା କର ସେପରି ଜଳ ସଦୃଶ ଯାହା ଆମ୍ଭେ ଆକାଶରୁ ବର୍ଷଣ କରାଉ ଏବଂ ତା'ପରେ ତହିଁରେ ଭୂମିଜ ଉଭିଦ ମିଶିଯାଏ ଏବଂ ପରିଶେଷରେ ତାହା ଶୁଖିଲା କୁଟାପରି ହୋଇ ଚୂନା ହୋଇଯାଏ ଯାହାକୁ ବାୟୁ ଉଡ଼ାଇ ନିଏ ଏବଂ ପ୍ରତ୍ୟେକ ବିଷୟରେ ଅଲ୍ଲାଃ ସର୍ବଶକ୍ତିମାନ ଅଟନ୍ତି । ଧନସମ୍ପତି ଓ ସନ୍ତାନସନ୍ତତି ଏହି ପାର୍ଥିବ ଜୀବନର ସୌନ୍ଦର୍ଯ୍ୟ ଓ ତିଷ୍ଠି ରହୁଥିବା ସତ୍‌କାର୍ଯ୍ୟଗୁଡ଼ିକ ଯାହା ଉପରୋକ୍ତ ଧନସମ୍ପତି ଓ ସନ୍ତାନସନ୍ତତିଙ୍କ ମାଧ୍ୟମରେ ହାସଲ କରାଯାଏ ତାହା ତୁମ ପାଳନକର୍ତାଙ୍କ ନିକଟରେ ପୁରସ୍କାର ଦୃଷ୍ଟିରୁ ଉତ୍କୃଷ୍ଟତର ତଥା ଭବିଷ୍ୟତ ଆଶା ଦୃଷ୍ଟିରୁ ମଧ୍ୟ ଉତ୍କୃଷ୍ଟତର । ତା'ପରେ ଲୋକମାନେ ଆପଣ ର:ଅଙ୍କ ବୟତ କରିବା ପାଇଁ ଆଗକୁ ବଢ଼ିଲେ ।

***(ତାରିଖେ ତିବ୍‌ରି, ଖଣ୍ଡ-୫, ପୃ-୮୭..... ବେରୁତ ୨୦୦୨)***

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଖିଲାଫତ ଶାସନକାଳରେ ଯେଉଁ ବିଜୟଗୁଡ଼ିକ ହୋଇଥିଲା ତାହାର ଚର୍ଚ୍ଚା କରିଦେଉଛି, ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଖିଲାଫତ୍ କାଳରେ ନିମ୍ନଲିଖିତ ସ୍ଥାନରେ ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ବିଜୟ ମଣ୍ଡିତ କରିଥିଲେ । ଯଥା ଆଫ୍ରିକା ବିଜୟ, ଉପଦ୍ୱୀପ ଓ ମରକ୍କୋ ଆଦି ଅଂଚଳ ସେଥିରେ ଅର୍ନ୍ତଭୁକ୍ତ । ଉନ୍ଦୁଲୁସ୍, ସ୍ପେନ ବିଜୟ ୨୭ ହିଜ୍‌ରୀରେ କିବ୍‌ରିସ୍ ବିଜୟ, ସାଇପ୍ରସ ବିଜୟ ୨୮ ହିଜ୍‌ରୀରେ । ତିବ୍ରିସ୍ତାନ ବିଜୟ ୩୦ ହିଜ୍‌ରୀରେ, ସୱାରି ବିଜୟ ଅର୍ମାନିୟା ଖରାସାନ୍ ବିଜୟ ୩୧ ହିଜ୍‌ରୀରେ, ରୋମ୍ ଅଭିମୁଖେ ଯାତ୍ରା, ମରୁରୁଜ୍, ତାଲିକାନ, ଫାରିୟାବ୍, ଜୁଯଜାନ୍ ଏବଂ ତଖାରିସ୍ତାନ ଆଦି ବିଜୟ ଅନ୍ତର୍ଭୁକ୍ତ ଅଟେ । ବଲଖ୍ ହରାତ୍ ଅଭିଯାନ ୩୨ ହିଜ୍‌ରୀରେ ହୋଇଥିଲା । ଏହା ବ୍ୟତିତ ଏହି କଥାର ଚର୍ଚ୍ଚା ମଧ୍ୟ ମିଳୁଛି ଯେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଶାସନକାଳରେ ଭାରତ ବର୍ଷରେ ମଧ୍ୟ ଇସ୍‌ଲାମ୍‌ର ଆଗମନ ହୋଇଯାଇଥିଲା ।

ଉକ୍ତ ଅଭିଯାନର ସଂକ୍ଷିପ୍ତ ବିବରଣୀ ଏହିପରି ଅଟେ । ***(ସିରସ୍ ସାହାବା...... ଖଣ୍ଡ-୧, ପୃ-୧୬୫-୧୬୮...... କରାଚି ୨୦୦୪) (ଅଲ୍‌ବିଦାୟତୁନ୍ ନହାୟା....... ଖଣ୍ଡ-୧୦, ପୃ-୨୭୩......୧୯୯୮) (ତାରିଖେ ତିବ୍‌ରି, ଖଣ୍ଡ-୨, ପୃ-୬୨୫.......... ବେରୁତ ୧୯୮୭) (ବର୍‌ରେ ସଗୀର୍ ମେଁ ଇସ୍‌ଲାମ୍ କେ ଅୱ୍ୱଲିନ୍ ନକୁଶ୍...... ପୃ-୬୩,୬୫)***

ହଜ୍‌ରତ୍ ଉସ୍‌ମାନ ର:ଅ ୨୭ ହିଜ୍‌ରୀରେ ହଜ୍‌ରତ୍ ସାଆଦ୍ ବିନ୍ ଅବି ସର୍‌ହ୍‌ଙ୍କୁ ଦଶ ହଜାର ସୈନ୍ୟ ସାମନ୍ତ ଦେଇ ଆଫ୍ରିକା ପ୍ରେରଣ କରିଥିଲେ । ଆଫ୍ରିକା ମହାଦେଶରୁ ଯଥାର୍ଥ ମରକୋ ଓ ସେଠାରେ ଥିବା ଉପଦ୍ୱୀପର ଅଂଚଳ ଅତଏବ ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ସେଠାରେ ଜୟଯୁକ୍ତ କରିଥିଲେ ।

ଉନ୍‌ବୁଲୁସ୍ ୨୭ ହିଜ୍‌ରୀରେ ସ୍ପେନ୍ ବିଜୟ ହୋଇଥିଲା । ହଜ୍‌ରତ୍ ଉସ୍‌ମାନ ର:ଅ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ନାଫେ ବିନ୍ ହୁସୈନ୍ ଫେହେରି ଓ ଅବ୍‌ଦୁଲ୍ଲାଃ ବିନ୍ ନାଫେ ବିନ୍ ଅବ୍‌ଦେ କୈସ୍ ଫେହେରିଙ୍କୁ ଆଫ୍ରିକାରୁ ଉନ୍‌ଦୁଲୁସ୍ ଅଭିମୁଖେ ପ୍ରେରଣ କରିଥିଲେ । ଅତଏବ ମୁସଲମାନ ସୈନ୍ୟଦଳ ଉନ୍‌ଦୁଲୁସ୍ ଅଭିମୁଖେ ଚାଲିଯାଇଥିଲେ ଏବଂ ମୁସଲମାନମାନଙ୍କୁ ଅଲ୍ଲାଃ ତାଲା ବିଜୟ ମଣ୍ଡିତ କରିଥିଲେ । ***(ଅଲ୍‌ବିଦାୟତୁନ୍ ନହାୟା ଲେ ଇବ୍‌ନେ କସିର୍, ଖଣ୍ଡ-୭, ପୃ-୧୪୭-୧୪୮, ୨୬, ୨୭ ହିଜ୍‌ରୀ......ବେରୁତ ୨୦୦୧)***

୨୮ ହିଜ୍‌ରୀରେ କିବ୍‌ରିସ୍ ବିଜୟ ହୋଇଥିଲା ଅବୁ ମାଆଶର୍‌ଙ୍କ କଥନ ଅନୁଯାୟୀ ୩୩ ହିଜ୍‌ରୀରେ କିବ୍‌ରିସ୍ ଜୟଯୁକ୍ତ ହୋଇଥିଲା । ଅନ୍ୟ କେତେକ ଲୋକଙ୍କ ଅନୁଯାୟୀ ୨୭ ହିଜ୍‌ରୀ କିବ୍‌ରିସ୍ ଜୟଯୁକ୍ତ ହୋଇଥିଲା । ମୁସଲମାନମାନଙ୍କ ହାତରେ । ତିବ୍‌ରୀର ଇତିହାସ ଏବଂ ବିଦାୟତୁ ୱ ନହାୟା ଦୁହେଁ ତାହାଙ୍କୁ ୨୮ ହିଜ୍‌ରୀରେ ହୋଇଥିଲା ବୋଲି ବର୍ଣ୍ଣନା କରିଛନ୍ତି । ଉକ୍ତ ଯୁଦ୍ଧରେ ସାହାବାଙ୍କ ମଧ୍ୟରୁ ହଜ୍‌ରତ୍ ଅବୁ ଜର୍ ଗଫାରି, ହଜ୍‌ରତ୍ ଉବାଦାଃ ବିନ୍ ସାମିତ ଓ ଆପଣଙ୍କ ପତ୍ନୀ ଉମ୍ମେ ହାରାମ୍ ବିନ୍‌ତେ ମିଲାହାନ୍, ହଜ୍‌ରତ୍ ମିକ୍‌ଦାଦ୍, ହଜ୍‌ରତ୍ ଅବୁ ଦର୍‌ଦା, ହଜ୍‌ରତ୍ ସଦାଦ୍ ବିନ୍ ଅଓସ୍ ଆଦି ସାହାବାମାନେ ସେଥିରେ ସାମିଲ ଥିଲେ ।

କିବ୍‌ରିସ୍ ସିରିୟା ଦେଶର ପଶ୍ଚିମ ଦିଗର ଏକମାତ୍ର ଦ୍ୱିପ ଥିଲା ସେହି ଦ୍ୱିପରେ ଉଦ୍ୟାନ ଓ ଖଣିଜ ପଦାର୍ଥ ଭରପୂର ରହିଥିଲା । ଉସ୍‌ମାନ ର:ଅଙ୍କ ଆଦେଶ ଅନୁଯାୟୀ ହଜ୍‌ରତ୍ ଅମୀର ମାଅୱିୟାଙ୍କ ହସ୍ତରେ କିବ୍‌ରିସ୍ ବିଜୟ ହୋଇଥିଲା । ଉକ୍ତ ଯୁଦ୍ଧରେ ହଜ୍‌ରତ୍ ଉମ୍ମେ ହରାମ୍ ବିନ୍‌ତେ ମିଲ୍‌ହାନ୍ ମଧ୍ୟ ସାମିଲ ଥିଲେ ତାଙ୍କ ସାହାଦତ୍‌ର ସୁଚନା ହଜୁର ସ:ଆ:ସ ବହୁ ପୂର୍ବରୁ ପ୍ରଦାନ କରିଦେଇଥିଲେ । ଉକ୍ତ ଯୁଦ୍ଧରୁ ପ୍ରତ୍ୟାବର୍ତନ କରିବା ପରେ ତାଙ୍କ ପାଇଁ ଏକ ବାହନ ଅଣାଗଲା ଏହି ବାହନରେ ସେ ଆରୋହଣ କଲେ କିନ୍ତୁ ତହିଁରୁ ସେ ଖସି ପଡ଼ିଲେ ଏବଂ ଦୁର୍ଭାଗ୍ୟ ବଶତଃ ତାଙ୍କ ବେକର ହାଡ଼ ଭାଙ୍ଗି ଯାଇଥିଲା ଯଦ୍ୱାରା ସେ ଶହୀଦ ହୋଇଯାଇଥିଲେ । ***(ତାରିଖେ ତିବ୍‌ରୀ, ଖଣ୍ଡ-୫, ପୃ-୯୬.......ଦାରେ ଫିକ୍‌ର୍ ୨୦୦୨) (ଅଲ୍‌ବିଦାୟତୁନ୍ ନହାୟା....... ଖଣ୍ଡ-୭, ପୃ-୧୪୮-୧୪୯......ବେରୁତ ୨୦୦୧)***

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଏହି ଚର୍ଚ୍ଚାଟି ବର୍ତମାନ ଅଭ୍ୟାହତ ରହିଛି । ଇନ୍‌ଶଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ମଧ୍ୟ ତାହାଙ୍କ ଚର୍ଚ୍ଚା ଜାରି ରହିବ । ଆଜି ମୁଁ ଦୁଆ ପାଇଁ ମଧ୍ୟ ପୂର୍ବପରି ଘୋଷଣା କରୁଛି ଆପଣମାନେ ପାକିସ୍ତାନରେ ବସବାସ କରୁଥିବା ଅହେମଦୀମାନଙ୍କ ପାଇଁ ବିଶେଷ ଭାବରେ ଦୁଆ କରନ୍ତୁ । ଅଲ୍ଲାଃ ତାଲା ପାକିସ୍ତାନର ପରିସ୍ଥିତିରେ ସୁଧାର ଆଣନ୍ତୁ ପାକିସ୍ତାନରେ ବସବାସ କରୁଥିବା ଅହେମଦୀମାନଙ୍କୁ ମଧ୍ୟ ଦୁଆ କରିବାକୁ ଅଲ୍ଲାଃ ତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃ ତାଲା ସେମାନଙ୍କୁ ନିଜର ସଂସ୍କାର କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେମାନେ ଅଲ୍ଲାଃ ତାଲାଙ୍କ ସହିତ ନିଜର ସମ୍ପର୍କକୁ ସୁଦୃଢ଼ କରନ୍ତୁ । ଅଲ୍ଲାଃ ତାଲା ଯଥାଶିଘ୍ର ଏହି ଅନ୍ଧକାରମୟ ଦିନକୁ ଦୁରିଭୁତ କରି ଆଲୋକମୟ ଦିନ ଘେନି ଆଣନ୍ତୁ ଏବଂ ସେଠାକାର ଅହେମଦୀଙ୍କୁ ସ୍ୱାଧିନତାର ସହିତ ନିଜର କର୍ତବ୍ୟ ସମ୍ପାଦନ କରୁଥିବାର ଦିନ ଆମକୁ ଦେଖାନ୍ତୁ ବା ଆମକୁ ଦେଖିବାକୁ ସୌଭାଗ୍ୟ ପ୍ରଦାନ କରନ୍ତୁ । ଆମିନ୍

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

**ସେ ଅତ୍ୟନ୍ତ ନିଷ୍ଠାର ରସହିତ ସମସ୍ତ କର୍ତବ୍ୟ ନିର୍ବାହ କରିଛନ୍ତି । ଅଲ୍ଲାଃ ତାଲା ତାଙ୍କ ସ୍ତରକୁ ଉନ୍ନତି କରନ୍ତୁ ଏବଂ ଖିଲାଫତ୍‌କୁ ତାଙ୍କ ପରି ସୁଲ୍‌ତାନେ ନସିର ଅର୍ଥାତ ପୂର୍ଣ୍ଣ ସହଯୋଗକାରୀ ମିଳୁଥାଉ ।**

**ଅଫିସର୍ ଜଲ୍‌ସା ସାଲାନା ପାକିସ୍ତାନ ଭାବରେ ବହୁତ ଦିନରୁ ଚାଲିଆସୁଥିବା ବ୍ୟକ୍ତି ବିଶେଷ, ଅସାଧାରଣ ଯୋଗ୍ୟତା ଓ କ୍ଷମତାର ଅଧିକାରୀ, ପୂଣ୍ୟବନ୍ତ ସାଧୁ ଚରିତ୍ରଧାରୀ, ବହୁତ ପରିଶ୍ରମି ଏବଂ ପୁରାତନ ସିଲ୍‌ସିଲାର ସେବକ ଶ୍ରୀମାନ ଚୌଧୁରୀ ହମିଦୁଲ୍ଲାଃ ସାହେବ୍ ୱକିଲେ ଆଲା ଏବଂ ସଦର୍ ମଜ୍‌ଲିସ୍ ତହ୍‌ରିକ୍-ଏ-ଜଦିଦ୍ ଅଞ୍ଜୁମନ୍ ଅହେମଦୀୟାଙ୍କ ସୁଗୁଣାବଳୀର ଚର୍ଚ୍ଚା ।**

**ମୁଁ ଜଣେ ନିଷ୍ଠାବାନ ଯୁବକଙ୍କୁ ଖୁଦାମୁଲ୍ ଅହେମଦୀୟାର ସଭାପତିର ଦାୟିତ୍ୱ ପ୍ରଦାନ କରିଛି । ଯାହାଙ୍କର ଶାରିରୀକ ସମ୍ପର୍କ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ତ ନଥିଲା କିନ୍ତୁ ଆଧାତ୍ମିକ ସମ୍ପର୍କ ବହୁତ ସୁଦୃଢ଼ ଥିଲା । ଅଲ୍ଲାଃ ତାଲା ତାଙ୍କୁ କାମ କରିବାପାଇଁ ସାମର୍ଥ୍ୟ ପ୍ରଦାନ କରିଛନ୍ତି ଓ ତାଙ୍କ ଚେଷ୍ଟାରେ ବର୍‌କତ୍ ପ୍ରଦାନ କରିଛନ୍ତି ଓ ଆମ ପ୍ରାର୍ଥନାକୁ ଅଲ୍ଲାଃ ଗ୍ରହଣ କରିଛନ୍ତି । (ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ)**

**ମୁଁ ମଧ୍ୟ କେତେକ ୱାକିଫିନ୍ (ଅର୍ଥାତ ଉତ୍ସର୍ଗ କରିଥିବା ପିଲା)ମାନଙ୍କୁ ତାଙ୍କ ଅଧିନରେ ଦେଇଛି ଯେ ସେ ସେମାନଙ୍କର ତର୍‌ବିୟତ୍ କରନ୍ତୁ । ସେ ବହୁତ ସୁନ୍ଦର ଭାବରେ ସେମାନଙ୍କର ତର୍‌ବିୟତ୍ କରିଛନ୍ତି ।**

**ଏପ୍ରିଲ୍ ୨୦୦୩ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃଙ୍କ ଦେହାନ୍ତ ଅବସରରେ ଖିଲାଫତ୍ ଚୟନ ସଭାର ସଭାପତିତ୍ୱ କରିବାର ସୌଭାଗ୍ୟ ମଧ୍ୟ ତାଙ୍କୁ ମିଳିଛି ।**

**ସେ ସର୍ବଦା ଦୁଇଟି କଥା ଉପରେ ଜୋର୍ ଦେଉଥିଲେ ଯେ ନମାଜ ଏବଂ ଖଲିଫାଙ୍କ ଖୁତ୍‌ବା କୌଣସି ମତେ ମିସ୍ କରିବା ଠିକ୍ ନୁହେଁ ଏବଂ ଖଲିଫା ଯେଉଁ କଥା ମଧ୍ୟ ଉପଦେଶ ଦେଉଛନ୍ତି, ସେ ସବୁ ଉପରେ ପରିଚାଳିତ ହେବା ଉଚିତ ।**

**ତାଙ୍କର ବସିବା, ଉଠିବା, ଛିଡ଼ାହେବା, ଚାଲିବା, କହିବା ଏବଂ ନୀରବ ରହିବା ଖଲିଫାଙ୍କ ନିର୍ଦ୍ଦେଶ ଅନ୍ତର୍ଗତ ଥିଲ ।**

**ଖଲିଫାଙ୍କ ପ୍ରତ୍ୟେକ କଥାକୁ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି । କେବେ ତାହାର ଅର୍ଥ ବାହାର କରିନାହାନ୍ତି ଯେ ଏହାର ଅର୍ଥ ଏମିତି ହେବା ଉଚିତ ବା ସେମିତି ହେବା ଉଚିତ ।**

**ପାକିସ୍ତାନରେ ଅହେମଦୀମାନଙ୍କର ଭିଷଣ ବିରୋଧ ହେଉଥିବା ଯୋଗୁଁ ବିଶେଷ ଭାବରେ ଦୁଆ (ପ୍ରାର୍ଥନା) କରିବାପାଇଁ ହଜୁରଙ୍କର ଉପଦେଶ । ସମଗ୍ର ବିଶ୍ୱରେ ବ୍ୟାପିଥିବା କରୋନା ମହାମାରୀ ଭୁତାଣୁରୁ ବଂଚିବା ପାଇଁ ସମ୍ପୂର୍ଣ୍ଣ ସାବଧାନତା ଅବଲମ୍ବନ କରିବାପାଇଁ ଉପଦେଶ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୧୨ ଫେବୃୟାରୀ ୨୦୨୧ ଅନୁଯାୟୀ ୧୨ ତବ୍‌ଲିଗ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّالِّيْنَ -

ଆଜି ମୁଁ ଯମାତ୍‌ର ଜଣେ ପୁରାତନ ତଥା ଅନୁଭବୀ ଓ ନିଷ୍ଠାପର ସେବକ ସମ୍ମାନନୀୟ ଚୌଧୁରୀ ହମିଦୁଲ୍ଲାଃ ସାହେବଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି ଯାହାଙ୍କର ବିଗତ ଦିନ ଦେହାନ୍ତ ହୋଇଯାଇଛି । ସେ ପାକିସ୍ତାନରେ ତେହ୍‌ରିକେ ଜଦିଦ୍‌ର ୱକିଲେ ଆଲା ପଦବୀରେ ଅଧିଷ୍ଠିତ ଥିଲେ । ସେ ମଜ୍‌ଲିସ୍ ତହ୍‌ରିକ୍-ଏ-ଜଦିଦ୍ ଅଞ୍ଜୁମନ୍ ଅହେମଦୀୟାର ସଭାପତି ଥିଲେ । ଏବଂ ଜଲ୍‌ସା ସାଲାନାର ଅଫିସର ଭାବରେ ମଧ୍ୟ ସେ ଦୀର୍ଘ ଦିନ ପର୍ଯ୍ୟନ୍ତ କାର୍ଯ୍ୟ କରି ଆସୁଥିଲେ । ଚଳିତ ଫେବୃୟାରୀ ମାସ ୭ ତାରିଖ ଦିନ ସେ ତାହେର୍ ହାର୍ଟ ଇନଷ୍ଟିଚ୍ୟୁଟ୍‌ରେ ୮୭ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ ।*

ସମ୍ମାନନୀୟ ସ୍ୱର୍ଗତ ଚୌଧୁରୀ ସାହେବଙ୍କ ପିତାଙ୍କ ନାମ ବାବୁ ମୁହମ୍ମଦ୍ ବଖ୍‌ଶ୍ ସାହେବ ଥିଲା ଏବଂ ମାତାଙ୍କ ନାମ ଆଏଶା ବିବି ସାହେବା ଥିଲା । ସେ ଭୈରାର ସୀମାବର୍ତୀ ଅଂଚଳର ନିବାସୀ ଥିଲେ । ସ୍ୱର୍ଗତ ଚୌଧୁରୀ ସାହେବ ୧୯୩୪ ମସିହାରେ କାଦିୟାନ୍‌ରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା ତାଙ୍କ ଜନ୍ମର ଠିକ୍ ୫ ବର୍ଷ ପୂର୍ବେ ଅହେମଦୀୟତ୍ ଗ୍ରହଣ କରିଥିଲେ । ଅହେମଦୀୟତ୍ ସମ୍ପ୍ରଦାୟରେ ଅର୍ନ୍ତଭୁକ୍ତ ହେବା ଘଟଣା ସମ୍ବନ୍ଧରେ ବର୍ଣ୍ଣନା କରି କୁହନ୍ତି: ମୁଁ ପ୍ରଭୁଙ୍କ ରାଣ ଖାଇ ଏକ ସ୍ୱପ୍ନ ବିଷୟରେ ଲେଖୁଅଛି ଯେ ଏକଦା ମୁଁ ସ୍ୱପ୍ନରେ ଦେଖିଲି ଯେତେବେଳେ କି ମୁଁ ବଖୁୱାଲା ସର୍ଗୋଦାର ନଦୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲି ଓ ବଙ୍ଗଳାରେ ରହୁଥିଲି । ଅକ୍ଟୋବର ମାସ ୧୯୨୯ ମସିହା ମଧ୍ୟରାତ୍ର ପ୍ରାୟ ୨ ଘଂଟିକା ସମୟରେ ଦେଖିଲି ଯେ ହଜୁର ସ:ଆ:ସଙ୍କର ଆଗମନ ହୋଇଛି । ପୁଣି ସେ କହୁଛନ୍ତି ଯେ ମୁଁ ସ୍ୱପ୍ନରେ ଏହା ଦେଖିଲି ଯେ ରସୁଲେ୍ କରିମ୍ ସ:ଆ:ସ ଏକ ମୁସଲା (ନମାଜ ପାଠ କରିବାର ସ୍ଥାନ) ଉପରେ ବସିଛନ୍ତି ଏବଂ ନିଜ ଜଙ୍ଘରେ ନିଜ ଦୁଇ ହସ୍ତ ରଖି ବସିଛନ୍ତି । ଯେପରି ଆଙ୍ଗୁଳିରେ ପରମେଶ୍ୱରଙ୍କର ନାମ ଜପ କରୁଛନ୍ତି ତଥା ଆପଣଙ୍କ ପବିତ୍ର ମୁଖ ପୂର୍ବ ଦିଗ ଆଡ଼କୁ ରହିଛି ଆପଣ ସ:ଆ:ସ ମତେ କହିଲେ, ତୁମେ ଯେଉଁ ଚେୟାର୍‌ରେ ଅର୍ଥାତ ଚୌକିରେ ବସିଛ ତାହାର ପେଚଗୁଡ଼ିକ ଢ଼ିଲା ପଡ଼ିଯାଇଛି ମୁଁ ସଙ୍ଗେ ସଙ୍ଗେ ଉଠି ଛିଡ଼ା ହୋଇ ଦେଖିଲି ଯେ ବାସ୍ତବରେ ତାହାର ଗୋଟିଏ ପେଚ ଢ଼ିଲା ପଡ଼ିଯାଇଛି । ମୁଁ ତାଙ୍କର କୃତଜ୍ଞତା ଜ୍ଞାପନ କଲି ଯେ, ହଜୁର ଏ ସେବକର ଜୀବନର ରକ୍ଷା କରିଦେଇଛନ୍ତି । ଯଦି ମୁଁ ଆଗକୁ ବା ପଛକୁ ପଡ଼ିଯାଇଥାନ୍ତି ତେବେ ମୋର ମୁଣ୍ଡ ଫାଟି ଯାଇଥାନ୍ତା । କିଛି କ୍ଷଣ ପରେ ଦେଖିଲି ଯେ ହଜୁର ସ:ଆ:ସଙ୍କ ପବିତ୍ର ହସ୍ତରେ ଗୋଟିଏ ନୂତନ ଚୌକି ରହିଛି ଯାହାର ଆର୍ମସ ଆଗକୁ ଲମ୍ବି ରହିଛି ଏବଂ ହଜୁର ମତେ କହିଲେ, ଏହି ଚେୟାରରେ ବସିପଡ଼ ଏହା ହେଉଛି ଅହେମଦୀୟତର ଚୌକି ଅର୍ଥାତ ଯୁକ୍ତିଯୁକ୍ତ ବାସ୍ତବିକ ଇସ୍‌ଲାମ୍ । ଏଥିଅନ୍ତେ ମୋର ନିଦ ଭାଙ୍ଗିଗଲା ଏହା ତାଙ୍କ ପିତା ଅର୍ଥାତ ହମିଦୁଲ୍ଲାଃ ସାହେବଙ୍କ ପିତାଙ୍କର ଅହେମଦୀୟତ୍‌ରେ ସାମିଲ ହେବାର ଘଟଣା । ***(ବିଶାରତ୍ ରହ୍‌ମାନିୟା, ପୃ-୧୫୭)*** ।

ସ୍ୱର୍ଗତ ଚୌଧୁରୀ ସାହେବ ପ୍ରାରମ୍ଭିକ ଶିକ୍ଷା କାଦିୟାନ୍‌ରେ ହିଁ ପ୍ରାପ୍ତ କରିଥିଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ଆହ୍ୱାନ କ୍ରମେ ତାଙ୍କ ମାତା ତାଙ୍କୁ ଧରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ନିକଟକୁ ନେଇ ଆସିଲେ ଏବଂ ହଜୁରଙ୍କୁ କହିଲେ ଏ ହେଉଛି ମୋର ସନ୍ତାନ ଏବଂ ମୁଁ ଏହାକୁ ଧର୍ମ ସେବା ପାଇଁ ଉତ୍ସର୍ଗ କରୁଅଛି । ତା'ପରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କିଛି ହିଦାୟତ୍ ପ୍ରଦାନ କଲେ ଯେ ତାଙ୍କୁ ସ୍କୁଲ୍‌ରେ ପାଠ ପଢ଼ାଇଚାଲ । ସ୍ୱର୍ଗତ ଚୌଧୁରୀ ସାହେବ ୧୯୪୯ ମସିହାରେ ମାଟ୍ରିକ୍ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ ଏହାପରେ ସେ ରବ୍‌ୱାର ୱକାଲତେ ଦିୱାନ୍‌ର ଆଦେଶ କ୍ରମେ ଇଂଟରଭ୍ୟୁ ପାଇଁ ରବ୍‌ୱା ଚାଲି ଆସିଥିଲେ । ଲିଖିତ ପ୍ରବେଶିକା ପରୀକ୍ଷା ପରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅସ୍ୱୟମ ତାଙ୍କର ମୌଖିକ ପରୀକ୍ଷା ନେଇଥିଲେ ସେ ସମୟରେ ଅଞ୍ଜୁମନ୍ ଅହେମଦୀୟାର ନାଜିର୍ ମାନଙ୍କର ମିଟିଂ ଚାଲିଥିଲା । ହଜୁର ର:ଅ ମିଟିଙ୍ଗରେ ବସିଥିଲେ । ଯେଉଁ ତିନି ଚାରିଜଣ ପିଲାଥିଲେ । ହଜୁର ର:ଅ ସେମାନଙ୍କୁ ସେଠାକୁ

ଡ଼କାଇଲେ । ଚୌଧୁରୀ ହିମଦୁଲ୍ଲାଃ ସାହେବ, ମୁସ୍‌ଲେହ ଉଦ୍ଦିନ୍ ସାହେବ, ସମିଉଲ୍ଲାହ୍ ସାହେବ ଇତ୍ୟାଦି ଥିଲେ । ସେ ଯାହା ହେଉ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ନିର୍ଦ୍ଦେଶକ୍ରମେ ତାଙ୍କର ଶିକ୍ଷା ଅଭ୍ୟାହତ ରହିଥିଲା ଏବଂ ସେ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଶିକ୍ଷା ମଧ୍ୟ ପ୍ରାପ୍ତ କରିଥିଲେ । ୧୯୫୫ ମସିହାରେ ତାଲିମୁଲ୍ ଇସ୍‌ଲାମ୍ କଲେଜରେ ସେ ଶିକ୍ଷକ ରୂପେ ନିଯୁକ୍ତ ହୋଇଥିଲେ ଏବଂ ପୁନଶ୍ଚ ସେ ରିୟାଜି (ଗଣିତ) ବିଭାଗରେ ସଭାପତି ଭାବରେ ମଧ୍ୟ ନିଯୁକ୍ତ ହୋଇଥିଲେ ।

***(ତାରିଖେ ଅମେହଦୀୟତ୍ ଖଣ୍ଡ-୧୦, ପୃ-୧୦୪,୧୧୦)***

ତାଙ୍କର ବିବାହ ୧୯୬୦ ମସିହାରେ ରଜିୟା ଖାନମ୍‌ଙ୍କ ସିହତ ହୋଇଥିଲା । ଯିଏ ସର୍‌ଗୋଦାର ଅବ୍‌ଦୁଲ୍ ଜବ୍‌ବାର୍ ଖାନ୍ ସାହେବଙ୍କର ସୁପୁତ୍ରୀ ଥିଲେ । ୧୯୭୪ ମସିହା ପର୍ଯ୍ୟନ୍ତ ତାଙ୍କୁ ଟି.ଆଇ କଲେଜ୍ ରବ୍‌ୱାରେ ସେବା କରିବାର ସୌଭାଗ୍ୟ ଲାଭ ହୋଇଥିଲା । କଲେଜଟି ଯେତେବେଳେ ଜାତୀୟକରଣ ହୋଇଗଲା, ସେତେବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ତୃତୀୟଙ୍କ ନିର୍ଦ୍ଦେଶାନୁସାରେ ସେ କଲେଜ୍‌ରୁ ଇସ୍ତଫା ଦେଇଦେଲେ । କାରଣ ସେ ୱ୍କଫେ ଜିନ୍ଦେଗୀ ଥିଲେ । କଲେଜଗୁଡ଼ିକ ଏବେ Nationalized ହୋଇଯାଇଥିଲା ତେଣୁ ସରକାରୀ ଦପ୍ତରରେ କାମ କରିବାର କିଛି ଆବଶ୍ୟକ ନଥିଲା । ସେମାନଙ୍କ ମଧ୍ୟରୁ କିଛି ୱାକିଫେ ଜିନ୍ଦେଗୀଙ୍କୁ ହଜୁର ନିର୍ଦ୍ଦେଶ ଦେଲେ ଯେ ସେମାନେ ସେଠାରେ ପଢ଼ାନ୍ତୁ ଓ କିଛି ଲୋକଙ୍କୁ ଏ ନିର୍ଦ୍ଦେଶ ଦେଲେ ଯେ ସେମାନେ ଯମାତ୍‌ର ସେବା କରନ୍ତୁ । ଏହାପରେ ହଜ୍‌ରତ୍ ଖଲିଫତୁଲ୍ ମସିହ ସାଲିସ୍ (ତୃତୀୟ) ର:ଅ ତାଙ୍କୁ ନାଜିର୍ ଜିୟାଫତ୍ ଭାବରେ ନିଯୁକ୍ତ କରିଥିଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ର:ଅ ୧୯୮୨ ମସିହାରେ ତାଙ୍କୁ ତେହ୍‌ରିକେ ଜଦିଦ୍‌ର ୱ୍କିଲୁଲ୍ ଆଲା (ସର୍ବୋଚ୍ଚ ସଚିବ) ଭାବରେ ନିଯୁକ୍ତ କରିଥିଲେ । ତତ୍‌ସହିତ ସେ କିଛି ସମୟ ପର୍ଯ୍ୟନ୍ତ ତେହ୍‌ରିକେ ଜଦିଦ୍‌ର ଅତିରିକ୍ତ ସଭାପତି ରୂପେ ମଧ୍ୟ ସେବା ସମ୍ପାଦନ କରିଥିଲେ । ପୁନଶ୍ଚ ୧୯୮୯ ମସିହାରେ ତେହ୍‌ରିକେ ଜଦିଦ୍‌ର ସଭାପତି ଭାବରେ ମଧ୍ୟ ନିଯୁକ୍ତ ହୋଇଥିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ନିର୍ବାହ କରିଥିଲେ । ଏହାପରେ ସେ ୧୯୮୬ ମସିହାରୁ ଏଯାବତ୍ ଅତିରିକ୍ତ ନାଜିର୍ ଆଲା ଭାବରେ ସିନ୍ଧ ଇଲାକା ଇତ୍ୟାଦିର ନିରୀକ୍ଷକ କାର୍ଯ୍ୟ ମଧ୍ୟ ଦାୟିତ୍ୱ ତୁଲାଇ ଆସୁଥିଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ତୃତୀୟଙ୍କ ସମ୍ବନ୍ଧରେ ରବ୍‌ୱାରେ ତାଙ୍କୁ ସ୍ଥାନୀୟ ଅମୀର ହେବାର ସୌଭାଗ୍ୟ ମଧ୍ୟ ମିଳିଛି ।

***(ତାରିଖେ ଅହେମଦୀୟା ଖଣ୍ଡ-୨୮, ପୃ-୧୧୨,୩୩୫)***

ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ସ୍ଥାନୀୟ ରବୁ୍ୱା ଏବଂ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ମର୍କଜୀୟାରେ ବିଭିନ୍ନ ପଦବୀରେ ସେ ଅଧିଷ୍ଠିତ ଥିଲେ । ପୁଣି ୧୯୬୯ ରୁ ୧୯୭୩ ମସିହା ପର୍ଯ୍ୟନ୍ତ ସଦର ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ମର୍କଜୀୟା ଭାବେ ନିଯୁକ୍ତ ହୋଇଥିଲେ ।

୧୯୬୯ ମସିହାରେ ଯେତେବେଳେ ଯମାତ୍ ଅହେମଦୀୟାର ତୃତୀୟ ଖଲିଫା ତାଙ୍କୁ ସଦର ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ମୁତୟନ କରିଥିଲେ ଉକ୍ତ ଅବସରରେ ହଜୁର ତାଙ୍କୁ ଯେଉଁ ଅତି ଗୁରୁତ୍ୱପୂର୍ଣ୍ଣ ହିତୋପଦେଶ ଦେଇଥିଲେ ତାହା ଆପଣଙ୍କ ଅଭିଭାଷଣରୁ ସଂଗ୍ରହ କରିଛି ଯାହାକି ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ଅର୍ଥାତ ଆଧାତ୍ମିକ ସନ୍ତାନମାନଙ୍କ ପାଇଁ ମଧ୍ୟ ଲାଭ ଦାୟକ । ଏକଥା ଗୁଡ଼ିକୁ ଜମାତ୍‌ର କର୍ମିମାନେ ସର୍ବଦା ଗଣ୍ଠି ବାନ୍ଧିନେବା ଉଚିତ ତଥା ସେଥିମୁତାବକ ଅମଲ କରିବା ଉଚିତ ଏବଂ ନିଜର ବିଶ୍ଳେଷଣ କରିବା ଉଚିତ ଯେ ଆମେ ଠିକ୍ ଠିକ୍ ନିଜର କର୍ତବ୍ୟ ସମ୍ପାଦନ କରୁଅଛେ କି ନାହିଁ ।

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ କୁହନ୍ତି ଯୁବ ସଦରଙ୍କ ପାଇଁ ଦୁଆ କରିବା ଉଚିତ ଏ ଦାୟିତ୍ୱରେ ଥିବା ନିଷ୍ଠାବାନ ଯୁବକଙ୍କ ପାଇଁ ମଧ୍ୟ ଦୁଆ କରିବା ଉଚିତ । ଅଲ୍ଲାଃ ତାଲା ସେମାନଙ୍କ ପ୍ରଚେଷ୍ଟାଗୁଡ଼ିକୁ ଗ୍ରହଣ କରନ୍ତୁ ଏବଂ ଆଗମନକାରୀଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ ସେମାନେ ଅଲ୍ଲାଃ ତାଲାଙ୍କ ସାହାଯ୍ୟ କ୍ରମେ ପୂର୍ବଜମାନଙ୍କଠାରୁ ଅଧିକ କାମ କରି ଦେଖାନ୍ତୁ । ଆପଣ କୁହନ୍ତି ଆମେ କୌଣସି ସ୍ଥାନରେ ଅଟକି ଯାଇ ପାରିବାନାହିଁ ଆମର ପ୍ରତ୍ୟେକ ସଦସ୍ୟ ଉପରେ ଏହି ଦାୟିତ୍ୱ ନ୍ୟସ୍ତ ରହିଛି ଯେ ସେମାନେ ନିଜ ପୂର୍ବଜମାନଙ୍କଠାରୁ ଆଗକୁ ଅଗ୍ରସର ହେବାକୁ ପ୍ରୟାସ କରିବା ଉଚିତ କାରଣ ଅଲ୍ଲାଃ ତାଲାଙ୍କ କୃପାରୁ ଯମାତ୍ ଆଜି ପ୍ରସାର ଲାଭ କରିଚାଲିଛି, ଯମାତ୍‌ର କାମ ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି ଏବଂ ଆମର କର୍ତବ୍ୟ ମଧ୍ୟ ବଢ଼ି ଚାଲିଛି ତେବେ ମୁଁ କହୁଥିଲି ଯେଉଁ ବ୍ୟକ୍ତି ମଜ୍‌ଲିସ୍‌ର ସଦର ପଦରେ ମୁତୟନ ହେଲେ ଯଦିଚ ତାଙ୍କର ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସହିତ ରକ୍ତଗତ କୌଣସି ସମ୍ପର୍କ ନାହିଁ (ସେତେବେଳେ ବୋଧ ହୁଏ ଚୌଧୁରୀ ହମିଦୁଲ୍ଲାଃ ସାହେବଙ୍କର ପୂର୍ବରୁ ସମ୍ଭବତଃ ହଜ୍‌ରତ୍ ମିର୍ଜା ତାହେର୍ ଅହେମଦ୍ ଖଲିଫତୁଲ୍ ମସିହ ରାବେ ସଦର ଥିଲେ) । କିନ୍ତୁ ଆଧାତ୍ମିକ ସମ୍ବନ୍ଧ ଯୋଗୁଁ ପ୍ରତ୍ୟେକ ବ୍ୟକ୍ତି ନିଜ ଦାମ୍ଭିକତା, ପ୍ରଚେଷ୍ଟା, ଦୁଆ ଓ ନମ୍ରତାର ପରିଣାମ ସ୍ୱରୁପ ଶାରିରୀକ ସନ୍ତାନମାନଙ୍କଠାରୁ ବେଶ୍ ଆଗକୁ ବଢ଼ିଯାଇଥାନ୍ତି । ଯେବେ କି ସେମାନେ କେବଳ ଆଧାତ୍ମିକ ସନ୍ତାନ ହୋଇଥାନ୍ତି । ଶାରିରୀକ ସମ୍ପର୍କ ତ ଏକ ସାଂସାରିକ ସମ୍ପର୍କ ହୋଇଥାଏ ଧର୍ମ ଅବା ଆଧାତ୍ମିକ ସହିତ ତାହାର କୌଣସି ସମ୍ପର୍କ ନଥାଏ । ହଜ୍‌ରତ ମସିହ୍ ମଉଦ୍ ଆ:ସ ନିଜ ସନ୍ତାନମାନଙ୍କ ସହିତ ପ୍ରକୃତ ସମ୍ପର୍କ ଆଧାତ୍ମିକତାର ଥିଲା । ଏକଥା ହଜ୍‌ରତ ମସିହ୍ ମଉଦ୍ ଆ:ସଙ୍କ ରକ୍ତଗତ ସମ୍ପର୍କୀୟ ମାନଙ୍କୁ ମଧ୍ୟ ମନେ ରଖିବା ଉଚିତ ଯେ ହଜୁର ଆ:ସଙ୍କ ନିଜ ରକ୍ତର ସମ୍ପର୍କୀତ ସନ୍ତାନସନ୍ତତିଙ୍କ ସହ ମଧ୍ୟ ପ୍ରକୃତ ସମ୍ପର୍କ ଆଧାତ୍ମିକତାର ସମ୍ପର୍କ ଅଟେ । ଏଥିଯୋଗୁଁ କୁହାଯାଏ ଯେ, ଅବତାର ମାନେ ନା କାହାର ଉତରାଧିକାରୀ ହୋଇଥାନ୍ତି ନା ଆସନ୍ତା ପୀଢ଼ୀ ପାଇଁ କିଛି ଦେଇଥାନ୍ତି କାରଣ ଉତରାଧିକାରୀ ଶାରିରୀକ ନିକଟତା ସହ ସମ୍ବନ୍ଧିତ କିନ୍ତୁ ଯେଉଁ ପର୍ଯ୍ୟନ୍ତ ଆଧାତ୍ମିକ ବିଭୁତି ଓ ବର୍‌କତ୍‌ର କଥା ରହିଲା ତାହା ବାସ୍ତବିକ ତାହାହିଁ ସତ୍ୟ ଓ ତାହାହିଁ ବ୍ରହ୍ମଜ୍ଞାନ କାରଣ ଏହି ଆଧ୍ୟାତ୍ମିକ ସନ୍ତାନ ଅଲ୍ଲାଃ ତାଲାଙ୍କ ଆଦେଶ କ୍ରମେ ସୃଷ୍ଟି ହୋଇଥାଏ ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜ ସମର୍ପଣ ଓ ନିଷ୍ଠା ମୁତାବକ ପ୍ରତିଫଳ ପାଇଥାଏ । ପ୍ରକୃତ ପକ୍ଷେ ଏହି ଆଧାତ୍ମିକ ଅସ୍ତିତ୍ୱ ହିଁ ଆଧାତ୍ମିକ ସନ୍ତାନ ଅଟେ ତାହାର ରକ୍ତର ସନ୍ତାନ କେହି ନୁହେଁ ।

ଅସଲରେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଆଧାତ୍ମିକ ସନ୍ତାନ ହିଁ ପ୍ରକୃତ ପକ୍ଷେ ଆପଣଙ୍କ ଆଧାତ୍ମିକ ସନ୍ତାନ ସେଥିଯୋଗୁଁ ଆପଣ ନିଜ ରକ୍ତର ସନ୍ତାନମାନଙ୍କୁ କହିଲେ, ଯେ ଅଲ୍ଲାଃ ତାଲା ମୋ ପ୍ରାର୍ଥନା ଗୁଡ଼ିକୁ ସ୍ୱୀକୃତି ପ୍ରଦାନ କଲେ ଏବଂ ସେମାନଙ୍କୁ ମୋର ଆଧାତ୍ମିକ ସନ୍ତାନ କରିଦେଲେ କେବଳ ଶାରିରୀକ ସନ୍ତାନ ହେବା କୌଣସି ମହାନତା ନାହିଁ ନଚେତ ଆପଣଙ୍କୁ ସେହି ବିନୟ ଦୁଆ, ପ୍ରାର୍ଥନା କରିବାର କଣ ବା ଆବଶ୍ୟକତା ରହିଥିଲା ନା ସେଗୁଡ଼ିକର ସ୍ୱୀକୃତି ଲାଭ କରେଇବାର ଆବଶ୍ୟକ ଥିଲା । ସୁତରାଂ ଅସଲ ଉଦ୍ଦେଶ୍ୟ ଆଧାତ୍ମିକ ସମ୍ପର୍କକୁ ମଜ୍‌ଭୁତ କରିବା ଅଟେ । ତେଣେ ଶାରିରୀକ ସମ୍ପର୍କ ଥାଉ ଅବା ନଥାଉ । ଏହି ଦୃଷ୍ଟିରୁ ସେହି ଲୋକମାନେ ଭ୍ରମରେ ଅଛନ୍ତି ଯେ, ଏହି ଚିନ୍ତା କରୁଛନ୍ତି କି ଶାରିରୀକ ସନ୍ତାନ ହେବା ଜରୁରୀ । ଇସ୍‌ଲାମ୍‌ରେ କିଛି ଲୋକ ଏପରି ମଧ୍ୟ ଦେଖିବାକୁ ମିଳିଥାନ୍ତି ଯେ, ହଜୁର ସ:ଆ:ସଙ୍କ ରକ୍ତଗତ ସମ୍ପର୍କୀୟମାନଙ୍କ ସହିତ ଏଥିଯୋଗୁଁ ଶତୃତା ଲୋଡ଼ି ନେଇଥିଲେ କାରଣ ସେମାନେ ଆପଣଙ୍କ ରକ୍ତଗତ ସମ୍ପର୍କୀତ ଥିଲେ । କିନ୍ତୁ ସେମାନେ ମଧ୍ୟ ଭୁଲ୍ କରିଥିଲେ ଯଦିଚ ରକ୍ତ ସମ୍ପର୍କୀୟ ଥିବା ଯୋଗୁଁ ସେମାନଙ୍କୁ ସେହି ମାନ୍ ସମ୍ମାନ ପ୍ରାପ୍ତ ହୋଇଥିଲା କିନ୍ତୁ ଯଦି କେବଳ ଏଥିଯୋଗୁଁ ତାଙ୍କୁ କେହି ମହାନ୍ କୁହେ ତେବେ ସେ ମୂର୍ଖ ।

ଆପଣ କୁହନ୍ତି: ତାହା ଅନ୍ତରରେ କୌଣସି ଆଧାତ୍ମିକତା ନାହିଁ କିନ୍ତୁ ଯଦି ସେମାନଙ୍କଠାରେ ବଳିଦାନ ଓ ଉତ୍ସର୍ଗୀକୃତ ଭାବନା ଉତ୍ପନ ହୋଇଯାଏ ତେବେ ଅଲ୍ଲାଃ ସେମାନଙ୍କୁ ପ୍ରତିଫଳ ମଧ୍ୟ ପ୍ରଦାନ କରିଥାନ୍ତି ଏବଂ ଯେ ଶାରିରୀକ ସମ୍ପର୍କ ନଥାଇ ମଧ୍ୟ ଆଧାତ୍ମିକ ପ୍ରଭାବକୁ ଗ୍ରହଣ କରିଥାଏ ନିଜକୁ ସାଂସାରିକ ଦୃଷ୍ଟିରେ ନବୀର ପ୍ରକୃତ ସନ୍ତାନ ସାବ୍ୟସ୍ତ କରାଇଦିଏ ତାହା ସମ୍ବନ୍ଧରେ କେବଳ ନବୀ ସହିତ ଶାରିରୀକ ସମ୍ପର୍କ ରକ୍ଷା ନ କରିଥିବା ଯୋଗୁଁ ସେ ଏହି ମାନସମ୍ମାନ ଓ ଉଚ୍ଚ ଆସନର ଅଧିକାରୀ ହୋଇପାରିବ ନାହିଁ ଏହା କହିବା ମଧ୍ୟ ଭୁଲ୍ ହେବ । ସୁତରାଂ ଯଦି ଶାରିରୀକ ସମ୍ପର୍କ ରକ୍ଷା ନ କରି ସେ ଆଧାତ୍ମିକ ସମ୍ପର୍କ ସ୍ଥାପନ କରିନିଏ ତେବେ ସେ ସେହି ଆସନରେ ଅଧିଷ୍ଠିତ ହୋଇଯାଇଥାଏ । ପୁନଶ୍ଚ ଆପଣ କୁହନ୍ତି ଅସଲ କଥା ସତ୍‌ମାର୍ଗ ଅଟେ ଯେଉଁ ବ୍ୟକ୍ତି ପ୍ରଭୁଙ୍କ ଦୃଷ୍ଟିରେ ମର୍ଯ୍ୟାଦା ଓ ସମ୍ମାନ ଅର୍ଜନ କରିନିଏ ସେ ହିଁ କୃତକାର୍ଯ୍ୟ ଓ ସଫଳ ହୋଇଥାଏ ଏବଂ ନିଜ ସାମର୍ଥ୍ୟ ଅନୁଯାୟୀ ପ୍ରଭୁଙ୍କ ଧର୍ମ ସେବା କରିବାର ସୌଭାଗ୍ୟ ଲାଭ କରିଥାଏ । ଅଲ୍ଲାଃ ତାଲା ତାହାର ପ୍ରୟାସକୁ ଗ୍ରହଣ କରିଥାନ୍ତି ଯଦିଚ ଯୁଗାବତାର ସହିତ ତାହାର କୌଣସି ଶାରିରୀକ ସମ୍ପର୍କ ଥାଉ ଅବା ନଥାଉ, ଯେଉଁ ଲୋକମାନେ କହିଥାନ୍ତି ଯେ, ଯେହେତୁ ଏମାନଙ୍କର ଯୁଗାବତାର ସହିତ ରକ୍ତଗତ ସମ୍ପର୍କ ଥିଲା ସେଥିଯୋଗୁଁ ସେମାନେ ପବିତ୍ର ଓ ଉତମ ହୋଇଗଲେ ଏବଂ ସେମାନେ ଏହି ମାନସମ୍ମାନ ଓ ଗୌରବ ନିଜ ପୂର୍ବଜମାନଙ୍କ ଯୋଗୁଁ ଲାଭ କରିନେଇଛନ୍ତି, ଏହା ମଧ୍ୟ ଭୁଲ । ଏପରି ତ କାହାରିକୁ ଗୌରବ ଓ ସମ୍ମାନ ମିଳିନଥାଏ । ବାସ୍ତବପକ୍ଷେ ଆଧାତ୍ମିକ ସମ୍ପର୍କର ନାମ ଧର୍ମ ନିଷ୍ଠତା ଅଟେ । ଅଲ୍ଲାଃଙ୍କ ଖାତିର୍ ବ୍ୟକ୍ତିଗତ ପ୍ରିତି ସମ୍ପର୍କ ସ୍ଥାପନ କରିବା ଓ ସର୍ମପଣ ରଖି ବଳିଦାନ କରିବା ହିଁ ଅସଲ ସମ୍ପର୍କ ଏହା ବ୍ୟତିତ ଅନ୍ୟ କୌଣସି ସମ୍ପର୍କ ସମ୍ପର୍କ ନୁହେଁ ।

ପୁଣି କହିଲେ ଅଲ୍ଲାଃଙ୍କ କୃପାରୁ ଗତ ତିନିବର୍ଷ ହେଲା ଖୁଦ୍ଦାମୁଲ୍ ଅହେମଦୀୟା ବିଶେଷ ଭାବରେ ଉନ୍ନତି କରିଚାଲିଅଛି । କିନ୍ତୁ ପର୍ବତର ଉଚ୍ଚ ଶୃଙ୍ଗ ପରି ଖୁଦ୍ଦାମୁଲ୍ ଅହେମଦୀୟା ପାଇଁ କୌଣସି ଗୋଟିଏ ଗିରିଶୃଙ୍ଗ ଧାର୍ଯ୍ୟ ନାହିଁ ଯେଉଁ ସ୍ଥଳେ ପହଂଚି ସେମାନେ ମଣିନେବେ ଯେ ବାଶ୍ ବର୍ତମାନ ଆମ ପାଇଁ କୌଣସି ଲକ୍ଷ୍ୟ ପ୍ରାପ୍ତି କରିବା ଦରକାର ନାହିଁ । ଆମ କାମ ଶେଷ ହୋଇଯାଇଛି ବୋଲି ଏହାର କୌଣସି ସୀମା ନାହିଁ କାରଣ ଏହା ସେହି ପର୍ବତମାଳା ଯାହା ଉପରେ ପରମେଶ୍ୱରଙ୍କ ଆସନ ରହିଛି ମଣିଷ ଓ ପ୍ରଭୁଙ୍କ ମଧ୍ୟରେ ଯେଉଁ ଦୂରତା ରହିଛି ତାହା ଅସୀମିତ ତେଣୁ ଆମକୁ ପ୍ରୟାସ କରିବା ଉଚିତ ଯେ ଏହି ଜୀବିତ ରହିବା ସମୟ ମଧ୍ୟରେ ଆମେ କୌଣସି ସ୍ଥଳେ ଥକି ଯାଇ ବସିଯିବା ନାହିଁ ଅବା କୌଣସି ସ୍ଥଳେ ଅଟକି ଯିବାନାହିଁ । ଏହା ବୁଝି ନେବା କି ଆମେ ଯେଉଁ ଲକ୍ଷ୍ୟ ପ୍ରାପ୍ତି କରିବାର ଥିଲା ତାହା ଆମେ କରିନେଇଛେ ଆମ ପାଇଁ ସୀମାହୀନ ଉନ୍ନତି ଓ ସମୃଦ୍ଧି ଧାର୍ଯ୍ୟ ରହିଛି ଯଦି ଆମେ ଚେଷ୍ଟା କରୁ ତେବେ ପ୍ରଭୁ ଆମ ହୃଦୟରେ ନିଷ୍ଠା ଓ ଉତ୍ସର୍ଗ ତଥା ପ୍ରେମର ଭାବ ସଂଚାର କରିଦେବେ ଏବଂ ଆମେ ତାଙ୍କ କୃପାର ଅଧିକାରୀ ହୋଇଚାଲିଯିବା ଯଦ୍ୱାରା ସେ ପ୍ରଭୁଙ୍କ ଅଧିକ ପ୍ରୀୟଜନ ହୋଇପାରିବ । ସେ ନିଜଠାରୁ ବହୁ ଦୁରକୁ ଚାଲିଯାଇଥାଏ ।

***(ମଶ୍‌ଅଲେ ରାହ୍, ଖଣ୍ଡ-୨, ପୃ-୨୧୨-୨୧୪)***

ସୁତରାଂ ଆପଣ ଚୌଧୁରୀ ସାହେବଙ୍କୁ ଯେଉଁ ଉପଦେଶ ଦେଇଛନ୍ତି ଅର୍ଥାତ ହଜ୍‌ରତ୍ ଖଲିଫତୁଲ୍ ମସିହ ସାଲିସ୍ ରହେମୁଲ୍ଲାଃଙ୍କର ଏହି ଉପଦେଶ ଚୌଧୁରୀ ସାହେବଙ୍କ ଯୋଗୁଁ ଆମ ନିକଟରେ ପହଂଚିପାରିଛି । ତେଣୁ ଯଦି ପ୍ରତ୍ୟେକ ଉତ୍ସର୍ଗୀ ଓ ହଜ୍‌ରତ ମସିହ୍ ମଉଦ୍ ଆ:ସଙ୍କ ବଂଶଜମାନେ ଏହି ନିତିଶିକ୍ଷା ଗୁଡ଼ିକୁ ଧ୍ୟାନପୂର୍ବକ ଦେଖନ୍ତି ତେବେ ସେମାନେ ଚୌଧୁରୀ ସାହେବଙ୍କ ବୈକୁଣ୍ଠରେ ସ୍ତର ବୃଦ୍ଧି ହେବାପାଇଁ ଯେଉଁ ସ୍ଥଳେ ଦୂଆ କରିବେ

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 18-25 Mar 2021 Issue No. 11-12

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

ସେଠାରେ ତାଙ୍କ ଯୋଗୁଁ ଏହି ସ୍ୱର୍ଣ୍ଣ ଶବ୍ଦାବଳୀ ଆମକୁ ଶୁଣିବାର ଓ ବୁଝିବାର ଅବସର ମିଳିଲା ।

ହଜ୍‌ରତ୍ ଖଲିଫତୁଲ୍ ମସିହ ସାଲିସ୍ ର:ଅଙ୍କ କାଳରେ ତାଙ୍କୁ ସ୍ଥାନୀୟ ଅମୀର୍ ହେବାର ମଧ୍ୟ ସୌଭାଗ୍ୟ ଲାଭ ହୋଇଥିଲା । ରବ୍‌ୱାର୍ ସ୍ଥାନୀୟ ମଜ୍‌ଲିସେ ଖୁଦ୍ଦାମୁଲ୍ ଅହେମଦୀୟା ଏବ କେନ୍ଦ୍ରୀୟ ମଜ୍‌ଲିସେ ଖୁଦ୍ଦାମୁଲ୍ ଅହେମଦୀୟାର ବିଭିନ୍ନ ପଦବୀରେ ତାଙ୍କୁ ସେବା କରିବା ସୁଯୋଗ ପ୍ରାପ୍ତ ହୋଇଥିଲା ଏବଂ ଏହାପରେ ୧୯୬୯ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ଖୁଦ୍ଦାମୁଲ୍ ଅହେମଦୀୟାର କେନ୍ଦ୍ରୀୟ ସଭାପତି ଭାବରେ ମଧ୍ୟ ସେ ଦାୟିତ୍ୱ ତୁଲାଇଥିଲେ । ସେହି କାଳରେ ସମଗ୍ର ପୃଥିବୀରେ କେବଳ ଗୋଟିଏ କେନ୍ଦ୍ରୀୟ ଖୁଦ୍ଦାମୁଲ୍ ଅହେମଦୀୟା କାର୍ଯ୍ୟ କରୁଥିଲା ଏବଂ ପ୍ରତ୍ୟେକ ଦେଶର ଖୁଦାମ୍ ସଂସ୍ଥାକୁ (ପାକିସ୍ତାନର) କେନ୍ଦ୍ରରୁ ହିଁ ପରିଚାଳନା କରାଯାଉଥିଲା, ସେତେବେଳେ ପୃଥକ ପୃଥକ ସଭାପତି ନିଯୁକ୍ତ ହେଉନଥିଲେ । ତାଙ୍କ ସମ୍ପର୍କରେ ହଜରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ୧୯୭୦ ମସିହା କେନ୍ଦ୍ରୀୟ ଖୁଦ୍ଦାମୁଲ୍ ଅହେମଦୀୟାର ସମ୍ମିଳନୀକୁ ସମ୍ବୋଧିତ କରି କହିଲେ; "ମୁଁ ଜଣେ ନୈଷ୍ଠିକ ବାଳକ ଯାହାକୁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସହିତ ଶାରୀରିକ ସଂପର୍କ ତ' ନାହିଁ କିନ୍ତୁ ଦୃଢ଼ ଆଧ୍ୟାତ୍ମିକ ସଂପର୍କ ରହିଛି । ଯଦ୍ୱାରା ଅଲ୍ଲାଃ ତାଲା ତାଙ୍କୁ ଖୁଦ୍ଦାମୁଲ୍ ଅହେମଦୀୟାର ସଭାପତି ପଦରେ ଅଧିଷ୍ଠିତ କଲେ ଏବଂ ତାଙ୍କୁ କାର୍ଯ୍ୟ କରିବାପାଇଁ ସାମର୍ଥ୍ୟ ପ୍ରଦାନ କଲେ ତଥା ଉକ୍ତ ପ୍ରଚେଷ୍ଟାରେ ବର୍‌କତ୍ ପ୍ରଦାନ କଲେ ଏବଂ ଆମମାନଙ୍କର ନଗଣ୍ୟ ପ୍ରାର୍ଥନାକୁ ସ୍ୱୀକାର କଲେ ।" ***(ତାରିଖେ ଅହେମଦୀୟତ୍ ଖଣ୍ଡ-୨୬, ପୃ-୨୧୪)***

ଯେତେବେଳେ ସେ ନିଜ ସଦର ଖୁଦ୍ଦାମୁଲ୍ ଅହେମଦୀୟାର ଟର୍ମ ପୁରା କରିନେଲେ ସେତେବେଳେ ତାଙ୍କ ସମ୍ବର୍ଦ୍ଧନା ଉତ୍ସବରେ ତାଙ୍କ ପ୍ରସଙ୍ଗରେ ଯେଉଁ ଧନ୍ୟବାଦ ପତ୍ର ଲେଖା ଯାଇଥିଲା ସେଥିରେ କୌଣସି ଆଧିକ୍ୟତା ନାହିଁ । ତାହା ଏପରି ଥିଲା ଯେ ଚୌଧୁରୀ ହମିଦୁଲ୍ଲାଃ ସାହେବ୍ ନିଜ ଚାରିବର୍ଷ ସଦର ଖୁଦ୍ଦାମୁଲ୍ ଅହେମଦୀୟା ପଦବୀରେ କାର୍ଯ୍ୟକାରଣୀ କରିବା ଗୋଟିଏ ସୁନ୍ଦର ଅଧ୍ୟାୟ ଏହି ପ୍ରର୍ଯ୍ୟାୟରେ ଆପଣ ତୃତୀୟ ଖଲିଫାଙ୍କ ମାର୍ଗଦର୍ଶନ ଅନୁଯାୟୀ ପ୍ରତ୍ୟେକ କ୍ଷେତ୍ରରେ ସ୍ୱାଗତ ଯୋଗ୍ୟ କାର୍ଯ୍ୟ ସମ୍ପାଦନ କରିଛନ୍ତି । ଚୌଧୁରୀ ସାହେବ ଅତି ବିନମ୍ର, ନିସ୍ୱାର୍ଥପର ଓ କ୍ରମାଗତ ଭାବରେ ପରିଶ୍ରମ କରୁଥିବା ବ୍ୟକ୍ତି, ତାଙ୍କ ବ୍ୟକ୍ତିତ୍ୱ ଆସନ୍ତା ଯୁବପୀଢ଼ୀ ପାଇଁ ଅନୁକରଣ ଯୋଗ୍ୟ ପ୍ରମାଣିତ ସାବ୍ୟସ୍ତ ହେବ । ଇନ୍‌ଶାଅଲ୍ଲାଃ

ସ୍ୱର୍ଗତ ଚୌଧୁରୀ ସାହେବଙ୍କ ସଭାପତିତ୍ୱ କାଳରେ ସୟେଦିନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅଙ୍କ ଇଚ୍ଛାନୁଯାୟୀ ଖୁଦ୍ଦାମୁଲ୍ ଅହେମଦୀୟାର ପ୍ରତ୍ୟେକ ବିଭାଗ ପ୍ରତ୍ୟକ୍ଷ ରୂପେ ଉନ୍ନତି କରିଥିଲା । ତାଙ୍କ ସଭାପତିତ୍ୱର ଅବଧିକାଳରେ ଖଲିଫା ସାନିଙ୍କ ସୁନ୍ଦର ଓ ଭବ୍ୟ ଉପଦେଶାବଳୀଗୁଡ଼ିକୁ ମଶ୍‌ଅଲେ ରାହ୍ ନାମରେ ଏକ ପୁସ୍ତକ ଭାବରେ ପ୍ରକାଶିତ କରାଯାଇଛି ଏବଂ ଅତ୍‌ଫାଲ୍‌ମାନଙ୍କ ପାଇଁ ୟାଦ୍ ରଖନେ କି ବାତେଁ ନାମରେ ଏକ ପୁସ୍ତକ ପ୍ରକାଶିତ କରାଯାଇଛି । ମଜ୍‌ଲିସ୍‌ର ଅର୍ଥ ବ୍ୟବସ୍ଥା ସୁଦୃଢ଼ ହୋଇପାରିଛି । ସେ ଖଲିଫାଙ୍କ ପ୍ରତ୍ୟେକ ଆଦେଶ ଓ ନିର୍ଦ୍ଦେଶର ମନପ୍ରାଣରୁ ଆଜ୍ଞାବହ ଥିଲେ । ସଦାରତ୍‌ର ଦାୟିତ୍ୱ ତୁଲାଇବା ପୂର୍ବରୁ ସେ ବିଭିନ୍ନ ସମୟରେ କେନ୍ଦ୍ରୀୟ ମଜ୍‌ଲିସ୍ ଆମେଲାର ସଦସ୍ୟ ଭାବରେ ସେବା ସମ୍ପାଦନ କରିଥିଲେ । ***(ରିସାଲା ଖାଲିଦ୍ ଡ଼ିସେମ୍ବର ୧୯୭୩ ରବୁଓ୍ୱା, ପୃ-୩-୪)***

ସେହି ସମ୍ବର୍ଦ୍ଧନା ଉତ୍ସବରେ ତୃତୀୟ ଖଲିଫା ମଧ୍ୟ ସ୍ୱୟଂ ଉପସ୍ଥିତ ହୋଇ ଏକ ସଂକ୍ଷିପ୍ତ ଅଭିଭାଷଣ ପ୍ରଦାନ କରିଥିଲେ ତାହା ମଧ୍ୟ ଏଠାରେ ସଂକ୍ଷିପ୍ତରୂପେ ଚର୍ଚ୍ଚା କରିଦେଉଛି ।

ହଜୁର କୁହନ୍ତି ବିଦାୟ ନେଇ ଯାଉଥିବା ବ୍ୟକ୍ତିପାଇଁ ଆମେ ଦୁଆ କରୁଛୁ ଯେ ପ୍ରଭୁ ତାଙ୍କୁ ଉତମ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ଆଗମନକାରୀଙ୍କ ପାଇଁ ଆମେ ଦୁଆ କରୁଛୁ ଯେ ପ୍ରଭୁ ତାଙ୍କୁ ସୁନ୍ଦର ଓ ସ୍ୱୀକାର ଯୋଗ୍ୟ ସେବା ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆଜି ସଂସାର ବାସୀ ଖୁଦ୍ଦାମୁଲ୍ ଅହେମଦୀୟାଙ୍କୁ ଯେଉଁ ସ୍ଥଳେ ଦଣ୍ଡାୟମାନ ଥିବାର ଦେଖୁଛନ୍ତି ପ୍ରାରମ୍ଭରେ ଏପରି ନଥିଲା । ବରଂ ଗୋଟିଏ ଖୁଦ୍ର ବୀଜପରି ଏହା ଥିଲା । କିନ୍ତୁ ଆଜି ଏକ ସୁନ୍ଦର ଶ୍ୟାମଳ ଘନ ବୃକ୍ଷରେ ଏହା ପରିବର୍ତନ ଯାଇଛି । ପ୍ରତ୍ୟେକ ସଦର୍ ନିଜ ନିଜ ସମୟରେ ଦୁଇଟି କାର୍ଯ୍ୟ କରିଛନ୍ତି କିଏ ଅତି ସୁନ୍ଦର ଭାବରେ ତ' କିଏ ମଧ୍ୟମ ଧରଣର କାର୍ଯ୍ୟ ସମ୍ପାଦନ କରିଛନ୍ତି ତ ଆଉ କିଏ ସମୟ ଅତିବାହିତ କରିଛନ୍ତି କିଛି ପାର୍ଶ୍ୱରେ । ସେ ଯାହା ହେଉ ପ୍ରତ୍ୟେକ ସଦର ଦୁଇଟି କାର୍ଯ୍ୟ କରିଛନ୍ତି । ଗୋଟିଏ ହେଲା ଯାହା ଆମର ପରମ୍ପରା ଥିଲା ତାହାକୁ ସୁଦୃଢ଼ କରିବାକୁ ଚେଷ୍ଟା କରିଛନ୍ତି ଓ ଦ୍ୱିତୀୟରେ ଯାହା ଆବଶ୍ୟକ ଥିଲା ତାହା ପୂରଣ କରିବାକୁ ପୂର୍ଣ୍ଣ ପ୍ରୟାସ କରିଛନ୍ତି । ନୂଆ ଆବଶ୍ୟକତା ସୃଷ୍ଟି ହୋଇଥାଏ । ତେଣୁ ସେ ସବୁକୁ ପୂରଣ କରିବା ପାଇଁ ଚେଷ୍ଟା କରିଛନ୍ତି । ଏକ ଜୀବନ୍ତ ଅସ୍ତିତ୍ୱକୁ ଏହି ଦୁଇଟିର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଯେହେତୁ ଏହି ତଞ୍ଜିମ୍ ଅର୍ଥାତ ଏହି ସଂସ୍ଥାର ସମ୍ପର୍କ ନବୀ କରିମ୍ ସ:ଆ:ସଙ୍କ ମେହେଦୀର ଏହି ଯମାତ୍ ସହିତ ରହିଛି । ଯାହା ପ୍ରସଙ୍ଗରେ ସୁସମାଚାର ଦିଆଯାଇଛି ଯେ ପ୍ରଳୟ ଦିବସ ପର୍ଯ୍ୟନ୍ତ ଏହି ଯମାତ୍ ଏହି ଦାୟିତ୍ୱ ନିର୍ବାହ କରିଚାଲିବ ଏବଂ ସେମାନଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରାଯାଇଛି କାରଣ ଏହି ଯମାତ୍‌ର ଧାରାବାହିକ ପ୍ରକ୍ରିୟା ପ୍ରଳୟ ଦିବସ ପର୍ଯ୍ୟନ୍ତ ଯୋଡ଼ି ଦିଆଯାଇଛି । ତେଣୁ ଯମାତ୍‌ର ପ୍ରତ୍ୟେକ ଅନ୍ତଃବ୍ୟବସ୍ଥାଗୁଡ଼ିକ ପ୍ରତ୍ୟେକ ଯୁଗରେ ସୁନ୍ଦର ଓ ସୁଚାରୁରୂପେ ନିଜ କାର୍ଯ୍ୟରେ ଆଗକୁ ବଢ଼ିଚାଲିବା ସେମାନଙ୍କର କର୍ତବ୍ୟ ଯେଉଁମାନଙ୍କର ହସ୍ତରେ ସଂସ୍ଥାର ରଜ୍ଜୁ ଅର୍ପଣ କରାଯାଇଛି ।

ପୁନଶ୍ଚ କହିଲେ, ଆମେ କୌଣସି ସ୍ଥଳେ ଅଟକି ପାରିବାନାହିଁ କାରଣ ଅଟକି ଯିବା ହେଉଛି ମୃତ୍ୟୁର ଅନ୍ୟ ନାମ ଏହା ଜୀବିତ ରହିବାର ମୂଳମନ୍ତ୍ର ସୁତରାଂ ଏହି ମୂଳମନ୍ତ୍ରକୁ ଆମେ ପ୍ରତ୍ୟେକ ସ୍ତର ଓ ବ୍ୟବସ୍ଥାର ପ୍ରତ୍ୟେକ କର୍ମକର୍ତା ମାନଙ୍କୁ ସଦା ସର୍ବଦା ମନେ ରଖିବା ଉଚିତ କି ଆମେ କୌଣସି ସ୍ଥଳେ ଅଟକି ପାରିବାନାହିଁ କାରଣ ଅଟକି ଯିବା ମୃତ୍ୟୁର ଅନ୍ୟ ନାମ ଅଟେ । ଆପଣ କହିଲେ, ଆସନ୍ତାରେ ପ୍ରତ୍ୟେକ ନୂତନ ସଦର ଉପରେ ପୂର୍ବାପେକ୍ଷା ଅଧିକ କର୍ତବ୍ୟ ନ୍ୟସ୍ତ ହୋଇଥାଏ କାରଣ ତାଙ୍କ ପୂର୍ବ ସଦର ଦୁଇବର୍ଷ ପୂର୍ବର ଅବସ୍ଥାକୁ ଦୃଷ୍ଟିରେ ରଖି ଆଗକୁ ଅଗ୍ରସର ହୋଇଥିଲେ ଏବଂ ଆଗକୁ କାମର ବ୍ୟାପକତା ବଢ଼ିଚାଲିଛି ଏବଂ ଖଲିଫାଙ୍କ ଦରବାରରୁ ନୂତନ ନିର୍ଦ୍ଦେଶନାମା ହସ୍ତଗତ ହୋଇଥାଏ, ନୂତନ କାର୍ଯ୍ୟଭାର ପଡ଼ିଥାଏ ପୁଣି ନୂତନ ଆବଶ୍ୟକତାକୁ ପୂରଣ କରିବା ତଥା ନୂତନ ସମସ୍ୟାମାନଗୁଡ଼ିକୁ ସମାଧାନ କରିବା, ତାହାକୁ ବୁଝିବା ପାଇଁ ନୂତନ ସଂକଳ୍ପ ଆବଶ୍ୟକ କରିଥାଏ ।

ଅଲ୍ଲାଃ ତାଲା ପ୍ରୀୟ ଭାଇ ଓ ଯୁବ ହମିଦୁଲ୍ଲାଃ ସାହେବଙ୍କୁ ଯେଭଳି ସୁନ୍ଦର ରୂପେ ଯମାତ୍‌ର ସେବା ସମ୍ପାଦନ କରିବାକୁ ସୁଯୋଗ ପ୍ରଦାନ କଲେ ତାଙ୍କୁ ଅଧିକ ଦାୟିତ୍ୱ ଅନ୍ୟ ବିଭାଗଗୁଡ଼ିକରେ ନ୍ୟସ୍ତ କରାଯିବ । ଶେଷ ନିସ୍ୱାଶ ପର୍ଯ୍ୟନ୍ତ ଅତି ସୁନ୍ଦର ଭାବରେ ସେବା ସମ୍ପାଦନ କରିବାକୁ ଅଲ୍ଲାଃ ତାଲା ତାଙ୍କୁ ଶକ୍ତି ପ୍ରଦାନ କରିଚାଲନ୍ତୁ । ***(ମଶ୍‌ଅରେ ରାହ୍, ଖଣ୍ଡ-୨, ପୃ-୪୧୪-୪୧୫, ଖୁତାବ୍ ପ୍ରଦତ ୦୧ ଡ଼ିସେମ୍ବର ୧୯୭୩)***

୧୯୭୪ ସାଂପ୍ରଦାୟିକତା ମୂଳକ ଜରୁରୀ କାଳୀନ ପରିସ୍ଥିତିରେ ମଧ୍ୟ ସେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୁମିକା ଗ୍ରହଣ କରିଥିଲେ । ***(ସିଲ୍‌ସିଲା ଅହେମଦୀୟା, ଖଣ୍ଡ-୩, ପୃ-୨୮୧)***

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ ଲଣ୍ଡନ ପ୍ରବାସ କରିବା ପରେ ହଜୁରଙ୍କ ପରାମର୍ଶ କ୍ରମେ ସେ ଏଠାକୁ ଆସିଲେ ଏବଂ ଏକ ବର୍ଷରୁ ଉର୍ଦ୍ଧ ସମୟ ଧରି ଏଠାରେ ଅବସ୍ଥାନ କରିଥିଲେ ଏବଂ ଏଠାରେ ମଧ୍ୟ ଯେଉଁ କେନ୍ଦ୍ରୀୟ ବ୍ୟବସ୍ଥା ରହିଥିଲା ତାହାକୁ ସ୍ଥାପନ ତଥା ସୁସଂଗଠିତ କରିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେ ୧୯୮୨ ମସିହାରୁ ୧୯୯୯ ମସିହା ପର୍ଯ୍ୟନ୍ତ ଅନ୍‌ସାରୁଲ୍ଲାଃର ସଭାପତି ଭାବରେ ଦାୟିତ୍ୱ ତୁଲାଇ ଥିଲେ । ସେତେବେଳେ ଅବଧର ସର୍ତ ନଥିଲା ତେଣୁ ସେ ସତର ବର୍ଷ ପର୍ଯ୍ୟନ୍ତ ସଦର୍ ଅନ୍‌ସାରୁଲ୍ଲାଃ ଭାବରେ କାର୍ଯ୍ୟ ସମ୍ପାଦନ କରିଛନ୍ତି । ଅନ୍‌ସାରୁଲ୍ଲାଃ ସମ୍ବନ୍ଧରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର:ଅଙ୍କ ଉପଦେଶାବଳୀଗୁଡ଼ିକ ଉପରେ ଆଧାରିତ ପୁସ୍ତକ "ସବିଲୁର୍ ରଶାଦ୍"ର ପ୍ରଥମ ଖଣ୍ଡ ସଙ୍କଳିତ ହୋଇ ପ୍ରକାଶ କରାଯାଇଥିଲା । ଗେଷ୍ଟହାଉସ୍‌ର ନବୀକରଣ ଓ ବ୍ୟାପକ କାର୍ଯ୍ୟ କରାଗଲା । ଜମାଅତ୍ ଅହେମଦୀୟାର ଶତବାର୍ଷିକୀ ୧୯୮୯ ମସିହାରେ ଯେଉଁ ଯୋଜନା କମିଟି ହୋଇଥିଲା ସେହି ଯୋଜନା କମିଟିର ମଧ୍ୟ ସେ ସଭାପତି ଭାବରେ ଦାୟିତ୍ୱ ତୁଲାଇ ଥିଲେ । ଏହା ପୂର୍ବରୁ ସେ ଅହେମଦୀୟା ଶତବାର୍ଷିକୀ ଯୋଜନା କମିଟିର ସଚିବ ଭାବରେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ । ୨୦୦୫ ମସିହାରେ ଖିଲାଫତ୍ ଅହେମଦୀୟା ଜୁବୁଲି କମିଟିର ସଭାପତି ନିଯୁକ୍ତ ହେଲେ । ଖିଲାଫତେ ଅହେମଦୀୟା ଶତବାର୍ଷିକୀ ମର୍କଜୀ କମିଟିର ସେ ଶେଷ ପର୍ଯ୍ୟନ୍ତ ସଭାପତି ଥିଲେ ।

୨୦୦୩ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅଙ୍କ ଅକାଳ ବିୟୋଗ ଅବସରରେ ଇନ୍‌ତେଖାବେ ଖିଲାଫତ୍ (ଖଲିଫା ଚୟନ) ସଭାର ସଭାପତିତ୍ୱର ଯଶ ମଧ୍ୟ ସେ ଅର୍ଜନ କରିଛନ୍ତି । ସେ ଆଫ୍ରିକା ଓ ୟୁରୋପ ସମେତ ବିଭିନ୍ନ ଦେଶରେ ଓ୍ୱକିଲେ ଆଲା ଭାବରେ ମଧ୍ୟ ଭ୍ରମଣ କରିଥିଲେ ।

୧୯୭୩ ମସିହାରେ ସମ୍ମାନନୀୟ ସୟେଦ୍ ମୀର୍ ଦାଉଦ୍ ଅହେମଦ ସାହେବଙ୍କ ବିୟୋଗରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ (ତୃତୀୟ) ତାଙ୍କୁ ଅଫିସର ଜଲ୍‌ସା ସାଲାନା ଭାବରେ ନିଯୁକ୍ତ କରିଥିଲେ । ୧୯୭୩ ମସିହାରେ ମୃତ୍ୟୁ ପର୍ଯ୍ୟନ୍ତ ସେ ଅଫିସର ଜଲ୍‌ସା ସାଲାନା ଦାୟିତ୍ୱ ତୁଲାଇ ଥିଲେ । ୧୯୯୧ ମସିହାରେ କାଦିୟାନ୍‌ର ଜଲ୍‌ସା ସାଲାନାରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ର:ଅ ତାଙ୍କୁ ଅଫିସର୍ ଜଲ୍‌ସା ସାଲାନା ନିଯୁକ୍ତ କରିଥିଲେ ।

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ କାଦିଆନ୍ ଯାଇଥିଲେ । ସେଠାରୁ ତାଙ୍କୁ ପ୍ରଶଂସା କରି ଖୁତ୍‌ବାରେ କହିଥିଲେ ଯେ ପାକିସ୍ତାନରୁ ଚୌଧୁରୀ ହମିଦୁଲ୍ଲାଃ ସାହେବ ଏବଂ ମିଆଁ ଗୁଲାମ୍ ଅହେମଦ୍ ସାହେବ୍ ଆସି ବହୁତ ପରିଶ୍ରମ କରି କାଦିଆନ୍‌ର ସମସ୍ୟାଗୁଡ଼ିକୁ ସମାଧାନ କରିଛନ୍ତି । ୧୯୭୭ ମସିହାରେ ତାଙ୍କୁ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan